

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୭ ସେପ୍ଟେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 17 SEPTEMBER 2021

Vol.No. 32 ■ No. 239 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଡିଆରଡିଓରୁ ତଥ୍ୟ ଲିକ୍ ମାମଲାରେ ଆଉ ଜଣେ ଗିରଫ




ବାଲେଶ୍ୱର,୧୬/୦୯(ନି.ପ୍ର): ଚାନ୍ଦିପୁର ଡିଆରଡିଓ ତଥ୍ୟ ଲିଙ୍କ୍ ମାମଲାରେ ଆଉ ଜଣଙ୍କୁ ଗିରଫ କଲା ପୋଲିସ । ଗିରଫ ଅଭିଯୁକ୍ତ ସଚିନ କୁମାର ଡିଆରଡିଓରେ ଡ୍ରାଇଭର ଭାବେ କାମ କରୁଥିଲେ । ଆଉ ଗିରଫ ପରେ ତାଙ୍କୁ ପୋଲିସ ହେପାଜତକୁ ନିଆଯିବା ସହ ପଚରାଉଚରା କରାଯାଉଛି । ସଚିନଙ୍କ ଗିରଫ ପରେ ଡିଆରଡିଓ ତଥ୍ୟ ଲିକ୍ ମାମଲାରେ ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି । ଏହାପୂର୍ବରୁ ଗତ ମଙ୍ଗଳବାର ଦିନ ଡିଆରଡିଓର ତଥ୍ୟ ଲିକ୍ ମାମଲାରେ ୪ ଜଣଙ୍କୁ ଗିରଫ କରିଥିଲା ବାଲେଶ୍ୱର ପୋଲିସ । ଏବେ କ୍ରାଇମବ୍ରାଞ୍ଚ ଏହି ଘଟଣାରେ ଅଭିଯୁକ୍ତଙ୍କୁ ଜେରା କରିବ । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ କାମ କରୁଥିବା କର୍ମଚାରୀ, ପାକିସ୍ତାନର ଜଣେ ମହିଳାଙ୍କ ହନିଟ୍ରାପରେ ପଡିଥିଲେ । ଜଣକ ପରେ ଜଣେ ଏହି ମହିଳାଙ୍କ ସମ୍ପର୍କରେ ଆସିଥିଲେ । ସର୍ଭିଲାନ୍ସରୁ ଜଣାପଡିଛି, ପାକିସ୍ତାନୀ ମହିଳାଙ୍କ ସହ ଅଭିଯୁକ୍ତମାନେ ନିୟମିତ ଯୋଗାଯୋଗରେ ରହିବା ସହ ଟଙ୍କା କାରବାର କରୁଥିଲେ । ଅନ୍ତର୍ଜାତିକ କଲ ମାଧ୍ୟମରେ ତଥ୍ୟ ଆଦାନ ପ୍ରଦାନ ହେଉଥିଲା । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେବା ପରେ ଅଭିଯୁକ୍ତଙ୍କ ଆକାଉଂଟକୁ ଆସୁଥିଲା ପୁଳା ପୁଳା ଟଙ୍କା । ବର୍ଷେ ହେବ ଟଙ୍କା କାରବାର ଚାଲିଥିଲା । ଅନଲାଇନ ମାଧ୍ୟମରେ ଟଙ୍କା କାରବାର ହେଉ ଥିବାରୁ କେତେ ଟଙ୍କା ଆକାଉଣ୍ଟକୁ ଆସିଛି ତାହା ଏଯାଏଁ ସ୍ପଷ୍ଟ ହୋଇନାହିଁ । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ତଥ୍ୟ ଲିକ ଘଟଣାରେ ସାମ୍ନାକୁ ଆସୁଛି ଆହୁରି ସାଂଘାତିକ ତଥ୍ୟ । ସୂଚନା ଅନୁସାରେ, ତଥ୍ୟ ଲିକ ନେଇ ଗିରଫ ଅଭିଯୁକ୍ତ କ୍ଷେପଣାସ୍ତ୍ର ଘାଟିର କ୍ୟାମ୍ପସ ଭିତରେ ଥିବା ବ୍ୟାଙ୍କରୁ ବିଦେଶୀ ମୁଦ୍ରା କାରବାର କରିଛନ୍ତି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ▶▶ପୃଷ୍ଠା ୭

## ବାଲେଶ୍ୱରରେ ପହଞ୍ଚିଲା ଏନ୍ଆଇଏ ଟିମ୍




ବାଲେଶ୍ୱର,୧୬/୦୯ (ନି.ପ୍ର): ଏହି ମାମଲାରେ କ୍ରାଇମବ୍ରାଞ୍ଚ ତଦନ୍ତ କରୁଥିବା ବେଳେ ଆଜି ବାଲେଶ୍ୱରରେ ପହଞ୍ଚିଛି ଏନ୍ଆଇଏର ଦୁଇ ଜଣିଆ ଟିମ୍ । କୋଲକାତାରୁ ଆସିଥିବା ଏହି ଟିମ୍ ବାଲେଶ୍ୱର ଏସ୍ପିଙ୍କୁ ଭେଟିଛନ୍ତି । ଏହି ମାମଲାରେ ଏନ୍ଆଇଏ ତଦନ୍ତ କରିବ ନା କ୍ରାଇବ୍ରାଞ୍ଚକୁ ସାହାଯ୍ୟ କରିବ, ତାହା ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଡିଆରଡିଓର ଗୁପ୍ତ ତଥ୍ୟ ଲିକ୍ ମାମଲାରେ ବୁଧବାର ବାଲେଶ୍ୱର ପୁଲିସ୍ ଆଇଟିଆର ୪ ଜଣ ଠିକା କର୍ମଚାରୀଙ୍କୁ ଗିରଫ କରିଥିବା ବେଳେ ଆଜି ଆଉ ଜଣକୁ ଗିରଫ କରିଛି। ଆଜି ଗିରଫ ହୋଇଥିବା ବ୍ୟକ୍ତି ହେଉଛନ୍ତି ସଚିନ କୁମାର ଓରଫ ଛତା। ତାଙ୍କ ଘର ଉତ୍ତର ପ୍ରଦେଶ। ସଚିନ ଡିଆରଡିଓରେ ଜଣେ ଡ୍ରାଇଭର ଭାବେ କାମ କରୁଥିଲେ। ସଚିନଙ୍କୁ ଆଜି କୋର୍ଟରେ ହାଜର କରାଯାଇଛି। ତାଙ୍କ ଜାମିନ ନାମଞ୍ଜୁର ହେବାରୁ କୋର୍ଟ ଚାଲାଣ କରାଯାଇଛି। ତଥ୍ୟ ଲିକ୍ ଘଟଣାରେ ବର୍ତ୍ତମାନ ସୁଦ୍ଧା ଗିରଫଦାରୀ ସଂଖ୍ୟା ୫ରେ ପହଞ୍ଚିଛି। ପାକିସ୍ତାନୀ ଗୁପ୍ତଚର ସଂସ୍ଥା ISIକୁ ତଥ୍ୟ ଲିକ କରୁଥିବା ଅଭିଯୋଗରେ ଏମାନେ ଗିରଫ ହୋଇଛନ୍ତି। ▶▶ପୃଷ୍ଠା ୭

# ଶନିବାର ୪ ଜିଲ୍ଲାରେ ବନ୍ୟା ଆଶଙ୍କା : ଜିଲ୍ଲା ପ୍ରଶାସନକୁ ସତର୍କ କଲେ ସରକାର



ଭୁବନେଶ୍ୱର,୧୬/୦୯(ନି.ପ୍ର): ଫୁଲୁଛି ମହାନଦୀ । ଶନିବାର ସନ୍ଧ୍ୟାରେ ବନ୍ୟା । ହୀରାକୁଦରେ ଅଧିକ ଗେଟ୍ ଖୋଲାଯିବା ପରେ ଉଛୁଳୁଛି ମହାନଦୀ । ହୀରାକୁଦରୁ ଛଡାଯାଇଥିବା ପାଣି ପହଁଚିବା ପରେ ଜଳସ୍ତର ଆହୁରି ବଢ଼ିବ । ଶନିବାର ସକାଳ ସୁଦ୍ଧା ମୁଣ୍ଡଳି ନିକଟରେ ୮ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ସମ୍ଭାବନା ରହିଛି । ଜଳସ୍ତର ବଢ଼ିବା ଯୋଗୁଁ ଶନିବାର ସନ୍ଧ୍ୟାରେ ମହାନଦୀ ଓ ଏହାର ଶାଖା ନଦୀରେ ନିମ୍ନ ମଧ୍ୟମ ଧରଣର ବନ୍ୟା ଆଶଙ୍କା ରହିଛି । ପ୍ରଭାବିତ ହେବ ୪ ଜିଲ୍ଲା । ତଳିଆ ଅଂଚଳକୁ ବେଶୀ ବିପଦ । ମହାନଦୀରେ ଆସୁଥିବା ବନ୍ୟା ନିମ୍ନ ମଧ୍ୟମ ଧରଣ ହେବ ବୋଲି କୁହାଯାଉଥିଲେ ବି, ଅବବାହିକାରେ ଥିବା କଟକ, ପୁରୀ, କେନ୍ଦ୍ରାପଡା ଓ ଜଗତସିଂହପୁର ୪ଜିଲ୍ଲାକୁ ସତର୍କ କରିଛନ୍ତି ସରକାର । ଏହି ଚାରି ଜିଲ୍ଲା ଦେଇ ମହାନଦୀ ଓ ତାର ଶାଖା ନଦୀ ପ୍ରବାହିତ ହେଉଛି । ଜଳସ୍ତର ବଢ଼ିଲେ, ପ୍ରବାହିତ ହେଉଥିବା ଏସବୁ ନଦୀ ଅବବାହିକାରେ ଥିବା ୪ ଜିଲ୍ଲାର ତଳିଆ ଅଂଚଳରେ ବନ୍ୟା ହେବା ଆଶଙ୍କା ରହିଛି । ସେପଟେ ବନ୍ୟା ଆଶଙ୍କାରେ ମୁକାବିଲା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି । ଓଡ୍ରାଫ, ଏନଡିଆରଏଫ, ଅଗ୍ନିଶମ ବାହିନୀ ମୁତୟନ ହୋଇଛି । ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ପ୍ରସ୍ତୁତିକୁ ଜୋରଦାର କରିଛନ୍ତି ରାଜ୍ୟ ସରକାର । ସତର୍କ ରହିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଉପକୂଳ ଜିଲ୍ଲା ଗୁଡିକରେ ଓଡ୍ରାଫ୍, ଏନଡିଆରଏଫ ଓ ଅଗ୍ନିଶମ ବାହିନୀକୁ ମୁତୟନ କରାଯାଇଛି । ସେହିପରି ଜଳସମ୍ପଦ ବିଭାଗ କର୍ମଚାରୀଙ୍କ ସଜାଗ ରହିବାକୁ କୁହାଯାଇଛି । ବନ୍ୟା ଆଶଙ୍କା ଭିତରେ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ଭୟ ବଢ଼ାଇଛି । କାରଣ ୧୮ ତାରିଖରେ ଏହା ଲଘୁଚାପରେ ପରିଣତ ▶▶ପୃଷ୍ଠା ୭

## ୨୭ ସେପ୍ଟେମ୍ବର ଭାରତ ବନ୍ଦକୁ ସିପିଆଇ (ଏମ୍-ଏଲ୍) ଲିବରେସନର ସମର୍ଥନ

ଭୁବନେଶ୍ୱର,୧୬/୦୯(ନି.ପ୍ର): ସଂଯୁକ୍ତ କୃଷକ ମୋର୍ଚ୍ଚା ୨୭ ସେପ୍ଟେମ୍ବରକୁ ଭାରତ ବନ୍ଦର ଡ଼ାକରା କୁ ସିପିଆଇ (ଏମ୍-ଏଲ୍) ଲିବରେସନ ପୂର୍ଣ୍ଣ ସମର୍ଥନ ଜ୍ଞାପନ କରୁଛି ବୋଲି ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର ସୂଚନା ଦେଇଛନ୍ତି। କେନ୍ଦ୍ରର ତିନି କଳା କୃଷି ଆଇନ୍, ବିଜୁଳି ବିଲ୍ ୨୦୨୦, ଚାରି ଶ୍ରମକୋଡ୍ ବାତିଲ୍, ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟର ଗ୍ୟାରେଂଟି ଦାବି ସହ ଦେଶର ସମସ୍ତ ମୂଲ୍ୟବାନ ସମ୍ପତିକୁ ଆଖିବୁଜା କର୍ପୋରେଟ ସଂସ୍ଥାକୁ ଟେକି ଦେବା, ଶିକ୍ଷା ଓ ସ୍ୱାସ୍ଥ୍ୟରେ ବ୍ୟବସାୟୀକରଣ କରିବା ବିରୁଦ୍ଧରେ ଏହି ଡ଼ାକରା ଦିଆଯାଇଛି। ଏହା କେବଳ ଏତିକିରେ ସୀମିତ ନାହିଁ, ସମ୍ବିଧାନ, ଗଣତନ୍ତ୍ର, ଗଣତାନ୍ତ୍ରିକ ଅନୁଷ୍ଠାନ ଓ ବ୍ୟକ୍ତି ସ୍ୱାଧୀନତା ଆଜି ବିପନ୍ନ। କଷ୍ଟସାଧ୍ୟ ସ୍ୱାଧୀନତା ଓ ଶ୍ରମିକଙ୍କ ଅଧିକାର ସବୁ ଧୂଳିସାତ ହେବାରେ ଲାଗିଛି। ଦରଦାମ ବୃଦ୍ଧି ଓ ବେକାରୀ ସଙ୍ଗୀନ ହେବାରେ ଲାଗିଛି। ସୁପ୍ରିମକୋର୍ଟ ନେତୃତ୍ୱାଧୀନ ଚୟନ କମିଟି ଦ୍ୱାରା ଟ୍ରିବୁନାଲ ସଦସ୍ୟ ଓ ବିଭିନ୍ନ କୋର୍ଟର ବିଚାରପତି ନିଯୁକ୍ତି ମଧ କେନ୍ଦ୍ରର ମନମାନିରେ ଚାଲିଛି। ଏହା ଗଣତନ୍ତ୍ର ପ୍ରତି ଏକ ଶକ୍ତ ଧକ୍କା।

## ହାଇଦ୍ରାବାଦ୍ ଦୁଷ୍କର୍ମ ଓ ହତ୍ୟା ଘଟଣାର ଅଭିଯୁକ୍ତ ମୃତ

ନୂଆଦିଲ୍ଲୀ,୧୬/୦୯: 'ଏନ୍କାଉଣ୍ଟର' କରିବାକୁ ମନ୍ତ୍ରୀ କହିବାର ୨୪ ଘଂଟା ନପୁରୁଣୁ ହାଇଦ୍ରାବାଦର ଦୁଷ୍କର୍ମ ଓ ହତ୍ୟା ଘଟଣାର ଅଭିଯୁକ୍ତର ମୃତଦେହ ରେଳ ଲାଇନରୁ ମିଳିଛି । ୬ ବର୍ଷୀୟ ବାଳିକାକୁ 'ଦୁଷ୍କର୍ମ ଓ ହତ୍ୟା'ରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ଶବ ଆଜି ସକାଳେ ରେଳଧାରଣା ଉପରୁ ମିଳିଛି । ଅଭିଯୁକ୍ତ ଦେ?ଡ଼ି ପଳାଇଯିବାକୁ ଉଦ୍ୟମ କରୁଥିବା ବେଳେ ଅଭିଯୁକ୍ତ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିବା କଥା ପୁଲିସ କହୁଛି। ଟୁଇଟର୍ରେ ଅଭିଯୁକ୍ତଙ୍କ ମୃତଦେହର ଫଟୋ ସେୟାର୍ କରି ତେଲେଙ୍ଗାନା ପୁଲିସ ମୁଖ୍ୟ ଏ ଖବରକୁ ସୁନିଶ୍ଚିତ କରିଛନ୍ତି ।ହାଇଦ୍ରାବାଦ ଦୁଷ୍କର୍ମ ମାମଲାର ଅଭିଯୁକ୍ତଙ୍କୁ 'ଏନ୍କାଉଣ୍ଟର' କରି ହତ୍ୟା କରାଯିବ ବୋଲି ମଙ୍ଗଳବାର ଦିନ ତେଲେଙ୍ଗାନା ଶ୍ରମ ମନ୍ତ୍ରୀ ମଲ୍ଲା ରେଡ୍ଡୀ କହିଥିଲେ। ସାମ୍ବାଦିକମାନଙ୍କୁ ସେ କହିଥିଲେ, ୬ ବର୍ଷୀୟ ବାଳିକାକୁ ଯଥାଶୀଘ୍ର ନ୍ୟାୟ ମିଳିବ । ଅଭିଯୁକ୍ତକୁ ଆମେ ନିଶ୍ଚୟ ଧରିବୁ ଏବଂ ଏନ୍କାଉଣ୍ଟର କରି ମାରିବୁ। ତାକୁ ଛାଡ଼ିବାର କଥା ହିଁ ଉଠୁନାହିଁ ବୋଲି ରେଡ୍ଡି କହିଥିଲେ । ସୂଚନା ମୁତାବକ, ୩୦ ବର୍ଷୀୟ ଏହି ଅଭଯୁକ୍ତକୁ ଖୋଜିବାକୁ ୧୫ଟି ପୁଲିସ ଟିମ୍ ଗଠନ କରାଯାଇ ମହାରାଷ୍ଟ୍ର ଏବଂ ହାଇଦ୍ରାବାଦକୁ ପଠାଯାଇଥିଲା। ଫେରାର ଅଭିଯୁକ୍ତଙ୍କ ସୂଚନା ଦେଇ ପାରିଲେ ୧୦ ଲକ୍ଷ ଟଙ୍କା ପୁରସ୍କାର ମିଳିବ ବୋଲି ପୂର୍ବରୁ ହାଇଦ୍ରାବାଦ ପୁଲିସ ଘୋଷଣା କରିଥିଲା ।ସେପଟେମ୍ବର ୯ ତାରିଖରେ ନବର୍ଷର ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା କରିଥିଲା ଅଭିଯୁକ୍ତ ।

## କରୋନାକୁ ନେଇ ସତର୍କ ରହିବାକୁ ଆହ୍ୱାନ କଲେ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୬/୦୯(ନି.ପ୍ର): କରୋନାକୁ ନେଇ ରାଜ୍ୟ ବାସୀଙ୍କୁ ସତର୍କ ରହିବାକୁ ଆହ୍ୱାନ ଦେଇଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର । ସେ ଏଠାରେ କହିଛନ୍ତି ଯେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ୧୦ ଦିନ ଆଗରୁ ରିପୋର୍ଟ ଦେଇଛି ଭାରତରେ ମହାମାରୀ ଏଣ୍ଡେମିକ୍ ଆଡ଼କୁ ଯାଉଛି । ଏହି ରିପୋର୍ଟକୁ ଗ୍ରହଣ କରିବାକୁ ହେବ। କିନ୍ତୁ ଆମେ ଶତ ପ୍ରତିଶତ ନିଶ୍ଚିତ ନୁହଁ। ପ୍ରତି ମଡେଲର ଅପ୍ ଡାଉନ୍ ଅଛି । ଏହି କ୍ଷେତ୍ରରେ ବି ହୋଇପାରେ। କିନ୍ତୁ ଆମେ ଆଶ୍ୱସ୍ତ ହେବା ନାହ ଏବଂ ଲକ୍ଷଣ ଆସିଲେ ଡାକ୍ତରଖାନା ଆସିବା ବୋଲି ସେ କହିଛନ୍ତି । ସେ କହିଛନ୍ତି, କେରଳରେ କରୋନା ସଂକ୍ରମଣ ବଢ଼ିବଢ଼ି ଚାଲିଥିଲା, ଏବେ କମୁଛି। ସେହିପରି ବର୍ତ୍ତମାନ ମହାରାଷ୍ଟ୍ରରେ ବଢୁଛି, ପରେ କମିବ। ତେଣୁ ସେହି ମଡେଲ ଦେଖିଲେ ଆମେ ଢିଲା ହେବା ନାହିଁ। ଯଦିଓ ଆମେ ଭଲ ସ୍ଥିତିରେ ଅଛୁ। ଆମର ପଜିଟିଭିଟି ରେଟ୍ କମ୍ ଅଛି। ହସପିଟାଲାଇଜେସନ ହାର ବି କମ୍ ଅଛି। କିନ୍ତୁ ବିପଦ ନିଶ୍ଚୟ ଅଛି। ଆମ ରାଜ୍ୟରେ କେବେ ବି ବଢି ପାରେ। ତେଣୁ କଟକଣା ଆମ ରାଜ୍ୟରେ ଚାଲୁ ରହିବ।

## ୧୮ରେ ଆଉ ଏକ ଲଘୁଚାପ, ୨୧ ଯାଏଁ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୬/୦୯ (ନି.ପ୍ର): ଆସନ୍ତା ୧୮ ତାରିଖ ବେଳକୁ ବଙ୍ଗୋପସାଗର ଉପରେ ପୁଣି ଏକ ଲଘୁଚାପ ବଳୟ ସୃଷ୍ଟି ହୋଇ ୧୯ ତାରିଖରେ ପଶ୍ଚିମବଙ୍ଗର ମେଦିନୀପୁର ଓ ସଂଲଗ୍ନ ବାଲେଶ୍ୱର ନିକଟରେ ରହିବ। ଏହାର ପ୍ରଭାବରେ ୧୮ତାରିଖରୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗକେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୧୮ରୁ ୧୯ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୯ରୁ ୨୦ ତାରିଖ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା , ସୁନ୍ଦରଗଡ଼, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଏବଂ ୨୦ରୁ ୨୧ ତାରିଖ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ଦେଓଗଡ଼ ଓ ସମ୍ବଲପୁର ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲା ପାଇଁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଶୁକ୍ରବାର ବସୁଛି ଜିଏସଟି କାଉନସିଲର ଗୁରୁତ୍ୱପୂର୍ଣ୍ଣ ବୈଠକ : କମିପାରେ ପେଟ୍ରୋଲ-ଡିଜେଲ ଦର




ନୂଆଦିଲ୍ଲୀ,୧୬/୦୯: କାଉନସିଲର ୪୫ ତମ ବୈଠକ ଆସନ୍ତାକାଲି ଉତ୍ତରପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ଅନୁଷ୍ଠିତ ହେବ । ସକାଳ ୧୧ଟାରେ ହେବାକୁ ଥିବା ଏହି ବୈଠକରେ ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅଧ୍ୟକ୍ଷତା କରିବେ । ତେବେ ଆସନ୍ତାକାଲି ବସିବାକୁ ଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ । ଯାହାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି । କୁହାଯାଉଛି ପେଟ୍ରୋଲ-ଡିଜେଲକୁ ଜିଏସଟିରେ ସାମିଲ କରିବା ନେଇ ଏହି ବୈଠକରେ ନିଷ୍ପତ୍ତି ନିଆଯାଇପାରେ । ଯଦି ପେଟ୍ରୋଲ-ଡିଜେଲକୁ ଜିଏସଟିରେ ସାମିଲ କରାଯାଏ, ତେବେ ଏହାର ଦାମ ବେଶ କମିଯିବ । ତେବେ ଏନେଇ ନିଷ୍ପତ୍ତି ଜିଏସଟି ପ୍ୟାନେଲ ହିଁ ନେବ । ଏଥିପାଇଁ ତିନି-ଚତୁର୍ଥାଂଶ ସଦସ୍ୟଙ୍କ ଅନୁମତି ଆବଶ୍ୟକ । ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜୋମାଟା, ସ୍ୱିଗି ଭଳି ଅନଲାଇନ୍ ଡେଲିଭରି ମଧ ଆଗକୁ ମହଙ୍ଗା ହୋଇପାରେ । ଫୁଡ୍ ଡେଲିଭରି ଆପ ଉପରେ ଏବେ ୫ ପ୍ରତିଶତ ଜିଏସଟି ଲାଗୁ ହୋଇପାରେ । ଆସନ୍ତାକାଲି ଏନେଇ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ମିଳିଛି । ତେବେ ଲକଡାଉନ୍ ସମୟରେ ଅନେକ ଲୋକ ଅନଲାଇନ୍ ଯୋଗେ ଖାଦ୍ୟ ଅର୍ଡର କରିଥିଲେ । ଯାହା ଫଳରେ ଜୋମାଟୋ, ସ୍ୱିଗି ଭଳି ଆପ୍ ବେଶ ଲାଭବାନ ହୋଇଥିଲେ । ଏବେ ସେହି ଅନଲାଇନ୍ ଆପ୍ ଉପରେ ସରକାର ଜିଏସଟି ଲାଗୁ କରିବାକୁ ନିଷ୍ପତ୍ତି ନେଇପାରନ୍ତି ।

# ହୀରାକୁଦରେ ଖୋଲିଲା ଆଉ ୪ଟି ଗେଟ୍



ଭୁବନେଶ୍ୱର,୧୬/୦୯(ନି.ପ୍ର): ଛତିଶଗଡ କରିପାରେ ଓଡିଶାରେ ବନ୍ୟା । ସୂଚନା ଅନୁସାରେ ଛତିଶଗଡର କଲମା ବ୍ୟାରେଜରୁ ପାଣି ଛଡାଯାଇଛି । ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ କଲମା ବ୍ୟାରେଜର ସମସ୍ତ ଗେଟ୍ ଖୋଲାଯାଇଛି । କଲମା ବ୍ୟାରେଜରୁ ୫ ଲକ୍ଷ ୩୫ ହଜାର କ୍ୟୁସେକ ଜଳ ମହାନଦୀରେ ପ୍ରବାହିତ ହେଉଛି । ହୀରାକୁଦ ଡ୍ୟାମରେ ଏହି ପାଣି ପଂହଚିବା ପାଇଁ ଆହୁରି ୫ରୁ ୭ ଘଂଟା ଲାଗିବ । ଏହାଫଳରେ ବନ୍ୟା ହୋଇପାରେ । ପାଣି ଆସିବା ଫଳରେ ଗର୍ଜୁଛି ମହାନଦୀ । ହୀରାକୁଦ ଡ୍ୟାମର ଆଉ ୪ଟି ଗେଟ୍ ଖୋଲାଯାଇଛି । ଏବେ ୨୮ଟି ଗେଟ ଦେଇ ଜଳ ନିଷ୍କାସିତ ହେଉଛି । ଏବେ ହୀରାକୁଦ ଜଳଭଣ୍ଡାରକୁ ୪ ଲକ୍ଷ ୯୧ ହଜାର ୨୩୪ କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୪ ଲକ୍ଷ ୨୧ ହଜାର ୩୪୮ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ଆସନ୍ତାକାଲି ମୁଣ୍ଡଳୀରେ ପହଂଚିବ ହୀରାକୁଦ ଜଳ । ସେପଟେ ଜଳକା ଓ ବୈତରଣୀ ଏବେ ବି ବିପଦ ସଙ୍କେତ ଉପରେ ରହିଛି । ସୁବର୍ଣ୍ଣରେଖା ରାଜଘାଟଠାରେ ସତର୍କ ସଙ୍କେତ ଉପରେ ରହିଛି ଜଳସ୍ତର ।

# ନିଖୋଜ ଓ ମୃତ୍ୟୁ ଖବର ଭିତରେ ସାମ୍ନାକୁ ଆସିଲେ ତାଲିବାନୀ ଉପ-ପ୍ରଧାନମନ୍ତ୍ରୀ ମୁଲ୍ଲା ବରାଦର

ନୂଆଦିଲ୍ଲୀ,୧୬/୦୯: ଆଫଗାନିସ୍ତାନ ଦଖଲ ପରେ ଏବେ ସେଠାରେ ଚାଲିଛି ତାଲିବାନୀ ରାଜ । ତାଲିବାନୀ ସରକାର ଏବେ ସେଠାରେ ମୁଖ୍ୟ ହୋଇ ଶାସନ କରୁଛି । ଯାହାର ଉପ-ପ୍ରଧାନମନ୍ତ୍ରୀ ଅଛନ୍ତି ମୁଲ୍ଲା ବରାଦର । ହେଲେ ଗତ କିଛି ଦିନ ହେଲା ସେ ନିଖୋଜ୍ ଏବଂ ମୃତ୍ୟୁବରଣ କରିଥିବା ନେଇ ଖବର ଆସୁଥିଲା । ଯାହାର ଏବେ ଜବାବ ରଖିଛନ୍ତି ଖୋଦ୍ ମୁଲ୍ଲା ବରାଦର । ଆଫଗାନିସ୍ତାନର ଏକ ଟିଭି ଚ୍ୟାନେଲରେ ସେ ବହୁଦିନ ପରେ ଦେଖାଯିବା ସହିତ ତାଙ୍କ ମୃତ୍ୟୁ ଓ ନିଖୋଜ ହେବା ଖବରକୁ ଭୁଲ ବୋଲି ପ୍ରମାଣିତ କରିଛନ୍ତି । ଏଥିସହିତ ▶▶ପୃଷ୍ଠା ୭

## ଗିରଫ ହେଲା ଡେଲିଭରି ବୟ

ଭୁବନେଶ୍ୱର,୧୬/୦୯(ନି.ପ୍ର): ବହୁ ଚର୍ଚ୍ଚିତ ଡେଲିଭରି ବୟର ମିଥ୍ୟା ଅପହରଣ ଘଟଣା । ପତିତପାବନକୁ ଗିରଫ କଲା ଭୁବନେଶ୍ୱର ଧଉଳି ଥାନା ପୋଲିସ । ନିଜେ ଅପହରଣ ନାଟକ ରଚିଥିବା ପତିତପାବନ ପୃଷ୍ଟିଙ୍କୁ ମଧ୍ୟପ୍ରଦେଶରୁ ଆଜି ସକାଳେ ଭୁବନେଶ୍ୱର ଅଣାଯାଇଛି । ପ୍ରେମିକା ସହ ତାକୁ ଭୁବନେଶ୍ୱର ଅଣାଯାଇଛି । ଜଣେ ଯୁବତୀଙ୍କୁ ସାଥୀରେ ନେଇ ସେ ମଧ୍ୟପ୍ରଦେଶ ପଳାଇ ଯାଇଥିଲା । ସ୍ପେଶାଲ ସ୍କ୍ୱାର୍ଡର ୪ଜଣିଆ ଟିମ୍ ସେମାନଙ୍କୁ ଧରି ଓଡିଶା ଫେରିଛି । ସୋମବାରଦିନ ମଧ୍ୟପ୍ରଦେଶ କଟନୀ ଜିଆରପି ପୁଲିସ ସେମାନଙ୍କୁ ଠାବ କରି କମିଶନରେଟ ପୁଲିସକୁ ଜଣାଇଥିଲେ । ପତିତିପାବନ ପତ୍ନୀଙ୍କୁ ବି ପୁଲିସ ପଚରାଉଚରା କରିପାରେ । ସେପଟେ ଏମାନଙ୍କୁ ଓଡିଶା ବାହାରକୁ ଖସିବାରେ ସହଯୋଗ କରିଥିବା ଯୁବତୀଙ୍କୁ ଗୋପ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି । ପତିତପାବନ ଯେଉଁ ଜାଗାରେ ଅପହରଣ ଓ ମିଛ ନାଟକ ରଚିଥିଲା ସେହି ଜାଗାକୁ ପତିତଙ୍କୁ ନେଇ ପଚରାଉଚରା କରିପାରେ । ଧଉଳି ଥାନାପୁଲିସ ଗୋପ ପୁଲିସ ସହ ଯୋଗାଯୋଗ କରୁଛି । ▶▶ପୃଷ୍ଠା ୭

## ବିରାଟ୍ କୋହଲିଙ୍କ ବଡ଼ ଘୋଷଣା — ଛାଡ଼ିବେ ଟି-୨୦ କ୍ୟାପଟେନ୍ ପଦ



ନୂଆଦିଲ୍ଲୀ,୧୬/୦୯: ଟି-୨୦ ଅଧିନାୟକ ପଦ ଛାଡିବେ କ୍ୟାପଟେନ କୋହଲି । ଟି-୨୦ ବିଶ୍ୱକପ ପରେ ଏହି ଫର୍ମାଟର ଅଧିନାୟକ ପଦ ଛାଡିବା ନେଇ ଟ୍ୱିଟ୍ କରି ସୂଚନା ଦେଇଛନ୍ତି ବିରାଟ । ତେବେ ପୂର୍ବଭଳି ଦିନିକିଆ ଓ ଟେଷ୍ଟ ମ୍ୟାଚର ଅଧିନାୟକ ରହିବେ ବିରାଟ । ପୂର୍ବରୁ ଏନେଇ ଚର୍ଚ୍ଚା ହେଉଥିବା ବେଳେ ଆଜି ନିଜେ ଟ୍ୱିଟ୍ କରି ସ୍ପଷ୍ଟ କରିଛନ୍ତି ବିରାଟ । କୋଚ ରବି ଶାସ୍ତ୍ରୀ ଓ ରୋହିତ ଶର୍ମାଙ୍କ ସହ ଆଲୋଚନା ପରେ ଏହି ନିଷ୍ପତ୍ତି ନେଇଛନ୍ତି ବିରାଟ । ବିସିସିଆଇ ସଭାପତି ଓ ସମ୍ପାଦକଙ୍କ ସହ ମଧ ଏନେଇ ଆଲୋଚନା କରିଛନ୍ତି ବିରାଟ । ଆସନ୍ତା ମାସରେ ଦୁବାଇରେ ▶▶ପୃଷ୍ଠା ୭

# ଭୂଦାନ ଗ୍ରହୀତା ସଂଘ ଅଧିବେଶନ



ବାଲେଶ୍ୱର,୧୬/୯ (ନି.ପ୍ର): ଭୂଦାନ ଗ୍ରହୀତା ସଂଘ, ଉତ୍ତର ଓଡ଼ିଶା ଶାଖାର ଏକ ସ୍ୱତନ୍ତ୍ର ଅଧିବେଶନ ସଭାପତି ଅବଦୁଲ ଗନି ହୁସେନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭୂଦାନ ଗ୍ରହୀତାଙ୍କ ଜମିର ମାଲିକାନା ରେକର୍ଡ଼ ପ୍ରସ୍ତୁତିରେ ତହସିଲଦାର ମାନଙ୍କର କାଳକ୍ଷେପଣ ନୀତିକୁ ନେଇ ଉପସ୍ଥିତ ସଦସ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଏ ବାବଦରେ ଜିଲାପାଳ ଓ ଓଡ଼ିଶା ରାଜସ୍ୱ ପରିଷଦଙ୍କ ଦୃଷ୍ଟି ଆକର୍ଷଣ ପାଇଁ କେତେକ ସଦସ୍ୟ ପ୍ରସ୍ତାବ ଉତ୍ଥାପନ କରିଥିଲେ। ତେବେ ସଂଗଠନକୁ ଆଗାମୀ ଦିନରେ ଅଧିକ କ୍ରିୟାଶୀଳ କରିବା ସହିତ ଆବଶ୍ୟକ ସ୍ଥଳେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସଂଗଠନର ଉପଦେଷ୍ଟା ପଞ୍ଚାନନ ପରିଡ଼ା ଓ କିରିଟ କୋଟେଚା, ଉପସଭାପତି ଅରଜିତ ପଣ୍ଡା, ସମ୍ପାଦିକା ମାଳତି ମହାଳିକ, କୋଷାଧ୍ୟକ୍ଷ ନରେନ୍ଦ୍ର ମହାନ୍ତାଙ୍କ ସମେତ ମାନସ ପଟ୍ଟନାୟକ, କୁବେର ନାୟକ, ମନୋଜ କୁମାର ସାହୁ, ନାରାୟଣ ଚନ୍ଦ୍ର ଦାସ, ସଂଜୟ କୁମାର ସାମନ୍ତ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ।

# ବିଦ୍ୟୁତ ଆଘାତରେ ଲାଇନମ୍ୟାନଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଓ ରାସ୍ତାରୋକ

ନିମାପଡ଼ା,୧୬/୯ (ନି.ପ୍ର): ପୁରୀ ଜିଲ୍ଲା ନିମାପଡ଼ାରେ ବିଦ୍ୟୁତ ଆଘାତରେ ଲାଇନମ୍ୟାନଙ୍କ ମୃତ୍ୟୁକୁ ନେଇ ଉତେଜନା ଦେଖାଦେଇଛି । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବି କରି ଗ୍ରାମବାସୀ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିବା ସହ ରାସ୍ତାରେ ଟାୟାର୍ ଜାଳି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଲାଇନ ନକାଟି କିପରି ଭାବେ ବିଦ୍ୟୁତ ଟ୍ରାନ୍ସଫର୍ମର ବସାଯାଉଥିଲା ଲୋକେ ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ଖବର ପାଇ ନିମାପଡ଼ା ଥାନା ପୋଲିସ ଓ ଉପଖଣ୍ଡ ପୋଲିସ ଅଧିକାରୀ (ଏସଡ଼ିପିଓ) ଦେବାଶିଷ ମିଶ୍ର ଘଟଣାସ୍ଥଳରେ ପହଂଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିବା ପରେ ରାସ୍ତାରୋକ ହଟିଛି । ସୂଚନା ଅନୁଯାୟୀ, କାକଟପୁର ବିଦ୍ୟୁତ ସେକ୍ସନ-୨ ଯୋଗେଶ୍ୱର ପୁରରେ କାର୍ଯ୍ୟରତ ଲାଇନମ୍ୟାନ ଦୀପକ ଭଟ୍ଟ ନାମକ ଯୁବକ ବିଦ୍ୟୁତ ଖୁଂଟରେ ଚଢ଼ି ନୂତନ ଟ୍ରାନ୍ସଫର୍ମର ବସାଉଥିବା ବେଳେ ବିଦ୍ୟୁତ ଆଘାତରେ ପ୍ରାଣ ହରାଇଛନ୍ତି । ତାଙ୍କୁ ତୁରନ୍ତ ଚିକିତ୍ସା ନିମନ୍ତେ ଚାରିଛକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏହାକୁ ନେଇ ସେଠାରେ ଉତେଜନା ପ୍ରକାଶ ପାଇଥିଲା । ମୃତ ଯୁବକଙ୍କ ଗ୍ରାମର ଶତାଧିକ ଲୋକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ପହଂଚି ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣା ଦେଇଥିଲେ । ଟ୍ରାନ୍ସଫର୍ମର ବସାଉଥିବା ବେଳେ କିପରି ଭାବେ ଲାଇନ୍ ଚାର୍ଜ କରାଗଲା ଏହା ଏକ ଷଡ଼ଯନ୍ତ୍ର ବୋଲି ସେମାନେ ଅଭିଯୋଗ କରିଛନ୍ତି । ବିଭାଗର ଏପରି ଖାମଖିଆଲି କାମକୁ ଗ୍ରାମବାସୀ ଦୃଢ଼ ବିରୋଧ କରିଛନ୍ତି ।

# ଅର୍ଦ୍ଧନିର୍ମିତ ଆବାସ ଘର ନିର୍ମାଣ କାର୍ଯ୍ୟ ଶେଷ କେବେ ?

ଜୟପୁର ,୧୬/୯ (ନି.ପ୍ର): ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଜନସାଧାରଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ଯୋଜନା ପ୍ରଣୟନ କରିଛନ୍ତି। କିନ୍ତୁ ସ୍ୱାର୍ଥପର ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଲାଗି କିପରି ଏହି ଯୋଜନା ବିଫଳ ହୋଇଛି ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡି ପଂଚାୟତରେ। ଉକ୍ତ ପଂଚାୟତରେ ଅଧିକାଂଶ ହିତାଧିକାରୀ ଆବାସ ଘର ପାଇଛନ୍ତି କିନ୍ତୁ ଠିକାଦାରଙ୍କ ସ୍ୱାର୍ଥ ନୀତି ଯୋଗୁଁ ଆଜି ବି ଦୟନୀୟ ଅବସ୍ଥାରେ ମାଟି କୁଡ଼ିଆରେ ପଡି ରହିଛନ୍ତି ହିତାଧିକାରୀ ଏହିପରି ଏକ ବାସ୍ତବ ଚିତ୍ର ଆପଣମାନେ ଦେଖିପାରୁଛନ୍ତି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡି ପଂଚାୟତର ରତାଖଣ୍ଡି ଗ୍ରାମର ଦୃଶ୍ୟ। ରତାଖଣ୍ଡି ଗ୍ରାମର ମଙ୍ଗଳା ନାୟକଙ୍କ ନାମରେ ୨୦୧୯-୨୦ ଆର୍ଥିକ ବର୍ଷରେ ଆବାସ ଗୃହ ମଞ୍ଜୁର ହୋଇଥିଲା। ହେଲେ ଉକ୍ତ ଗ୍ରାମର ଜଣେ ଠିକାଦାର ମଙ୍ଗଳା ନାୟକଙ୍କର ଆବାସ ଗୃହ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲାବା ବେଳେ ଆଜି ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ କରିନାହାନ୍ତି । ସେପଟେ ଗତ ୬ ମାସ ପୂର୍ବେ ମଙ୍ଗଳାର ମୃତ୍ୟୁ ଘଟିଛି। ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଲାଗି ମଙ୍ଗଳାର ବିଧବା ପତ୍ନୀ ବତୀ ନାୟକ ନିଜ ୩ ଛୁଆଙ୍କୁ ନେଇ ଅତି ଦୟନୀୟ ଅବସ୍ଥାରେ ଛୋଟ ମାଟି କୁଡିଆରେ ଜାରି ପାଲ ତଳେ ଜୀବନ ବିତାଉଛନ୍ତି । ସେହିପରି ଦଣ୍ଡାବାଡି ପଂଚାୟତର ଗରିବ ହିତାଧିକାରୀଙ୍କ ନିମନ୍ତେ ପ୍ରଶାସନ ପକ୍ଷରୁ ଆର୍ଥିକ ବର୍ଷ ୨୦୧୬-୧୭ ଠାରୁ ଆରମ୍ଭ କରି ୨୦୧୨୦-୨୧ ପର୍ଯ୍ୟନ୍ତ ମୋଟ ୮୭୪ ପକାଘର ପ୍ରଦାନ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୦୬ ପକା ଘର ଏବେବି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିରହିଛି । ଉକ୍ତ ପଂଚାୟତର ମାଠପକ୍ଷର୍ଡ ଆଗୁଡା, ଜଙ୍ଗଲଯୋଡି,ପଣଷପୁଟ, ଦିଶାରୀଗୁଡା,ରତାଖଣ୍ଡି, ଗୌଡ଼ଗୁଡା ପରି ଅନେକ ଗ୍ରାମର ଗରିବ ନିରୀହ ହିତାଧିକାରୀଙ୍କ ଆର୍ଥିକ ସମସ୍ୟାର ସୁଯୋଗ ନେଇ ଠିକାଦାର ମାନେ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ଘର ଛାଡି ଦେଇଛନ୍ତି। ଏହି ଘଟଣାକୁ ନେଇ ସେପଟେ ସ୍ଥାନୀୟ ଆଲଇଣ୍ଡିଆ ଫରୁଆଡ଼ ବ୍ଲକ ଜିଲ୍ଲା ସମ୍ପାଦକ ଶମ୍ଭୁ ପ୍ରସାଦ ମହାନ୍ତି ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ସୂଚନା ଦେଇଛନ୍ତି।

# ନିର୍ମାଣାଧୀନ ଷ୍ଟାଡିୟମରେ ଆନୁସଙ୍ଗିକ ବ୍ୟବସ୍ଥାରେ ଉନ୍ନତି ନିମନ୍ତେ ବୈଠକ

ଝାରସୁଗୁଡା ,୧୬/୯ (ନି.ପ୍ର): ମାଲିମୁଣ୍ଡାରେ ନିର୍ମାଣାଧୀନ ଷ୍ଟାଡିୟମରେ ଆନୁସଙ୍ଗିକ ବ୍ୟବସ୍ଥାରେ ଉନ୍ନତି କରି ଏହାକୁ ଏକ ଉଚ୍ଚମାନର ତଥା ଜାତୀୟ ସ୍ତରର ଷ୍ଟାଡିଅମ ରେ ପରିଣତ କରିବା ସହ କ୍ରିକେଟ , ହକି , ଫୁଟବଲ ଓ ଦୌଡ଼କୁଦ ଇତ୍ୟାଦି ଖେଳ ପାଇଁ ଉପଯୋଗୀ ଷ୍ଟାଡିଅମ ଭାବରେ ପ୍ରସ୍ତୁତ କରିବା ସକାଶେ ଏକ ଆଲୋଚନା ବୈଠକ ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସରୋଜ କୁମାର ସାମଲଙ୍କ ଅଧକ୍ଷତାରେ ଏ ନେଇ ଅନୁଷ୍ଠିତ ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ତଥା ଝାରସୁଗୁଡ଼ା ବିଧାୟକ ନବକିଶୋର ଦାସ , ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ,ଓଡିଶା କ୍ରିକେଟ ଆସସସିଏସନ ବୈଷୟିକ କମିଟି ଅଧକ୍ଷ ଧୀରେନ ପଲେଇ , ସଭ୍ୟ ଦେବାଶିଷ ପଟ୍ଟନାୟକ, ପରାମର୍ଶଦାତା ବିଷ୍ଣୁ ଚରଣ ମହାପାତ୍ର , ମେହତାବ ଖାନ , ସମ୍ବଲପୁର କ୍ରୀଡ଼ା ସଙ୍ଘ ସାଧାରଣ ସମ୍ପାଦକ ଦୁଲାଲ ପ୍ରଧାନ ,ଓଡ଼ିଶା କ୍ରିକେଟ ସଂଘ ସଭ୍ୟ ପ୍ରଶାନ୍ତ ଜେନା , ଝାରସୁଗୁଡ଼ା କ୍ରୀଡା ସଂଘ ସାଧାରଣ ସମ୍ପାଦକ ତାପସ ରାୟ ଚୌଧୁରୀ , ସଭ୍ୟ ଜୀବନ ମହାନ୍ତି, ବିଜୟ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କ୍ରୀଡ଼ା ବିଭାଗ , ଓଡିଶା କ୍ରିକେଟ ସଂଘ ଓ ଜିଲ୍ଲା ପ୍ରଶାସନର ମିଳିତ ସହଯୋଗରେ ଝାରସୁଗୁଡ଼ା ଜିଲ୍ଲାରେ କ୍ରୀଡ଼ାର ଉନ୍ନତି କରଣ ସକାଶେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ ପାଇଁ ବୈଠକରେ ଆଲୋଚନା ଅନୁଷ୍ଠିତ ହୋଇଥିଲା। ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝୀ , ଆଲୋମଣି ସେଠି , ପୂର୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ନାଥ , ଇଡ଼କୋ ଆଧିକାରୀ , ବାର ଆସୋସିଏସନସଭାପତି ତ୍ରିନାଥ ଗୁଆଲ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଶୀଲ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରେମ ନିବେଦନ କରି ଯୁବକ ଗଲେ ଜେଲ

ଧାମନଗର ,୧୬/୯ (ନି.ପ୍ର): ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପଠାଣମହଲ୍ଲା ଗ୍ରାମର ସ୍ଥାୟୀ ବାସିନ୍ଦା ସେକ୍ ଆସିକୁର ରହେମାନ (୩୫) ସେ ଦୀର୍ଘଦିନ ହେବ ଉକ୍ତ ଗ୍ରାମର ସେକ୍ ସବିର ଝିଅ ବୟସ (୧୯) ତାଙ୍କୁ ବାରମ୍ବାର ପ୍ରେମ ନିବେଦନ କରି ପ୍ରେମ ଜାଲରେ ଫସାଇ ତାଙ୍କ ସହିତ ଯୌନସମ୍ପର୍କ ରଖିବା ସହିତ ମୋତେ ବିବାହ କରିବା ପାଇଁ ପ୍ରତିଶୃତି ଦେଇଥିଲା। କିଛିଦିନ ବିତିବା ପରେ ମୁଁ ବିବାହ କରିବା ପାଇଁ କହିବା ପାଇଁ ପଚାରିବାରୁ ସେ ମୋତେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ଆମ ଦୁହେଁଙ୍କ ପ୍ରେମ ସମ୍ପର୍କ କଥା ବାହାରେ ପରିପ୍ରକାଶ କଲେ ମୋତେ ଜୀବନରୁ ମାରିଦେବାପାଇଁ ଧମକ ଦେଇଥିଲା। ଏ ସମ୍ପର୍କରେ ଗ୍ରାମର ଭଦ୍ର ଲୋକଙ୍କ ମାଧ୍ୟମରେ ଯୁବତୀର ବାପା ସେକ୍ ସବୀର ପଚାରିବାରୁ ସେକ୍ ଆସିକୁର୍ ଗ୍ରାମର ଭଦ୍ର ବ୍ୟକ୍ତିଙ୍କୁ କହିଲା ମୁଁ ସେ ବିଷୟରେ କିଛି ଜାଣିନାହିଁ। ଯୁବତୀ ନିରାଶ ହୋଇ ଏବଂ କୌଣସି ଉପାୟ ନପାଇ ଜୀବନ ରକ୍ଷା ନିମନ୍ତେ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇଲାପରେ ଧାମନଗର ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ଅଭିଯୁକ୍ତ ଯୁବକକୁ ଗିରଫ କରିବା ସହିତ ଥାନା କେସନଂ ୨୫୫/ ୨୧ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଆଇଆଇସି ପ୍ରଦୀପ ମହନ୍ତ ଅଧିକ ତଦନ୍ତ ପାଇଁ ଏସ୍ଆଇ ମୋନାଲିସା ପ୍ରଧାନଙ୍କୁ ନିର୍ଦ୍ଦେଷ ଦେଇଥିବା ଜଣାଯାଇଛି।

# ସ୍ଥାୟୀ ନିଯୁକ୍ତି ନେଇ ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବି

ଭଦ୍ରକ,୧୬/୯ (ନି.ପ୍ର): ରାଜ୍ୟ ସରକାରଙ୍କ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ନିଯୁକ୍ତି ପାଇଥିବା ସମସ୍ତ ସାମୟିକ କଳା ଓ କ୍ରୀଡା ପ୍ରଶିକ୍ଷକ ମାନଙ୍କୁ ପାର୍ଟ ଟାଇମ୍ ଉଚ୍ଛେଦ କରି ପୁନଃ ଶିକ୍ଷକର ମାନ୍ୟତା ପ୍ରଦାନ କରିବା ନିମନ୍ତେ ଭଦ୍ରକ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କ ମାଧ୍ୟମରେ ଓଡିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଦୀର୍ଘ ୮ବର୍ଷ ଧରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କଳା ଓ କ୍ରୀଡା ଶିକ୍ଷକ ଶିକ୍ଷା ପ୍ରଦାନ କରିଆସୁଛନ୍ତି। କିନ୍ତୁ ସରକାରଙ୍କର ବିଭିନ୍ନ ପ୍ରତିଶୃତି ସତ୍ୱେ କଳା ଓ କ୍ରୀଡା ଶିକ୍ଷକ ମାନଙ୍କର ନୈର୍ଯ୍ୟ ଦାବିକୁ ଖାମଖିଆଲି ଭାବେ ବର୍ତମାନ ସୁଦ୍ଧା ନେଇଆସୁଛନ୍ତି। ଏଣୁ ସରକାରଙ୍କୁ ଚେତାଇ ଦେଉଛୁ କି ଯଦି କଳା ଓ କ୍ରୀଡା ଶିକ୍ଷକ ମାନଙ୍କର ଦାବି ପୂରଣ ନହୁଏ ବାଧ୍ୟ ହୋଇ ରାଜ୍ୟରାସ୍ତାକୁ ପରିବାର ସହ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିରେ କଳା ଓ କ୍ରୀଡା ଶିକ୍ଷକ ସଂଘର ସଭାପତି ପ୍ରଶାନ୍ତ କମୁାର ବେହେରା, ସମ୍ପାଦକ ଆଶିଶ କୁମାର ସାହୁ, ଜିଲ୍ଲା ଆବାହକ ସୁକାନ୍ତ କୁମାର ଦାସ, ରାଜ୍ୟ ସଂଯୋଜକ ବିପିନ୍ ବସନ୍ତିଆ, ବଙ୍କି ଜଗବନ୍ଧୁ ଭୋଇ, ସିଦ୍ଧାର୍ଥ ସାହୁ, ବିମଳ ପଡ଼ିଆରି, ଏସ.କେ. ସଲିମ୍, ଜୟନ୍ତ କୁମାର ନାୟକ, ସସ୍ମିତା ବିଶ୍ୱାଳ, ପ୍ରଜ୍ଞାପରିମିତା ସାମଲ, ମନୋରଂଜନ ନାୟକ, ଜିତେନ୍ଦ୍ର ବେହେରା, ପଦ୍ମନାଭ ସେଠୀ, ପ୍ରଭୁରଂଜନ ଉପାଧ୍ୟୟ, ଅଶୋକ ସେଠୀ ସୀତାରାଣୀ ଦାସ, ସୁବ୍ରଜିତ ଚାନ୍ଦ, ଶୋଭ୍ୟାରାଣୀ ରାଉତ, ମିଡିଆ ସେଲ୍ କୋଡିନେଟର ଚୁଡାମଣି ଦାସ ପ୍ରମୁଖ ଶିକ୍ଷକ/ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।




# ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

କନ୍ଧମାଳ,୧୬/୯ (ନି.ପ୍ର): ଜିଲ୍ଲା ମହାବିଦ୍ୟାଳୟ ସ୍ତରୀୟ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ବିଭିନ୍ନ ଦାବିନେଇ ଏକ ଦାବିପତ୍ର ସୋମବାର ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କୁ ପ୍ରଦାନ କରାଯାଇଛି । ମହାବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘର କର୍ମକର୍ତା ମାନେ ବିଧାୟକଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଥିବା ବେଳେ ଦାବି ପ୍ରକାରେ , ରାଜ୍ୟରେ ତିନିଶହ ମହାବିଦ୍ୟାଳୟରେ ପରିଚାଳିତ କମିଟି ଦ୍ୱାରା ନିଯୁକ୍ତ ପାଇ ଅନେକ ଅଧାପକ ଓ କର୍ମଚାରୀ ନଗଣ୍ୟ ଦରମାରେ କାର୍ଯ୍ୟକରୁଛନ୍ତି । ଉଚ୍ଚ ଶିକ୍ଷା ବିଭାଗ କିମ୍ବା ଗଣଶିକ୍ଷା ବିଭାଗ ସେମାନଙ୍କ ଦାବିକୁ ଆଜି ପର୍ଯ୍ୟନ୍ତ କର୍ଣ୍ଣପାତ କରୁନାହାନ୍ତି । ସରକାରୀ କର୍ମଚାରୀଙ୍କ ଭଳି ସେମାନେ କାର୍ଯ୍ୟକରୁଥିଲେ ମଧ୍ୟ ସେମାନଙ୍କ ଚାକିରକି ଆଜି ପର୍ଯ୍ୟନ୍ତ ସ୍ଥାୟୀ କରାଯାଇ ନାହିଁ କିମ୍ବା ଉପଯୁକ୍ତ ଦରମା ଦିଆଯାଉନାହିଁ । ମହାମାରି କରୋନା ସମୟରେ ରାଜ୍ୟ ସରକାର ସଙ୍ଗଠିତ ଓ ଅଣ ସଙ୍ଗଠିତ କର୍ମଚାରୀଙ୍କ କ୍ଷେତ୍ରରେ ଆର୍ଥିକ ଅନୁଦାନ ପ୍ରଦାନ କରାଯାଇଥିବା ବେଳେ ତାଙ୍କ କ୍ଷେତ୍ରରେ ତାହା କରାଯାଇ ନାହିଁ ବୋଲି ସଂଘ ପକ୍ଷରୁ ଅଭିଯୋଗ କରାଯାଇ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ପୂର୍ବରୁ ଜିଲା ସ୍ତରରେ ଜିଲାପାଳଙ୍କ ଜରିଆରେ ମଧ୍ୟ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ଆଜି ସଂଘ ଉପସଭାପତି ଡ.ବିରଂଚି ନାରାୟଣ ସାହୁ , ଅଧାପିକା ପ୍ରଭାତି ପାତ୍ର , ଅଧାପକ ସନ୍ତୋଷ ତ୍ରିପାଠୀ ଓ ସଂଜୟ କୁମାର ନାୟକ ପ୍ରମୁଖ ବିଧାୟକଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି ।

# ଜୟଦୁର୍ଗା ଯୁବକ ସଂଘ ପକ୍ଷରୁ ଗଣେଶ ପୂଜା ଓ ଭସାଣି ଉତ୍ସବ

ଧାମନଗର ,୧୬/୯ (ନି.ପ୍ର): ଧାମନଗର ବିଜ୍ଞାପିତ ଅଂଚଳ ପରିଷଦ ଦକ୍ଷିଣ ବାଡ଼ ଗ୍ରାମର ଜୟଦୂର୍ଗା ଯୁବକ ସଂଘ ପକ୍ଷରୁ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜା ଉତ୍ସବ ୧୦ତାରିଖ ପାଳିତ ହୋଇଯାଇଛି। ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା କୋଭିଡ଼ କଟକଣା ନିୟମ ମଧ୍ୟରେ ପ୍ରଭୁ ଗଣେଷଙ୍କୁ ପୂଜା ର୍ଚ୍ଚନା କରାଯାଇଥିଲା। ପୂଜା କମିଟି ପକ୍ଷରୁ ଗତ ୧୪ତାରିଖ ଅପରାହ୍ନରେ କୋଭିଡ଼ କଟକଣା ନିୟମ ମାନି ନିରାଡ଼ମ୍ବର ଭାବେ ଭଷାଣି ଉତ୍ସବ ପାଳନ କରାଯାଇଥିଲା। ପୂଜା କମିଟିର ସଭାପତି ବିଜୟ କୁମାର ଯେନା, ସମ୍ପାଦକ ବିଭୁ ମହାପାତ୍ର, ସହ ସମ୍ପାଦକ ଆକାଶ ଯେନା, କାଳନ୍ଦୀ ଦାସ, ଗୋପୀନାଥ ଦଳାଇ, ରାଜେନ୍ଦ୍ର ସାହୁ, ଘୁନ ଯେନା, ଧାକୁଡୁ ଯେନା, ଜଡ଼ାଯେନା, ମଧୁସୁଦନ ସାହୁ, ଅଜୟ କୁମାର ଦାସ ପ୍ରମୁଖ ଭଷାଣି ଉତ୍ସବରେ ସାମିଲ ହୋଇଥିଲେ।

# କେନ୍ଦ୍ରୀୟ ଯୋଜନା ସମ୍ପର୍କୀତ ସମୀକ୍ଷା କଲେ ଭୁବନେଶ୍ୱର ସାଂସଦ

ଖୋର୍ଦ୍ଧା,୧୬/୯ (ନି.ପ୍ର): ସ୍ଥାନୀୟ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜିଲା ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବୈଠକ (ଦିଶା) ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ବିଭିନ୍ନ ବିଭାଗର କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋଚନା ଓ ସମୀକ୍ଷା କରାଯାଇଥିଲା । ବୈଠକରେ ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ପ୍ରଧାନମନ୍ତ୍ରୀ ଗ୍ରାମ୍ୟସଡକ ଯୋଜନା, ବାର୍ଦ୍ଧକ୍ୟ ଭତା, ଖାଉଟି କାର୍ଡ ସମ୍ପର୍କୀତ ଆଲୋଚନା କରାଯାଇଥିଲା । ପ୍ରକୃତ ହିତାଧିକାରୀ ଯେପରି କେନ୍ଦ୍ରୀୟ ଯୋଜନାରୁ ବଂଚିତ ନ ହେବେ ସେଥପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ । ପ୍ରଧାନମନ୍ତ୍ରୀ ସଡ଼କ ଓ ଗ୍ରାମ୍ୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ । ସମସ୍ତ ବ୍ୟକ୍ତି ଯେପରି କୋଭିଡ୍ ଟିକା ନେଇପାରିବେ ଏବଂ ଏହାର ଦୃଢ଼ ମୁକାବିଲା ହେବ ତାହା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ଦେଉଥିବା କହିଥିଲେ । ଏହି ବୈଠକରେ ଜିଲା ପରିଷଦ ଅଧକ୍ଷ ପ୍ରଫୁଲ୍ଲ ଦଳେଇ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦଶେକ ଦିଗନ୍ତ ରାଉତରାୟଙ୍କ ସମେତ ବିଭିନ୍ନ ବିଭାଗର ପଦସ୍ଥ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ ।

# ସିମୁଳିଆ ହରିଜନ ସାହିର ପ୍ରତି ଘର ପଶିଲା ବର୍ଷାପାଣି: ରନ୍ଧାଖାଦ୍ୟ ପାଇଁ ଦାବି



ଜଳେଶ୍ୱର ୧୪/୯(ନି.ପ୍ର) : ଦୀର୍ଘ ୩ ଦିନ ଧରି ବର୍ଷା ଲାଗି ରହିଥିବାରୁ ଗରିବ ଲୋକଙ୍କ ନାହିଁନଥିବା ଦୁଃଖ ବଢିଛି । ବର୍ଷାଯୋଗୁଁ ଅନ୍ୟତ୍ର କାର୍ଯ୍ୟ କରିବାକୁ ଯାଇପାରୁନଥିବା ବେଳେ କାନ୍ଥ ଭୁଷୁଡି କିମ୍ବା ଘରେ ପାଣି ପଡି ପରିସ୍ଥିତିକୁ କରିଛି ଜଟିଳ । ଗୃହପାଳିତ ପଶୁ ଓ ମଣିଷ ଏକ ସ୍ଥାନରେ ରହୁଥିବା ବେଳେ ଚୁଲିରେ ଆଣ୍ଠୁଏ ପାଣି । ତେଣୁ ରନ୍ଧାବଢା ଏକପ୍ରକାର ବନ୍ଦ ହୋଇ ଯାଇଛି । ବିଶେଷ କରି ଆଜି ଦିନତମାମ ବର୍ଷା ଲାଗି ରହିଥିବାରୁ ବହୁ ବ୍ୟକ୍ତି ଅଭୁକ୍ତ ଥିବା ଦେଖିବାକୁ ମିଳିଥିଲା । ଜଳେଶ୍ୱର ବ୍ଲକର ଧାନ ସିମୁଳିଆ ଗାଁର ହରିଜନ ସାହିରେ ବାସିନ୍ଦା ଅଂଜୁଳତା ଜେନା, ଲକ୍ଷ୍ମୀପ୍ରିୟା ଜେନା, କମଳାକାନ୍ତ ଜେନା, କାର୍ତ୍ତିକ ଜେନା, ନରୋତ୍ତମ ଜେନା, ଅବନୀ ଜେନା, ଭାକୁ ଜେନା, ନରେନ୍ଦ୍ର ଜେନା, ଖଗେନ୍ଦ୍ର ଜେନ, ଜୟନ୍ତ ଜେନା, ପ୍ରଶାନ୍ତ ଜେନା, ବିଶ୍ୱଜିତ୍ ଜେନା, ବିଶ୍ୱନାଥ ଜେନା, ଭାଗବତ ଜେନା, ଲକ୍ଷ୍ମୀଧର ଜେନା, ରଂଜିତ ଜେନା, ଉମାକାନ୍ତ ଜେନା, ଅର୍ଜୁନ ମାରାଣ୍ଡି, ମଂଗଳ କିସ୍କୁ, ଚୈତନ ପାତ୍ର, ଲକ୍ଷ୍ମଣ ମୁର୍ମୁ, ହେମନ୍ତ ପ୍ରମାଣିକ, କାର୍ତ୍ତିକ ପ୍ରମାଣିକ, ଭାସ୍କର ପ୍ରମାଣିକ, ସମ୍ଭୁନାଥ ଚନ୍ଦ, ଲକ୍ଷ୍ମଣ ହେମ୍ବ୍ରମ, ସୁକୁମାର ହେମ୍ବ୍ରମ, ରବିନ୍ଦ୍ର ମୁର୍ମୁ, ହରମୋହନ ମାରାଣ୍ଡି ପ୍ରମୁଖଙ୍କ ଘରେ ପାଣି ପଶିଥିବା ବେଳେ ଅଗଣାରେ ପାଣିର ଢେଉ ଖେଳୁଛି । ଏପରିକି ଗାଁ କର୍ଦ୍ଦମାକ୍ତ ଗାଁ ରାସ୍ତାରେ ୩/୪ ଫୁଟର ପାଣିର ସୁଅ । ସମସ୍ତଙ୍କ ଘରେ ବର୍ଷାପାଣି ପଡୁଥିବା ବେଳେ କାଁ ଭାଁ ଛାଡିଦେଲେ ବହୁ ବ୍ୟକ୍ତିଙ୍କୁ ମିଳିନି ଆବାସ ଯୋଜନା । ଆଜି ସେମାନେ ସେମାନଙ୍କ ପରିସ୍ଥିତି ସଂପର୍କରେ ସ୍ଥାନୀୟ ପ୍ରଶାସନ, ନେତୃସ୍ଥାନୀୟ ବ୍ୟକ୍ତି ଓ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଜୟପୁର ଘାଟିରେ ଓଲଟିଲା କୋଇଲା ବୋଝେଇ ଟ୍ରକ

ଜୟପୁର ,୧୬/୯ (ନି.ପ୍ର): ଜୟପୁର ଘାଟିରେ ଭାରସ୍ୟାମ ହରାଇ ଉଲଟିଲା କୋଇଲା ବୋଝେଇ ଟ୍ରକ । ଟ୍ରକଟି ଲଉଟିବା ଫଳରେ ଟ୍ରକ ପାଶ୍ୱ ଦେଇ ଯାଉଥିବା ଏକ ୧୦୭ ପିକପ ଗାଡି ଓ ବୁଲେଟ ଚାଳକ ଟ୍ରକ ତଳେ ଚାପି ହୋଇ ଯାଇଥିଲେ । ଘଟଣା ଘଟିବା ପରେ ଜୟପୁର ସଦର ପୋଲିସ, ଓଡ୍ରାଫର କେ ସ୍ୱତନ୍ତ୍ର ଟିମ ଆସି ଟ୍ରକ ତଳେ ଚାପି ହୋଇଥିବା ୨ ଜଣକୁ ଉଦ୍ଧାର କରିଥିଲେ । ଜୟପୁର ଅଗ୍ନିସମ ବାହିନି ମଧ ଉଦ୍ଧାର କାଯ୍ୟରେ ସାମିଲ ହୋଇଥିଲେ । ଗୁରୁତର ଥିବା ୨ ଜଣକୁ ଜୟପୁର ଜିଲା ଚିକିତ୍ସାଳୟରେ ଭତି କରାଯାଇଥିବା ବିଷୟ ଏସଡିପିଓ ଅରୁପ ଅଭିଷେକ ବେହେରା ସୁଚନା ଦେଇଛନ୍ତି ।

# ଅବକାରୀ ବିଭାଗ ବିରୋଧରେ ପ୍ରଜାମେଳି

ମାଲକାନଗିରି,୧୬/୯ (ନି.ପ୍ର): ପୁଣି ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳରେ ପ୍ରଜାମେଳି ।ଏଥର ଅବକାରୀ ବିଭାଗ ବିରୋଧରେ ସ୍ୱର ଉଠାଇଛନ୍ତି ସ୍ୱାଭିମାନ ଅଂଚଳ ବାସୀ। ବିନା ଦୋଷରେ ନିରୀହ ଆଦିବାସୀ ଙ୍କୁ ଗଞ୍ଜେଇ କେସ ରେ ଫସାଇଛି ମାଲକାନଗିରି ଅବକାରୀ ବିଭାଗ ।ଏଭଳି ସଙ୍ଗିନ ଅଭିଯୋଗ ଆଣିଛନ୍ତି ସ୍ୱାଭିମାନ ଅଂଚଳ ବାସୀ ।ନିଜର ଟାର୍ଗେଟ ପୂରଣ ପାଇଁ ବାରମ୍ବାର ସ୍ୱାଭିମାନ ଅଂଚଳରେ ଆଦିବାସୀଙ୍କ ଉପରେ ଗଞ୍ଜେଇ କେଶ ରେ ମିଛ ମକଦମା କରୁଛି ଅବକାରୀ ବିଭାଗ। ଏଇ କିଛିଦିନ ତଳେ ନକମାମୁଡ଼ି ଅଂଚଳରେ ଜଣକ ଘରେ ଗଞ୍ଜେଇ ଥୋଇଦେଇ ବାଟରୁ ନିରୀହ ଆଦିବାସୀଙ୍କୁ ଉଠାଇ ନେଇ ଜେଲ ରେ ଭର୍ତି କରୁଛି ଅବକାରୀ ବିଭାଗ ।ଏଭଳି ଜୁଲୁମ ବନ୍ଦ ନକଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ ସାମ୍ନା କରିବ ମାଲକାନଗିରି ଅବିକାରୀ ବିଭାଗ ଏଭଳି ଧମକ ଦେଇଛନ୍ତି ସ୍ୱାଭିମାନ ଅଂଚଳ ଲୋକେ । ଯେଉଁ ଅଧିକାରୀ ଏଥିରେ ସମ୍ପୃକ୍ତ ଅଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ । ଆଉ ମିଛ ମକଦମା ରେ ଫସିଥିବା ଆଦିବାସୀ ଙ୍କୁ ତୁରନ୍ତ ଖଲାସ କରାଯାଉ ବୋଲି ପ୍ରଜାମେଳିରେ ଦାବି କରିଛନ୍ତି !

# ବନ୍ୟାଜଳରେ ଭାସିଯାଇ ଯୁବକର ମୃତ୍ୟୁ

ଧାମନଗର,୧୬/୯ (ନି.ପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ପଧାନୀ ପଂଚାୟତ ଅଧିନସ୍ଥ ରାମରାକୂଳ ଗ୍ରାମର ସ୍ଥାୟୀ ବାସିନ୍ଦା ଶ୍ରୀଧର ସାହୁଙ୍କ ପୁତ୍ର ସୁଶାନ୍ତ ସାହୁ (୨୭)ଙ୍କର କୋଚିଳା ନଦୀରେ ଗୋଡ଼ ଖସିଯିବାରୁ ବୁଡ଼ିଯାଇ ମୃତ୍ୟୁବରଣ କରିଛନ୍ତି। ଖବରରୁ ଯାହା ଜଣାଯାଏ ଶ୍ରୀଧର ସାହୁ ସକାଳେ ଶୌଚ ହେବାପାଇଁ ଯାଇଥିଲେ। ସେଠାରେ ତାଙ୍କର ଗୋଡ଼ ଖସିଯିବାରୁ ନଦୀରେ ବନ୍ୟାପାଣି ଭରପୁର ଥିବାରୁ ପାଣିଭିତରେ ବୁଡ଼ିଯାଇଥିଲେ। ଧାମନଗର ଦମକଳବାହିନୀ ଘଟଣା ସ୍ଥଳରେ ପହଂଚି ଗ୍ରମବାସୀଙ୍କ ସହଯୋଗରେ ନଦୀଭୀତରୁ ଖୋଜା ଖୋଜିପରେ ସୁଶାନ୍ତର ମୃତ ଦେହକୁ ଉଦ୍ଧାର କରିଥିବା ଜଣାଯାଇଛି। ଏହି ଘଟଣାର ସୁଶାନ୍ତଙ୍କ ସାନବାପା ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଧାମନଗର ଥାନା ଯୁଡ଼ି କେସ ନଂ ୧୯/୨୧ରେ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ପାଇଁ ଏଏସ୍ଆଇ କୃଷ୍ଣଚରଣ ନାୟକଙ୍କୁ ଆଇଆଇସି ପ୍ରଦୀପ ମହନ୍ତ ଦାୟିତ୍ୱ ଦେଇଥିବା ଜଣାଯାଇଛି।

# ମୁରୈନା ଚଉଷଠି ଯୋଗନୀ ମନ୍ଦିର୍



ମଧ୍ୟପ୍ରଦେଶ ଅନ୍ତର୍ଗତ ମୁରୈନା ଜିଲ୍ଲାର ମିତାଓ୍ୱଲୀରେ ଭାରତର ଅନ୍ୟତମ ଚଉଷଠି ଯୋଗିନୀ ମନ୍ଦିର ଅବସ୍ଥିତ । ଏହି ମନ୍ଦିରକୁ ବହୁ ଲୋକ ଇକଂତେଶ୍ୱର ମହାଦେବ ମନ୍ଦିର ମଧ୍ୟ କୁହନ୍ତି । ମନ୍ଦିର ମଧ୍ୟରେ ମୋଟ ଚଉଷଠିଟି କକ୍ଷ ରହିଛି । ପ୍ରତି କକ୍ଷରେ ଗୋଟିଏ ଗୋଟିଏ ଶିବଲିଙ୍ଗ ରହିଛି । ମଧ୍ୟ ଭାଗରେ ଏକ ଖୋଲା ମଣ୍ଡପ ଅବସ୍ଥିତ ।





ତେବେ ଏହି ମନ୍ଦିର ବହୁ ପୁରାତନ ହୋଇଥିବାରୁ ମନ୍ଦିରରେ ଥିବା ଚଉଷଠି ଯୋଗିନୀଙ୍କ ପ୍ରତିମା କିଛି ଚୋରି ହୋଇଯାଇଛି । ଏହିପରି କି ସେହି ମନ୍ଦିର ମଧ୍ୟରେ ଥିବା କିଛି ପ୍ରତିମା ସଂଗ୍ରହାଳୟରେ ମଧ୍ୟ ରହିଛି । ଗବେଷକଙ୍କ ମତରେ ମିତାଓ୍ୱଲୀ ଭୂକମ୍ପ ସ୍ଥାନ ହୋଇଥିବା କାରଣରୁ ମନ୍ଦିରକୁ ଗୋଲାକାର ଭାବେ ନିର୍ମିତ କରାଯାଇଛି । ଏକଦା ଏହି ମନ୍ଦିର ତନ୍ତ୍ର ବିଦ୍ୟା, ଗଣିତ ବିଦ୍ୟା ଓ ଜ୍ୟୋତିଷ ଶାସ୍ତ୍ର ଶିକ୍ଷାର ଏକ କେନ୍ଦ୍ରସ୍ଥଳ ଥିଲା । ଭାରତର ସଂସଦ ଭବନ ଏହି ମନ୍ଦିର ଢ଼ାଞ୍ଚାରେ ଗଢ଼ାହୋଇଥିବା ଅନୁମାନ କରାଯାଏ । ଏକାଦଶ ଶତାବ୍ଦୀରେ ନିର୍ମିତ ବୃତ୍ତାକାର ମନ୍ଦିରଟିକୁ 'ଭାରତୀୟ ପୁରାତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାନ' ଦ୍ୱାରା ପ୍ରାଚୀନ ଐତିହ୍ୟ ସଂସ୍କାରକ ଭାବେ ଘୋଷିତ କରାଯାଇଛି ।

# ଏକମାସ ମଧ୍ୟରେ ଓଜନ କମ କରିବେ କିପରି

**ଆଜିକାଲି ଯୁବପିଢ଼ି ଫିଟ୍ ରହିବାକୁ କେତେ କ'ଣ ଉପାୟ ଆପଣାଉଛନ୍ତି । ସେଥି ମଧ୍ୟରୁ ଆପଣ ବିନା ଡାଏଟିଂରେ କିପରି ଓଜନ କମାଇବେ ଜାଣନ୍ତୁ ସେ ସମ୍ପର୍କରେ.....**

**ହର୍ବାଲ ଟି :-** ପିଇବା ଦ୍ୱାରା ଶରୀରରେ ଥିବା ଏକ୍ସଟ୍ରା ଚର୍ବି ବର୍ନ କରିଥାଏ । ଏଥିସହ ଏହା ପାଚନ କ୍ରିୟାକୁ ଠିକ୍ ରଖିବା ସହ ଭୋକ କଣ୍ଟ୍ରୋଲ କରିଥାଏ । ଫଳରେ ଆପଣ ଓଭର ଇଟିଂରୁ ରକ୍ଷା ପାଇପାରିବେ । ଯାହା ଓଜନ କମାଇବାରେ ସାହାଯ୍ୟ କରିବ ।



ଓଜନ କମାଇବା ପାଇଁ ପିଅନ୍ତୁ ହର୍ବାଲଟି ।

**ବ୍ଲାକ୍ ଟି:-** ସକାଳୁ ଏକ କପ୍ ବ୍ଲାକ୍ ଟି ପିଇବା ଦ୍ୱାରା ଓଜନ କମାଇବାରେ ସାହାଯ୍ୟ କରେ । କିନ୍ତୁ ଏହାକୁ ପିଇବା ପୂର୍ବରୁ ଏକ ଗ୍ଲାସ ପାଣି ପିଅନ୍ତୁ ଏଥିରେ ଭରପୂର ମାତ୍ରାର ଆଣ୍ଟି



ଅକ୍ସିଡାଣ୍ଟ ରହିଛି, ଯାହା ୱେଟ୍ ଲସ କରିବାରେ ସାହାଯ୍ୟ କରେ । ଏହା ଷ୍ଟ୍ରୋକରୁ ମଧ୍ୟ ରକ୍ଷା କରିଥାଏ ।

**ଲେମନ ଟି:-** ଲେମନଟି ପିଇବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ । ଯାହା ଫଳରେ ଓଜନ ଅଳ୍ପଦିନରେ କମିବାକୁ ଲାଗେ । ଏହା ମେଟାବଲିଜମକୁ ବୁଷ୍ଟ କରିଥାଏ, ଯାହା ଓଜନ କମାଇବାରେ ସାହାଯ୍ୟ କରେ ।





**ଗ୍ରୀନଟି:** ଆୟୁର୍ବେଦିକ ଗୁଣରେ ଭରପୂର ଗ୍ରୀନଟି ନା କେବଳ ଓଜନ କମାଇଥାଏ, ଏହା ଆପଣଙ୍କୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରେ । ଯଦି ଆପଣ ଓଜନ କମ କରିବାକୁ ଚାହୁଁଛନ୍ତି ଖାଦ୍ୟ ଖାଇବାର ୧ରୁ ୨ଘଣ୍ଟା ପୂର୍ବରୁ ଗ୍ରୀନ ଟି ପିଅନ୍ତୁ । ଏହାଦ୍ୱାରା ଭୋକ ଡେରିରେ ଲାଗିବ ଏବଂ ଆପଣଙ୍କୁ ଓଭର ଇଟିଂରୁ ରକ୍ଷା କରିବ । ଏହା ବ୍ୟତୀତ ଦିନ ମଧ୍ୟରେ ଦୁଇ ତିନିଥର ଗ୍ରୀନ ଟି ପିଅନ୍ତୁ ।

**ତୁଳସୀ ଟି:-** ତୁଳସୀରେ ଆଣ୍ଟିଅକ୍ସିଡାଣ୍ଟ ରହିଛି, ଯାହା ଓଜନକୁ ଖୁବ କମ ଦିନରେ କମାଏ । ପ୍ରତିଦିନ ଏକ କପ ତୁଳସୀ ଟି ପିଇବା ଦ୍ୱାରା ଫ୍ୟାଟ୍ ବର୍ନ ହୋଇଥାଏ । ଏହା ପାଚନତନ୍ତ୍ର, ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ଠିକ୍ ରଖିଥାଏ ।

**ପୋଦିନା ଟି:-** ପୋଦିନା ଟି ପୋଦିନା ଟି ପାଚନ ତନ୍ତ୍ରକୁ ସୁଧାରିବା ସହ ୱେଟ୍ ଲସ୍ କରେ । ପ୍ରତିଦିନ ଏକ କପ୍ ପୋଦିନୀ ଟି ପିଇବା ଦ୍ୱାରା କ୍ୟାନସର, ହାର୍ଟଜନିତ ରୋଗ ତଥା ଡାଇବେଟିସ୍ ରୁ ମଧ୍ୟ ରକ୍ଷା କରିଥାଏ ।



# ଖଣ୍ଡୋବା ମନ୍ଦିର




ପୁଣେ ଠାରୁ ପ୍ରାୟ ପଚାଶ କିଲୋମିଟର ଦୂର ଧାର୍ମିକ ନଗରୀ ଜେଜୁରୀ ସହରରେ ଖଣ୍ଡୋବା ମନ୍ଦିର ଅବସ୍ଥିତ । ଏକ ଛୋଟ ପାହାଡ଼ ଉପରେ ପ୍ରଭୁଙ୍କ ମନ୍ଦିର । ଦର୍ଶନ ପାଇଁ ପାଖାପାଖି ତିନି ଶହ ପାହାଚ ଚଢ଼ିବାକୁ ପଡ଼େ । ଖଣ୍ଡୋବାଙ୍କ ପ୍ରତିମା ଏକ ଘୋଡ଼ା ଉପରେ ଯୋଦ୍ଧା ଶୈଳୀରେ ବିରାଜମାନ । ପ୍ରଭୁ ଖଣ୍ଡୋବା ଭଗବାନ ଶିବଙ୍କ ଅବତାର । ମଲହାର ଏବଂ ଆନ୍ଧ୍ର ପ୍ରଦେଶର କିଛି ଅଞ୍ଚଳରେ ପ୍ରଭୁ ମୁଖ୍ୟ ଦେବତା ଭାବେ ପୂଜା ପାଆନ୍ତି । ଭଗବାନ ଖଣ୍ଡୋବାଙ୍କ ପୌରାଣିକ ମହତ୍ତ୍ୱ ସଂପର୍କରେ ଏକାଧିକ ଲୋକମତ ଓ କିମ୍ବଦନ୍ତି ପ୍ରଚଳିତ । ସାହିତ୍ୟ କୃତି 'ମଲହାରୀ ମାହାତ୍ମ୍ୟ'ରେ ଜଣେ ଯୋଦ୍ଧା ରାଜା ଭାବେ ଖଣ୍ଡୋବାଙ୍କୁ ବର୍ଣ୍ଣନା କରାଯାଇଛି । ମାର୍ଗଶିର ମାସରେ ପ୍ରଭୁଙ୍କର ବଡ଼ ମେଳା ଆୟୋଜିତ ହୁଏ । ଦଶହରା ଓ ଚୈତ୍ର ପୂର୍ଣ୍ଣିମା ଖଣ୍ଡୋବାଙ୍କ ଅନ୍ୟ ଦୁଇଟି ମୁଖ୍ୟ ପର୍ବ ।

# ସ୍ମୃତିଶକ୍ତି ଓ ନିଦର ନିବିଡ଼ତା

ଆନ୍ତଜାତୀୟ ନ୍ୟୁରୋସାଇକୋଲାଜିକାଲ ସୋସାଇଟିର ଗବେଷକ ଦଳଙ୍କ ଅନୁସନ୍ଧାନ ଅନୁସାରେ ପ୍ରତ୍ୟେକ ବର୍ଗ ଓ ବୟସର ଲୋକ ଦୈନିକ ୭-୮ ଘଣ୍ଟା ଶୋଇବା ନିତାନ୍ତ ଜରୁରୀ । ଭଲଭାବେ ନିଦ ନ ହେଲେ ତହିଁ ଆରଦିନ ଆମ କାର୍ଯ୍ୟଶୈଳୀ ଉପରେ ଏହାର କୁପ୍ରଭଭାବ ପଡ଼ିଥାଏ। ଏହା ସହ ଆମ ସ୍ମୃତିଶକ୍ତି ମଧ୍ୟ ଦୁର୍ବଳ ହୋଇଥାଏ ବୋଲି ପରୀକ୍ଷାରୁ ପ୍ରମାଣିତ ହୋଇଛି । ଅନିଦ୍ରା ରହିଲେ ବିଭିନ୍ନ ଶାରୀରିକ ସମସ୍ୟା ଉପୁଜେ। ଏହା କାରଣରୁ ଅବସାଦ ଭାବ ସହ ଚିଡ଼ଚିଡ଼ା ମଧ୍ୟ ଲାଗେ । ଭଲ ଭାବେ ଶୋଇଲେ ମାନସିକ ସ୍ଥିତି ଠିକ୍ ରହିବା ସହ ଶଯ୍ୟା ତ୍ୟାଗ ପରେ ଜଣେ ବ୍ୟକ୍ତି ସୁସ୍ଥ ଅନୁଭବ କରିଥାଏ । ବୋଲି ଗବେଷଣାରୁ ପ୍ରମାଣିତ ।



# ଆଇଫିଲ୍ ଟାଓ୍ୱାର



*୩୨୪ ମିଟର ଉଚ୍ଚତା ବିଶିଷ୍ଟ ପ୍ୟାରିସରେ ଅବସ୍ଥିତ ଆଇଫିଲ୍ ଟାଓ୍ୱାର । ଯାହା ସାରା ବିଶ୍ୱ ପ୍ରସିଦ୍ଧ । ଏହି ଆଇଫିଲ୍ ଟାଓ୍ୱାରକୁ ଭ୍ରମଣ କରିବା ପାଇଁ ବହୁ ଦୂରଦୂରରୁ ପର୍ଯ୍ୟଟକଙ୍କ ଭିଡ଼ ଦେଖିବାକୁ ମିଳିଥାଏ । ପ୍ରାୟ ସମସ୍ତଙ୍କ ଭ୍ରମଣ ତାଲିକାରେ ଏହି ପ୍ୟାରିସର ଟାଓ୍ୱାର ଜଡ଼ିତ ଥାଏ । ତେବେ ଭ୍ରମଣ ପୂର୍ବରୁ ଆସନ୍ତୁ ଏହି ଟାଓ୍ୱାର ସମ୍ପର୍କରେ କେତେକ ତଥ୍ୟ ଜାଣିବା ।*

- ♦ ଏହି ଟାଓ୍ୱାର ଅଗ୍ରଭାଗରେ ଗୋଟିଏ ଆପର୍ଟମେଣ୍ଟ ରହିଛି ।
- ♦ ଏହା ତଳ ଠାରୁ ଆରମ୍ଭକରି ଅଗ୍ରଭାଗ ପର୍ଯ୍ୟନ୍ତ ଏକ ସ୍ପାଇରାଲ ଶିଡ଼ି ରହିଛି । ଯାହାକୁ କେହି ବ୍ୟବହାର କରିନଥାନ୍ତି ।
- ♦ ଇଞ୍ଜିନିୟର ଗଷ୍ଟାଭି ଆଇଫିଲ୍ ନାମକୁ ନେଇ ଏହି ଟାଓ୍ୱାରଟିକୁ ନାମିତ କରାଯାଇଛି।
- ♦ ଆଇଫିଲ ଟାଓ୍ୱାର ତଳେ ଆପଣ ଏକ ଇଂଲିସ୍ ବଗିଚା ଦେଖିବାକୁ ପାଇବେ ।
- ♦ ଆଇଫିଲ୍ ପୋଷ୍ଟ ଅଫିସ୍ ।

# ସ୍ୱାସ୍ଥ୍ୟ ପାଇଁ ହାନିକାରକ ତମାଖୁ



ତମାଖୁ ସ୍ୱାସ୍ଥ୍ୟ ପାଇଁ ହାନିକାରକ । ଏକ ସ୍ୱଚ୍ଛ ଅକ୍ଷରରେ ତମାଖୁର ପ୍ୟାକେଟ୍ ଉପରେ ଲେଖା ହେବା ପରେ ମଧ୍ୟ କୌଣସି ଲୋକ ଏହାର ପଢ଼ି ଗଭୀରତାର ସହ ନେଉ ନାହାଁନ୍ତି । ଯଦି ଆପଣଙ୍କର ଏହା ନିଶା ହୋଇଥାଏ ତେବେ ଆପଣ ଆପଣଙ୍କ ଜୀବନକୁ ନିଜ ହାତରେ ନଷ୍ଟ କରୁଛନ୍ତି । ଏହା ନା କେବଳ ବ୍ୟକ୍ତିର ସ୍ୱାସ୍ଥ୍ୟ ଖରାପ କରେ ତାର ମସ୍ତିଷ୍କକୁ ମଧ୍ୟ ପ୍ରଭାବିତ କରେ । ତମାଖୁରେ ଲକ୍ଷ୍ୟାଧିକ ଲୋକ କେତେକ ଗମ୍ଭୀର ରୋଗରେ ଆକ୍ରାନ୍ତ ହୋଇ ଯାଉଛନ୍ତି । ଏଥିପାଇଁ ପୂରା ଦୁନିଆରେ ବହୁତ ଅଭିଯାନ ମଧ୍ୟ କରାଯାଉଛି । ଏମିତି ଯେ ତମାଖୁ ଯୋଗୁଁ ପୁରୁଷ ଅପେକ୍ଷା ମହିଳାମାନେ ବେଶୀ ପ୍ରଭାବିତ । ଆମେରିକାର ଏକ ଗବେଷଣାରୁ ଜଣାପଡ଼ିଛି ଯେ ଆମେରିକାର ମହିଳାମାନେ ପାକସ୍ଥଳୀ କର୍କଟ ରୋଗରେ ବେଶୀ ଆକ୍ରାନ୍ତ ହେଉଛନ୍ତି । କିଛି ବର୍ଷ; ପୂର୍ବରୁ ଏହି ରୋଗ ପୁରୁଷମାନଙ୍କ ମଧ୍ୟରେ ଅଧିକ ଦେଖାଯାଉଥିଲା । ଏହି ଗବେଷଣା ଆମେରିକାନ ସୋସାଇଟି ଓ ରାଷ୍ଟ୍ରୀୟ କ୍ୟାନସର ସଂସ୍ଥା ଦ୍ୱାରା କରାଯାଇଛି । ତମାଖୁରେ କ୍ୟାନସର ଜୀବାଣୁକୁ ଜନ୍ମ ଦେବା ତତ୍ତ୍ୱମାନେ ହେଲେ ନିକୋଟିନ, ନାଇଟ୍ରୋସାମାଇନ୍ସ, ଆର୍ସେନିକ୍ ଓ କୋମିୟମ । ନିକୋଟିନ କ୍ୟାଡ଼ିୟମ ଓ କାର୍ବନମୋଲୋ ଆକ୍ସାଇଡ ସ୍ୱାସ୍ଥ୍ୟ ପାଇଁ ବେଶୀ ହାନିକାରକ ।

# ବିପଦସଙ୍କୁଳ ହ୍ରଦ



ଦୁନିଆରେ ଏମିତି କିଛି ସ୍ଥାନ ଅଛି ଯାହା ଏବେ ମଧ୍ୟ ରହସ୍ୟ ଘେରରେ ରହିଅଛି । ଯାହାର ସତ୍ୟତା ଜାଣିବା ପାଇଁ ଆଜି ପର୍ଯ୍ୟନ୍ତ କେହି ସକ୍ଷମ ହୋଇପାରି ନାହାନ୍ତି । ଆସନ୍ତୁ ଏଭଳି ଏକ ରହସ୍ୟମୟ ହ୍ରଦ ବିଷୟରେ ଅବଗତ ହେବା । ତାଞ୍ଜାନିଆରେ 'ଦ ଲେକ୍ ନାଟ୍ରୋନ୍' ଏକ ହ୍ରଦ ରହିଛି । ଏହି ହ୍ରଦର ରହସ୍ୟକୁ ଶୁଣିଲେ ଲୋମ ଟାଙ୍କୁରି ହୋଇ ଉଠିବ । ଏହି ହ୍ରଦରେ ଆପଣ ଜୀବନ୍ତ ପଶୁପକ୍ଷୀଙ୍କୁ ପଥର ପାଲଟି ଯାଇଥିବାର ଦେଖିବାକୁ ପାଇବେ । କୁହାଯାଏ, କିଛି ବର୍ଷ ପୂର୍ବରୁ ଏଠାରେ ପ୍ରବଳ ଥଣ୍ଡା ପଡ଼ିଥିଲା । ଥଣ୍ଡାର ପ୍ରକୋପ ସହି ନ ପାରି ଏଠାକୁ ଆସୁଥିବା ପଶୁପକ୍ଷୀଙ୍କ ମୃତ୍ୟୁ ହୋଇ ଯାଇଥିଲା । ହ୍ରଦ ପାଖରେ ଲାଭା ଉଦଗୀରଣ ଫଳରେ ସେଥିରୁ ବାହାରୁଥିବା ପାଉଁଶ ବାୟୁମଣ୍ଡଳରେ ବ୍ୟାପୀ ପଶୁପକ୍ଷୀଙ୍କ ମୃତ ଶରୀରକୁ ପଥରରେ ବଦଳାଇ ଥିଲା । ହ୍ରଦର ଏହିଭଳି ଭୟଙ୍କର ଅବସ୍ଥା ଦେଖି ସେଠାକୁ କେହି ଯିବାକୁ ପସନ୍ଦ କରୁନାହାନ୍ତି ।

# ମାଛର ସୌନ୍ଦର୍ଯ୍ୟ ପାଇଁ ପ୍ଲାଷ୍ଟିକ୍ ସର୍ଜରି !

ମାଛକୁ ନିଖୁଣ ରୂପ ଦେବା ପାଇଁ ପ୍ଲାସଷ୍ଟିକ୍ ସର୍ଜରି କରାଯାଉଛି । ଅବିଶ୍ୱସନୀୟ ଲାଗୁଥିଲେ ହେଁ ଏହା ସତ୍ୟ । ସିଙ୍ଗାପୁରରେ ମାଛର ଆଖି, ପାଟି ଅଦିରେ ପ୍ଲାସଟିକ୍ ସର୍ଜରି ହେଉଛି । ମୁଖ୍ୟତଃ ଏରୋଓ୍ୱାନା ନାମକ ଆକ୍ୱାରିଅମ ମାଛର ପ୍ଲାସଟିକ୍ ସର୍ଜରି ସେଠାରେ ଲୋକପ୍ରିୟ । ଏହା ଲମ୍ବରେ ତିନି ଫୁଟ୍ ପର୍ଯ୍ୟନ୍ତ ବଢ଼ିପାରେ; ଏବଂ ଦଶ ବର୍ଷରୁ ଅଧିକ କାଳ ବଞ୍ଚିପାରେ । ବିଭଶାଳୀ ଚାଇନିଜ୍ ବ୍ୟବସାୟୀମାନେ ଏହାକୁ ଅତି ଶୁଭଙ୍କର ମନେକରନ୍ତି । ବ୍ୟବସାୟ ସଂପର୍କିତ କୌଣସି ଭୁଲ ନିଷ୍ପତ୍ତି ନେବାକୁ ଯାଉଥିବା ବେଳେ ଏହି ମାଛ କୁଆଡ଼େ ଚେତାବନୀ ଦେବା ପାଇଁ ଆକ୍ୱାରିଅମ୍ ବାହାରକୁ ଲମ୍ଫ ପ୍ରଦାନ କରେ । ଏରୋଓ୍ୱାନା ଶାବକର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ସତୁରି ହଜାର ଟଙ୍କା । ତେବେ, ପ୍ରାପ୍ତ ବୟସ୍କ ଏରୋଓ୍ୱାନାର ମୂଲ୍ୟ ବହୁତ ଅଧିକ । କିଛି ବର୍ଷ ତଳେ ଏକ ପ୍ରାପ୍ତ ବୟସ୍କ ଏରୋଓ୍ୱାନା ୨.୧ କୋଟି ଟଙ୍କାରେ ବିକ୍ରି ହୋଇଥିଲା ।






## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଆଗାମୀ ବଂଶଧରଙ୍କ ସୁରକ୍ଷା...

ଦେଶରେ କରୋନା ସଂକ୍ରମଣର ହ୍ରାସ ବୃଦ୍ଧି ଯେଉଁଭଳି ଭାବେ ସରକାର ଓ ଜନସାଧାରଣଙ୍କୁ ହତଚକିତ କରି ରଖିଛି ସେଥିରୁ ଏବେ ସୁଦ୍ଧା ଦ୍ୱିତୀୟ ଲହର ଶେଷ ହେଲାଣି ଅବା ନାହିଁ ତାହା ନିର୍ଦ୍ଦିଷ୍ଟ ଭାବେ ଠଉରାଇ ହେଉନାହିଁ । ଅପରପକ୍ଷେ ତୃତୀୟ ଲହର ଆସିବାର ଆଶଙ୍କା ଦେଖାଦେଲାଣି ବୋଲି ମଧ୍ୟ ବୈଜ୍ଞାନିକ ଓ ଚିକିତ୍ସାବିଜ୍ଞାନୀମାନେ ସତର୍କବାଣୀ ଶୁଣାଇବା ଆରମ୍ଭ କରିଛନ୍ତି । ଏପରିସ୍ଥଳେ ସରକାର ମଧ୍ୟ ଲୋକମାନଙ୍କୁ ଚେତାବନୀ ଦେଉଛନ୍ତି ଯେ କରୋନା ମହାମାରୀକୁ ଏପର୍ଯ୍ୟନ୍ତ ମୂଳୋତ୍ପାଟନ କରାଯାଇ ପାରିନାହିଁ । ତେଣୁ ସମସ୍ତଙ୍କୁ ସତର୍କ ରହିବାକୁ ପଡ଼ିବ । ଏପରିକି ପୂର୍ବରୁ ଜାରି କରାଯାଇଥିବା ସତର୍କତାମୂଳକ ପଦକ୍ଷେପରେ ସାମାନ୍ୟ ଅବହେଳା ପ୍ରଦର୍ଶନ କରିବାର ପ୍ରଶ୍ନ ଉଠୁନାହିଁ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର ସତର୍କ କରାଯାଉଛି । ଏପରିସ୍ଥଳେ ଦେଶର ଦୈନିକ ସଂକ୍ରମଣ ସାମାନ୍ୟ ହ୍ରାସ ପାଇଥିଲେ ସୁଦ୍ଧା ସଂକ୍ରମିତଙ୍କ ମଧ୍ୟରେ ଶିଶୁମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି । ସରକାରୀ ପରିସଂଖ୍ୟାନ ସୂଚାଏ ଯେ ଗତ ମାର୍ଚ୍ଚ ମାସଠାରୁ ଅଦ୍ୟାବଧି ଶିଶୁମାନଙ୍କ ଠାରେ ସଂକ୍ରମଣ ଦୁଇ ତୃତୀୟାଂଶ ବୃଦ୍ଧି ପାଇଛି ଏବଂ ତାହା ପ୍ରତିଦିନ ବୃଦ୍ଧି ପାଇବାରେ ଲାଗିଛି । ଓଡ଼ିଶା ସମେତ କେତେକ ରାଜ୍ୟ ସେମାନଙ୍କର ଦୈନିକ ସଂକ୍ରମଣ ଡ୍ୟାସବୋର୍ଡରେ ଶୂନ୍ୟରୁ ୧୮ ବର୍ଷ ଆୟୁସୀମା ମଧ୍ୟରେ ସଂକ୍ରମିତ ଶିଶୁଙ୍କ ସଂଖ୍ୟାକୁ ଦର୍ଶାଉଛନ୍ତି । ଏବଂ ତାହା ବଢ଼ି ବଢ଼ି ଚାଲିଛି । ସ୍ମରଣଯୋଗ୍ୟ ଯେ କରୋନାର ପ୍ରଥମ ଲହର ବେଳେ ଲକ୍ଷ୍ୟ କରାଯାଇଥିଲା ଯେ ବୟୋବୃଦ୍ଧମାନେ ଏଥିରେ ସର୍ବାଧିକ ସଂଖ୍ୟାରେ ଆକ୍ରାନ୍ତ ହୋଇଥିଲେ । ଦ୍ୱିତୀୟ ଲହର ବେଳେ ଯୁବଗୋଷ୍ଠୀ ଏହି ମହାମାରୀର ସର୍ବାଧିକ ଶିକାର ହୋଇଥିଲେ । ସେତେବେଳେ ଏହା ସବୁଠାରୁ ଅଧିକ ଘାତକ ଓ ବ୍ୟାପକ ଆକାର ଧାରଣ କରିଥିଲା ଯାହାକି ଦେଶର ସତର୍କତା ଓ ସମୁଚିତ ସତର୍କତା ଓ ଉପଚାରମୂଳକ ପଦକ୍ଷେପ ଗ୍ରହଣ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥିଲା । ସେତେବେଳେ କେବଳ ଭାରତ ନୁହେଁ ସମଗ୍ର ବିଶ୍ୱରେ ବିଜ୍ଞାନୀମାନେ ଚିନ୍ତା ପ୍ରକଟ କରିଥିଲେ ଯେ ସମ୍ଭାବ୍ୟ ତୃତୀୟ ଲହରରେ ଶିଶୁମାନେ ହିଁ ସର୍ବାଧିକ ଆକ୍ରାନ୍ତ ହୋଇପାରନ୍ତି । ଏହାର କାରଣ ମଧ୍ୟ ବେଶ୍ ଯୁକ୍ତିସିଦ୍ଧ ଭାବେ ସେମାନେ ଦର୍ଶାଇଥିଲେ । ଭାରତ ସମେତ ବିଶ୍ୱରେ ସର୍ବତ୍ର ବର୍ତ୍ତମାନ ବ୍ୟାପକ ଟିକାକରଣ କାର୍ଯ୍ୟକ୍ରମ ଚାଲିଛି । କିନ୍ତୁ ତାହା ବୟସ୍କ ଓ ବୟୋବୃଦ୍ଧଙ୍କୁ ହିଁ ଦିଆଯାଉଛି । ୧୮ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ଏବେ ଟିକାକରଣ ଆରମ୍ଭ ହୋଇନାହିଁ । ଶିଶୁମାନଙ୍କ ପାଇଁ ଯେଉଁ ଟିକା ଉଦ୍ଭାବିତ ହୋଇଛି ତାହା ପରୀକ୍ଷଣ ପର୍ଯ୍ୟାୟରେ ହିଁ ରହିଛି । ଭାରତର ସ୍ଥିତି ମଧ୍ୟ ଅନୁରୂପ । ଯେଉଁ ଆୟୁବର୍ଗର ଲୋକମାନଙ୍କୁ ଟିକା ପ୍ରଦାନ କରାଯାଇଛି ସେମାନେ ଏହି ମହାମାରୀ ଠାରୁ ଆପାତତଃ ସୁରକ୍ଷିତ ରହିଛନ୍ତି । ସେମାନଙ୍କ ତୁଳନାରେ ଶିଶୁମାନେ ହିଁ ଅଧିକ ସଂକ୍ରମଣ ଆଶଙ୍କାରେ ରହିଛନ୍ତି । ସେମାନଙ୍କ ଠାରେ ଯେଉଁ ରୋଗ ପ୍ରତିରୋଧ ଶକ୍ତି ରହିଛି ତାହା ହିଁ ସେମାନଙ୍କର ସୁରକ୍ଷା କବଚ । କିନ୍ତୁ କୋଭିଡ ୧୯ ଭୂତାଣୁ ଇତି ମଧ୍ୟରେ ବାରମ୍ବାର ତା'ର ଷ୍ଟ୍ରେନ୍ ବଦଳାଇ ଚାଲିଛି । ନୂତନ ଭେରିଆଣ୍ଟ ଶିଶୁମାନଙ୍କ ପାଇଁ ଅଧିକ ସଂକ୍ରମଣକ୍ଷମ ଏବଂ ଘାତକ ସାବ୍ୟସ୍ତ ହୋଇପାରେ ବୋଲି ବିଜ୍ଞାନୀମାନଙ୍କ ଆଶଙ୍କାକୁ ଅମୂଳକ ବୋଲି କୁହାଯାଇନପାରେ । ଯେଉଁ ଚୀନରୁ ଏହି ମହାମାରୀର ଅୟମାରମ୍ଭ ହୋଇଥିଲା ଏବେ ଡେଲଟା ଷ୍ଟ୍ରେନ୍ ଏବଂ ଶିଶୁମାନଙ୍କ ସଂକ୍ରମଣକୁ ନେଇ ସେ ଦେଶର ବିଭିନ୍ନ ନଗରୀରେ କଠୋର କଟକଣା ଲାଗୁ ଓ ଲକ୍‌ଡାଉନ୍ ଲାଗୁ କରାଯାଇସାରିଲାଣି । କିନ୍ତୁ ଭାରତର ସ୍ଥିତି ଭିନ୍ନ । ଦେଶରେ ବର୍ଷାଧବକ କାଳ ବନ୍ଦ୍ ରହିବାପରେ ଅଧିକାଂଶ ରାଜ୍ୟରେ ବର୍ତ୍ତମାନ ସ୍କୁଲ କଲେଜ ଖୋଲାଲାଣି । ପିଲାମାନେ ଶ୍ରେଣୀକକ୍ଷରେ ବସି ପାଠ ପଢ଼ିବା ଆରମ୍ଭ କଲେଣି । କିନ୍ତୁ ସମ୍ଭାବ୍ୟ ସଂକ୍ରମଣ ଏବଂ ସତର୍କତା ଅବଲମ୍ବନ ସେମାନଙ୍କୁ କେତେ ମାତ୍ରାରେ ସୁରକ୍ଷିତ ରଖିବ ତାହା ଅନୁମାନ କରିବା କାଠିକର ପାଠ । ଶିଶୁ ହୁଅନ୍ତୁ ଅବା ଅନ୍ୟ ଯେକୌଣସି ଆୟୁବର୍ଗର ଲୋକ, ସମସ୍ତଙ୍କ ଜୀବନ ଅମୂଲ୍ୟ । ତେଣୁ ଦ୍ୱିତୀୟ ଲହର ଶେଷ ହୋଇଥାଉ କି ନାହିଁ, ତୃତୀୟ ଲହର ଆସୁ ଅବା ନଆସୁ, ସମସ୍ତେ ସତର୍କ ରହିବା ହିଁ ଏକମାତ୍ର ପନ୍ଥା । ଏହା ଦେଶବାସୀ ଓ ବିଶ୍ୱବାସୀ ଅନୁପାଳନ କରିବା ଶ୍ରେୟ ।

## ରାଜିନାମାର ରାଜନୀତି



ମାୟାଧର ନାୟକ

ମୁକ୍ତି ସଂଗ୍ରାମର ପ୍ରଶ୍ନୋତର ପର୍ଯ୍ୟାୟ ପରବର୍ତ୍ତୀ ଏକ ମହାସଂଗ୍ରାମ - ଯାହାର ଅସଲ ମଇଦାନ ମାଟିରୁଘାଟି ପର୍ଯ୍ୟନ୍ତ ପରିବ୍ୟାପ୍ତ । ଜୀବନ ସଂଗ୍ରାମର ସ୍ୱାଧୀନତା ହେଉଛି କେବଳ ଅର୍ଥନୈତିକ ପରାଧୀନତାରୁ ମୁକ୍ତି ନୁହେଁ, ଆମ ସାଂସ୍କୃତିକ ଦାସତ୍ୱରୁ ନିଷ୍କୃତି ମଧ୍ୟ । ବଂଚିବାର ସର୍ବନିମ୍ନ ଅଧିକାର ଛଡାଇ ନେଉଥିବା ଶୋଷକ ଶାସନତନ୍ତ୍ର ବିରୋଧରେ ବଂଚିତ ଓ ପ୍ରବଚିଂତଜନ ସାଧାରଣଙ୍କର ଏହା ହେବ ମରଣପଣ ମହାଯୁଦ୍ଧ । ଶିକାରୀ ଶାସକମାନଙ୍କ କଲମୀକୁଂଜ ବାହାରେ ଆମଜନତା ଓ ଜନଜାତି ଦଳଦଳ ଘୃଣିତ ଭିକାରି ନୁହନ୍ତି ଯେ ଶେଷଯାଏଁ କେବଳ ମୁଣ୍ଡରେ ହାତଦେଇ କାନ୍ଦୁଥିବେ । ଦେଶବାସୀଙ୍କ ଦୁଃଖ ଦୁର୍ଗତ ପ୍ରତି ବ୍ୟଙ୍ଗ କରିରା ଜନୈତିକ ବ୍ୟବସାୟ ବିସ୍ତାର ପାଇଁଏଭଳି ଅମାନୁଷିକ ଅଧିକାର ଏ ରାଜନେତାମାନଙ୍କର ଆସିଲା କେଉଁଠୁ ? ଗତକାଲି ମୁକ୍ତିସଂଗ୍ରାମ ଆରମ୍ଭ ହୋଇଥିଲା ବିଦେଶୀ ଶାସକ ବାହିନୀ ବିରୋଧରେ, ଆସନ୍ତା କାଲି କିନ୍ତୁ ଜୀବନ ସଂଗ୍ରାମର ସ୍ୱାଧୀନତା ପାଇଁ ଘାଟିରେ ମାଟିରେ ନିଆଁ ଜଳିବ ଦେଶୀ ଶାସନତନ୍ତ୍ରର ଅବିଚାରିତ ଅଭ୍ୟସ୍ତତାକୁ ମୂଳପୋଛ କରିବାକୁ ।

ଜୀବନ ସଂଗ୍ରାମର ସ୍ୱାଧୀନତା ପାଇଁ ଘାଟିକାନ୍ଦୁଚି, ମାଟି ବାହୁନୁଚି । ମାଳମାଳମଫସଲ, ଗରିବଗୁରୁବାର ଗାଆଁଗଣ୍ଡା, ଅଭେକା ଆଦିବାସୀ ଅନ୍ଧାରିମୂଳକରେ ମଣିଷ ପୋକମାଛି ପରି ଜୀବନ ବଂଚୁଥିଲା ବେଳେ ଆଜି ନେତାମାନଙ୍କ ଭାରତବର୍ଷ ଶିଳ୍ପପତି ଶ୍ରେଣୀ ଦ୍ୱାରା ନ୍ୟସ୍ତ ଓ ନିର୍ମିତ ମାର୍କାମରା ମହାନଗରମାନଙ୍କରେ ବିଳାସ ବ୍ୟସନରେ ଉବୁଟୁବୁ ।

ଏବେ ସବୁଠୁ ଭୟଙ୍କର ଷଡଯନ୍ତ୍ର ସୃଷ୍ଟି ହୋଇସାରିଛି ଜନ ସାଧାରଣଙ୍କ ଜୀବନ ସଂଗ୍ରାମକୁ ମୃତ୍ୟୁ ମୁହଁକୁ ପଠାଇଦେବା ପାଇଁ । ଆମେ ଏ ଷଡଯନ୍ତ୍ରର ନାଆଁ ଦେବା - ମେସିନ୍ ମାଫିଆ ! ମେସିନ୍ ମାଫିଆ ? ହଁ, ଆଜି ଆଉ ପ୍ରତ୍ୟକ୍ଷ ଭାବରେ ଦେଶୀ ଶାସନର ସେନାପତିମାନେ ଆମ ଭୋଟ୍‌ବୁଥ୍ ଦଖଲଠୁ ଆରମ୍ଭ କରି ଆମକୁ ଆମ ଭିଟାମାଟିରୁ ବେଦଖଲ କରିବାର ଷଡଯନ୍ତ୍ର ରେ ଯେଉଁ ମାଫିଆ ବାହିନୀକୁ ଜାଗତିଆର କରି ରଖିଥିଲେ, ସେ ଧାରା ଏବେ ଦ୍ରୁତ ବଦଳିବାକୁ ଯାଉଛି । ଆଜି ମେସିନ୍ ହିଁ ନେବାକୁ ଯାଉଛି ନକାରାତ୍ମକ ଅପଶକ୍ତି ମାଫିଆର ଭୂମିକା ।

ବିଦେଶରୁ ବହୁ କିସମର ମେସିନ୍ ପଶି ଆସୁଚି ଦେଶ ଭିତରକୁ । ଯେଉଁଠି ମେସିନ୍ ମଣିଷର ବଂଚିବାର ଯୁଦ୍ଧରେ ସୈନ୍ୟର ଭୂମିକା ନେଇଥାଏ, ସେଠି ଏ ମେସିନ୍ ଆମର 'ମେସିହା' (messiah) ବା ଦେବଦୂତ, ମାତ୍ର ଯେଉଁଠି ଲକ୍ଷଲକ୍ଷ ମଣିଷଙ୍କୁ ନିକିମା କରିଦେଇ ମେସିନ୍ ମୁନାଫା ଖୋର୍‌ମାଲିକର ହାତବାରିସି ସାଜିବାର ଭୂମିକା ନିର୍ବାହକରେ, ସେଠି ତାହା ମାଫିଆ । ଆଜି ମେସିନ୍ ମାଫିଆ ପଶି ଆସିଲାଣି ଆଦିବାସୀ ଇଲାକାକୁ ମଧ୍ୟ । ହାତକୁ ହରାଇ ଦେଇ ହତିଆରକୁ ଜିତାଇବାର ଜିଦ୍ ହେଉଛି ଏ ମେସିନ୍ ମାଫିଆର ମତଲବ । ଜୀବନ ସଂଗ୍ରାମର ସ୍ୱାଧୀନତା-ଯୋଦ୍ଧାମାନେ ଏ ମେସିନ୍ ମାଫିଆର ମତଲବକୁ ମୂଳପୋଛ ନକଲେ ନିଜେ ନିଶ୍ଚିହ୍ନ ହେବାକୁ ମଧ୍ୟ ।

ବର୍ତ୍ତମାନ କୃଷିକ୍ଷେତ୍ରକୁ କବରଖାନାରେ ପରିଣତ କରି ଶିଳ୍ପକ୍ଷେତ୍ରର ଯେଉଁ ନବ୍ୟ ସାମ୍ରାଜ୍ୟବାଦ ବିସ୍ତାରିତ ହେବାରେ ଲାଗିଛି, ତାହା ଆମ ସମସ୍ତଙ୍କୁ ଦିନେ ଏକ ବିସ୍ଥାପିତ ବର୍ଗରେ ପରିଣତ କରିଦେବ - ଏଥିରେ ତିଳାର୍ଦ୍ଧ ସନ୍ଦେହ ନାହିଁ । ଶାସନ, ପ୍ରଶାସନ ଓ ଶିଳ୍ପାୟତ ବ୍ୟବସ୍ଥାର ତ୍ରିଶକ୍ତି ମେଂଟରେ ଜନତା ଆଜି ତ୍ରିଶଙ୍କୁ । ତାର ନା ସ୍ୱର୍ଗ ଅଛି ନା ମର୍ତ୍ତ୍ୟ ? କେବଳ ପାତାଳ । ଏବଂ ଏଇ ପାତାଳର ପ୍ରାଚୁର୍ଯ୍ୟ ପ୍ରତି ମଧ୍ୟ ନଜର ପଡିଛି ପରାଙ୍ଗ ପୁଷ୍ଟମାଳିକ ଶ୍ରେଣୀର । ଯଦି କୃଷିକ୍ଷେତ୍ରର ପୁନରୁଦ୍ଧାର ପାଇଁ ପ୍ରସ୍ତୁତି ପର୍ବ ପୁଣି ଆରମ୍ଭ ନହୁଏ, ତା' ହେଲେ ଶିଳ୍ପକ୍ଷେତ୍ରର ଏ ବିସ୍ତାର ଦିନେ ଶେଷ କରିଦେବ ମାମୁଲି ମଣିଷମାନଙ୍କର ଅସ୍ତିତ୍ୱ ।

ଜୀବନ ସଂଗ୍ରାମର ସ୍ୱାଧୀନତା - ଏହି ଦୃଷ୍ଟିରୁ ଆଜିର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ । ଏ ଜୀବନ ସଂଗ୍ରାମର ସ୍ୱାଧୀନତା ପ୍ରତିବିପଦ ଭିଆଇବାର ଅଭିସନ୍ଧି ଏବେ ସବୁଠି ଆମେ ଅଙ୍ଗେ ନିଭାଇଛୁ । ୪୦ବର୍ଷତଳୁ ବିଦେଶରୁ ଆମଦାନି ହୋଇଥିବା ଗହମ ବସ୍ତା ଭିତରେ ଆମ ଦେଶକୁ ଚାଲିଆସିଥିଲା ବିଷାକ୍ତ ଘାସମଂଜି ! ଏହା ଅଜାଣତରେ ଆସିନଥିଲା, ଆସିଥିଲା ଏ ଦେଶର ଉର୍ବର ଫସଲ କ୍ଷେତଗୁଡାକୁ ବାଂଝବଂଜର ଭୂଇଁରେ ପରିଣତ କରିବାର ଦୁରଭି ସନ୍ଧି ଯୋଗୁଁ । ତା'ଛଡା ଏ ଦେଶର ଅର୍ଥନୀତିକୁ କୃଷକ ବିରୋଧୀ ଅର୍ଥନୀତିରେ ବଦଳାଇ ଦେବାର ବିଦେଶୀ ପ୍ରଭାବକୁ ସେତେବେଳେ କେହି ଚିହ୍ନଟ କରିପାରିନଥିବା ହେତୁ କୃଷକମାନଙ୍କୁ ଚକ୍ର ବୃଦ୍ଧିସୁଧ ସହ ଯେଉଁ କୃଷିଋଣ ପ୍ରବର୍ତ୍ତନ କରାଯାଇଥିଲା, ତାହା ଯେ ଦେଶର ମେରୁଦଣ୍ଡ କୃଷକ ଶ୍ରେଣୀକୁ ଭାଙ୍ଗିବାର ଭୂମିକା ନିର୍ବାହକ ରିଥିଲା - ଏ ଉକ୍ଟ ସତ୍ୟ ଆଜି ଉଣାଅଧିକେ ସମସ୍ତଙ୍କୁ ଗୋଚର ।

ବର୍ତ୍ତମାନ ଗାଆଁ ଗାଆଁରେ ଶୂନ୍‌ଶାନ୍ ସମୟ । ଚାଷଜମି ସବୁ ଚାକୁଣ୍ଡା ଭୂଇଁ । ଯେଉଁ ଚଷାସାରା ପୃଥିବୀର ଅନ୍ନଦାତା, ତା' ପ୍ରତି ବିଶ୍ୱାସଘାତକତାର ଅନ୍ତହୀନ ବର୍ବରତା ବଜାୟ ରହିଛି ପୂର୍ବପରି । ଶାସନ, ପ୍ରଶାସନ ଓ ଶିଳ୍ପାୟତ ବ୍ୟବସ୍ଥା ପାରସ୍ପରିକ ରାଜିନାମାର ରାଜନୀତି ଚାଲୁରଖି ଏ କୃଷକ ଶ୍ରେଣୀକୁ ଉଚ୍ଛେଦ କରିବା ପାଇଁ କାହିଁକି ତତ୍ପର ? କାରଣ କୃଷକ କେବଳ ତା' ଫସଲ କ୍ଷେତର ଜଗୁଆଳ ନୁହେଁ, ସେ ମଧ୍ୟ ଗ୍ରାମ ସଂସ୍କୃତିର ଗୃହରକ୍ଷୀ । କୃଷକ ଶ୍ରେଣୀମଜବୁତ ଥିବାଯାଏଁ ଗାଆଁକୁ

ବଣିକ ବାହିନୀର ଭଡାଟିଆ ଗୁଣ୍ଡା କି ଶାସକ ବର୍ଗର ପାଳିତ ଶ୍ୱାନଦଳ ପଶି ପାରିବା ଅସମ୍ଭବ । କୃଷକକୁ ଦୁର୍ବଳ କରିଦେଇ ତା' ଜମି ଉପରେ କଳାକନାର ପତାକା ଉଡାଇବା ପାଇଁବଣିକ ଓ ଶାସକ ମାନଙ୍କ ମେଂଟ ଆଜି ପୂରାମାତ୍ରାରେ ସକ୍ରିୟ । ଏବେ ପୁଣି ଆଦିବାସୀଙ୍କୁ ଆଇନ କାନୁନ୍‌ଠାରୁ ଦୂରେଇ ରଖି ସେମାନଙ୍କ ଜଙ୍ଗଲକୁ ଲୁଟ୍ କରିବାର ଚକ୍ରାନ୍ତ ଚାଲିଛି । ଖଣିଗୁଡାକୁ ବିକିଦେବାର ମସୁଧା ଚାଲିଛି । ରାଜିନାମାର ରାଜନୀତିରେ କେବଳ କୃଷକ ଓ ଆଦିବାସୀ ବର୍ଗ ନୁହନ୍ତି, ମେହନତି ମଜଦୁର ତଥା ଶ୍ରମିକ ଶ୍ରେଣୀ ମଧ୍ୟ ବଳି ପଡିବାକୁ ଯାଉଛନ୍ତି । ମେସିନ୍ ମାଫିଆ ଶ୍ରମିକ ମଜଦୁର ଭାଇଭଉଣୀମାନଙ୍କ ଜୀବନ ନାଟିକାକୁ ହରଣଚାଲ କରିନେବାକୁ ବାହା ପିଟୁଚି ।

ସମସ୍ତେ ପ୍ରଚାର କରୁଛନ୍ତି ପ୍ରଗତି - ପ୍ରଗତି ! ଶିଳ୍ପ ଆସିଲେ କୁଆଡେ ପ୍ରଗତି ଆସିବ । କିନ୍ତୁ ଯେଉଁ ପ୍ରଗତି ଆସିଲେ ମଣିଷର ଜମି, ଜଙ୍ଗଲ, ଜୀବନର ପତା ସୁଦ୍ଧା ମିଳିବନି ଏବଂ ବିସ୍ଥାପିତ ବର୍ଗର ବିକଳ ଆର୍ତ୍ତନାଦରେ ସ୍ୱର୍ଗମର୍ତ୍ତ୍ୟ ପାତାଳ ଥରିଉଠିବ, ସେ ପ୍ରଗତି କାହାର ? ସେ ପ୍ରଗତି ବଣିକର, ଶାସକର, ପ୍ରଶାସକର ପ୍ରଗତି - ସାଧାରଣ ମଣିଷର ମର୍ଯ୍ୟାଦା ସେ ପ୍ରକାର ପ୍ରଗତିରେ ଦିବାସ୍ୱପ୍ନ ।

ଏବେ ସବୁଆଡେ ଶସ୍ତା ସ୍ଲୋଗାନ୍ । ବସ୍ତା ବସ୍ତା ଭାଷଣବାଜିର ରିହାତି-ରାଜନୀତି । ଏ ଦଳ କହୁଚି ସେ ଦଳ ଚୋର, ସେ ଦଳ କହୁଚି ଏ ଦଳ ତସ୍କର । ଲୋକେ କହୁଛନ୍ତି ସବୁ ଦଳ - ପଙ୍ଗପାଳ । ଶାସନତନ୍ତ୍ରର ଶସ୍ୟକ୍ଷେତ୍ରରେ ପ୍ରବେଶ କରିବା ପାଇଁ ସମସ୍ତେ ପାଗଳ । ଆଗେ ଆମର ରାଷ୍ଟ୍ରନୀତିଜ୍ଞ ଥିଲେ - ଯେଉଁମାନଙ୍କ ସଂଖ୍ୟା ହ୍ରାସ ଘଟିଛି ଶୋଚନୀୟ ଭାବରେ । ଏବେ ଅବଶ୍ୟ ରାଜନୀତିଜ୍ଞ ଅଛନ୍ତି କେତେକ - ମାତ୍ର ଚଳନ୍ତି ରାଜନୀତିର ଚକ୍ରବ୍ୟୂହରେ ସେମାନେ ନିଷ୍ପ୍ରଭ ଚରିତ୍ର ଜଣେ ଜଣେ । ବର୍ତ୍ତମାନର ରାଜନୀତି ଏକପ୍ରକାର ପ୍ରଜା ଶୋଷଣ ଧର୍ମୀ ପ୍ରବୃତି ନହେଲେ ରାଜକୋଷ ଲୁଣ୍ଠନ ମୁଖୀ ବାଜନୀତି । ରାଜନୀତିକୁ ବାଜନୀତିରେ ବଦଳାଇ ଦେଇଥିବା ଅପଶକ୍ତିର ଆଜ୍ଞାବହ ବର୍ଗ ଗୋଟିଏ ଗୋଟିଏ ଦଳ ଗଢିସାରା ଦେଶକୁ ଦଖଲ କରିବାକୁ ବ୍ୟଗ୍ର । ଏମାନେ କେବଳ ମିଥ୍ୟାଚାରୀ, ଭ୍ରଷ୍ଟାଚାରୀ, ବ୍ୟଭିଚାରୀ, ଅବିଚାରୀ ବା ମୁଖାଧାରୀ ନୁହନ୍ତି, ଦରକାର ପଡିଲେ ଏମାନେ ବିଭାରତୀୟ ଗଣତନ୍ତ୍ରର ହତ୍ୟାକାରୀ ହେବାକୁ ହାତମିଳାନ୍ତି ପରସ୍ପର ସହିତ ।

ଆଜି ସମସ୍ତଙ୍କ ମୁଣ୍ଡ ବିଗିଡି ଯାଇଛି । ସେଥି ପାଇଁ ଶାସକ ଓ ସୌଦାଗରମାନଙ୍କ ସୌଖିନ୍ ସଂସ୍କୃତିକୁ ସମସ୍ତେ ପ୍ରଗତିର ପ୍ରକୃତି ଭାବରେ ବୁଝୁଛନ୍ତି । କିନ୍ତୁ ମୁଣ୍ଡକାମ କରିଥିଲେ ଏ ମୋହ ଆଉ ଆମେ କାହାକୁ ପାଗଳ କରୁନଥାନ୍ତା ।

ଏବେ ମୁଣ୍ଡମରାମତି କାରଖାନା ଆଗେ ଦରକାର । ଏ ମୁଣ୍ଡମରାମତି କାରଖାନା କିଏ କରିବ ? ନା, କୌଣସି ମାଲିକ ନୁହେଁ, ମହାଜନ ନୁହେଁ, ଶାସକ ନୁହେଁ, ସୌଦାଗର ନୁହେଁ - ଏ କାରଖାନା ଚଳାଇବେ ଆଦିବାସୀମାନେ, ଅଧିବାସୀମାନେ, କୃଷକ ଶ୍ରମିକମାନେ ଏବଂ ପ୍ରବଂଚିତ ଦଳିତ ଜନସମୂହ ।

ମୁଣ୍ଡମରାମତି କାରଖାନା ଚାଲିଲେ ଜୀବନ ସଂଗ୍ରାମର ସ୍ୱାଧୀନତା ପାଇଁ ଆନ୍ଦୋଳନ ସାରା ପୃଥିବୀ ପାଇଁ ସୃଷ୍ଟିକରି ପାରିବ ସଂଶୟ ମୁକ୍ତ ଶୁଭେଚ୍ଛା - ବଂଚିବାର ବାର୍ତ୍ତା । ପ୍ରଚାରରେ ପ୍ରଗତିର କୀର୍ତ୍ତନ ଚାଲିଛି, ବିଚାରରେ ନାହିଁ - ପ୍ରଗତି ନାଆଁରେ ଏ ଦୁର୍ଗତିକୁ ଚିହ୍ନଟକର ଓ ପ୍ରତିବାଦ କର । ତୁମ ଜୀବନ ସଂଗ୍ରାମର ସ୍ୱାଧୀନତାକୁ ବିପନ୍ନ କରି ଯେଉଁ ରାଜନୈତିକ ଧାରା ବର୍ତ୍ତମାନ ନାନାଦି ଅର୍ଥନୈତିକ ଯୋଜନା ପ୍ରସ୍ତୁତ କରୁଛି, ସେ ଯୋଜନାରେ ଭୁଲି ନଯାଇ ନୂତନ ରାଜନୈତିକ ଦର୍ଶନ ପ୍ରସ୍ତୁତକର । ଦେଶଦ୍ରୋହୀ, ଜନଦ୍ରୋହୀ ରାଜକୋଷ ଲୁଟେରାଙ୍କୁ ଚରମଶାସ୍ତି ଦିଅ । ଗାଆଁଗଣ୍ଡା, ଖଣିଖାଦାନ, ପାହାଡ ପଡିଆ, ସହର ବଜାର - ସବୁ ତୁମ ଜୀବନ ସଂଗ୍ରାମର କୁରୁକ୍ଷେତ୍ର । କୃଷିଜୀବୀ, ଶ୍ରମଜୀବୀ ଜନସାଧାରଣ ଏକ୍ ହୁଅ - ମେଳିକର - ହକ୍ ଅଧିକାର ଛଡାଇଆଣ । କଷ୍ଟ ଓ ମୃତ୍ୟୁକୁ ଭୟ କରନା - ନିଜ ବିପର୍ଯ୍ୟୟକୁ ଜୟ କରି ତୁମେ ହୁଅ ଜଗତଜିତା ।

+ ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

## କାରୁକାର୍ଯ୍ୟର ଯନ୍ତ୍ରୀ ଶ୍ରୀବିଶ୍ୱକର୍ମା



ଅମୂଲ୍ୟ କୁମାର ପଣ୍ଡା

ବିଶ୍ୱକର୍ମାଙ୍କ ଶିଳ୍ପ କାରୁକାର୍ଯ୍ୟରେ ଅଗାଧ ପାଣ୍ଡିତ୍ୟ ଥିବାରୁ ତାଙ୍କୁ ଶିଳ୍ପକଳାର ଜନକ କୁହାଯାଏ। ଗଣେଷ ପୂଜାର ଅବ୍ୟବହିତ ପରେ ବା ପୂର୍ବରୁ, ଭାଦ୍ରବ ମାସ, କନ୍ୟା ସଂକ୍ରାନ୍ତି ଦିନ ବିଶ୍ୱକର୍ମାଙ୍କ ଚତୁର୍ଭୁଜ ମୂର୍ତ୍ତି ପୂଜା ପାଳନ କରାଯାଏ । ହିନ୍ଦୁଧର୍ମରେ ପ୍ରତ୍ୟେକ ପୂଜାକୁ ବିଧି ପୂର୍ବକ ପାଳନ କରାଯାଏ। ଶାସ୍ତ୍ର ଅନୁଯାୟୀ ବିଶ୍ୱକର୍ମାଙ୍କୁ ଦୁନିଆର ପ୍ରଥମ ଯନ୍ତ୍ରୀ ଏବଂ ବାସ୍ତୁକାରକ ବୋଲି କୁହାଯାଏ। ଏହି ପୂଜାର ନିତୀ ସୂର୍ଯ୍ୟଦେବତାଙ୍କୁ ଦର୍ଶନ କରି କରାଯାଏ। ମାନ୍ୟତା ଅନୁଯାୟୀ ପୌରାଣିକ କାଳରେ ଦେବତା ମାନଙ୍କ ଅସ୍ତ୍ରଶସ୍ତ୍ର, ମହଲ ମାନଙ୍କର ନିର୍ମାଣ ଭଗବାନ ବିଶ୍ୱକର୍ମାଙ୍କ ଦ୍ୱାରା ହୋଇଥିଲା। ତେଣୁ ତାଙ୍କୁ ନିର୍ମାଣ ଏବଂ ସୃଷ୍ଟିର ଦେବତା ବୋଲି କୁହାଯାଏ। ସେ ସୁନାର ଲଙ୍କା, ପୁଷ୍ପକ ବିମାନ , ଇନ୍ଦ୍ରଙ୍କବଜ୍ର , ମହାଦେବଙ୍କ ତ୍ରିଶୂଳ, ଶ୍ରୀ କୃଷ୍ଣଙ୍କ ନଗରୀ ଦ୍ୱାରିକା, ଇନ୍ଦ୍ରପୁରୀ, ହସ୍ତିନାପୁର, ସ୍ୱର୍ଗଲୋକ, ଆଦିର ନିର୍ମାଣ କରିଥିଲେ। ଦେବଶିଳ୍ପୀ ବିଶ୍ୱକର୍ମା ସମସ୍ତ ଶିଳ୍ପ ଓ ଶିଳ୍ପୀଙ୍କ କୁଳଦେବତା ।ପୁରାଣମତେ ସେ ଅଷ୍ଟମ ବସୁଦେବତା ପ୍ରଭାସଙ୍କ ଔରସରେ ଯୋଗସିଦ୍ଧାଙ୍କ ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ମତାନ୍ତରେ ପ୍ରଜାପିତା ବ୍ରହ୍ମାଙ୍କ ନାଭି କମଳରୁ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଜନ୍ମ । ଚତୁର୍ଭୁଜ ବିଶ୍ୱକର୍ମା, ବାମ ଉପର ହାତରେ ବଟାଳି ଓ ବାମ ତଳ ହାତରେ ମାର୍ତ୍ତୁଲି, ଦକ୍ଷିଣ ଉପର ହାତରେ ଚକ୍ର ଓ ତଳ ହାତରେ ଆଶୀର୍ବାଦ କରୁଥିବାର ଦୃଷ୍ଟିଗୋଚର ହେଉଥାନ୍ତି । ଦିବ୍ୟ ବସ୍ତ୍ର ପରିହିତ ଗଳାରେ ରତ୍ନହାର, ଅନୁପମ ରତ୍ନ ଅଳଙ୍କାରରେ ବିଭୂଷିତ, କର୍ଣ୍ଣରେ ମକର କୁଣ୍ଡଳ । ସେ ଜ୍ଞାନ ଓ ଅବସ୍ଥାରେ ସମୃଦ୍ଧ ହୋଇଥିଲେ ମଧ୍ୟ କିଶୋର ପରି ପ୍ରତିଭାତ । ଅତ୍ୟନ୍ତ ସୁନ୍ଦର ତେଜସ୍ୱୀ କାମଦେବଙ୍କ ପରି କାନ୍ତିମାନ ଅଟନ୍ତି । ବିଶ୍ୱକର୍ମା ସକଳ ଶିଳ୍ପକଳାର ଜନକ ।



ବ୍ରହ୍ମାଙ୍କ ନିର୍ଦ୍ଦେଶରେ ବିଶ୍ୱକର୍ମା ସମଗ୍ର ସୃଷ୍ଟି ରଚନା କରିଥିଲେ । ଦେବତାମାନଙ୍କର ସମସ୍ତ ଶସ୍ତ୍ର ବିମାନ ଆଦି ବିଶ୍ୱକର୍ମାଙ୍କ ଦ୍ୱାରା ବି ନିର୍ମିତ । ସ୍ୱର୍ଗର ଅମରାବତୀ ହିଁ ତାଙ୍କ ନିର୍ମାଣର ଶ୍ରେଷ୍ଠ ନିଦର୍ଶନ ।

ବିଶ୍ୱକର୍ମାଙ୍କ ପୂଜା କରିବା ଦ୍ୱାରା ବ୍ୟବସାୟରେ ଉନ୍ନତି ହେବା ସହ ଆର୍ଥିକ କ୍ଷେତ୍ରରେ ମଧ୍ୟ ଉନ୍ନତି ହୋଇଥାଏ। ବିଶ୍ୱକର୍ମା ଅନ୍ୟ ଅର୍ଥରେ ବିଶ୍ୱର ସୃଷ୍ଟିକର୍ତ୍ତା । ଅନନ୍ତଶାୟୀ ନାରାୟଣଙ୍କ ନାଭିକମଳରୁ ଉତ୍ପନ୍ନ ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ବିଶ୍ୱକର୍ମାଙ୍କୁ ବ୍ରହ୍ମାରୂପେ କଳ୍ପନା କରି ପୂଜା କରାଯାଏ । ଭଗବାନ ବିଶ୍ୱକର୍ମାଙ୍କର ଅନେକ ରୂପ ରହିଛି। କୋଉଠି ବିଶ୍ୱକର୍ମାଙ୍କର ଦୁଇ ଆଉ ଚାରି ବାହୁ ତ କୋଉଠି ତାଙ୍କର ଏବଂ ଦଶ ବାହୁ ବିଶିଷ୍ଟ ମଧ୍ୟ ଦେଖାଯାଏ । କେଉଁଠି ଗୋଟେ ମୁଖ ତ କେଉଁଠି ଚାରି ଏବଂ ପାଞ୍ଚ ମୁଖ ବିଶିଷ୍ଟ ମଧ୍ୟ ଦେଖାଯାଏ । ବିଶ୍ୱକର୍ମା ପୂଜା ଦିନ ଭାରତର ବିଭିନ୍ନ ରାଜ୍ୟରେ ଏହାକୁ ସାର୍ବଜନୀନ ଭାବେ ପାଳନ କରାଯାଏ। ଏହି ଦିନରେ ପୂଜା କଲେ ବେପାରବାଣିଜ୍ୟରେ ଅଧିକ ଉନ୍ନତି ହୋଇଥାଏ ବୋଲି ମାନ୍ୟତା ରହିଛି। ତେଣୁ ଏହି ଦିନରେ କାରଖାନା, ଦୋକାନ , ବିଭିନ୍ନ ଯାନ୍ତ୍ରିକ ଦୋକାନରେ ଥିବା ମେସିନ ମାନଙ୍କର ପୂଜା କରାଯାଏ। ଦୀପଧୂପ, ଫୁଲ, ଭୋଗ ଆଦି ଯଥାପୂର୍ବକ ଅର୍ପଣ କରାଯାଇ, ମହା ଆଡ଼ମ୍ବରରେ ପୂଜାର୍ଚ୍ଚନା କରାଯାଇଥାଏ।

ଶାସ୍ତ୍ରରେ ବିଶ୍ୱକର୍ମାଙ୍କ ପାଞ୍ଚ ଅବତାର କଥା ବର୍ଣ୍ଣନା କରାଯାଇଛି । ସେ ପାଞ୍ଚ ଅବତାର ହେଲେ ବିରାଟ ବିଶ୍ୱକର୍ମା, ଧର୍ମବଂଶୀ ବିଶ୍ୱକର୍ମା , ଅଗ୍ନିବଂଶୀ ବିଶ୍ୱକର୍ମା, ସୁଧନ୍ୱା ବିଶ୍ୱକର୍ମା ଓ ଭୃଗୁବଂଶୀ ବିଶ୍ୱକର୍ମା। ସ୍କନ୍ଦ ପୁରାଣ ଅନୁସାରେ ବ୍ରହ୍ମା ସ୍ୱରୂପ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ମୁଖ । ବିଶ୍ୱକର୍ମାଙ୍କର ପଞ୍ଚମୁଖ ତଥା ତାଙ୍କର ପଞ୍ଚପୁତ୍ରଙ୍କ ନାମ ହେଲା - ମନୁ, ମୟ, ତ୍ୱଷ୍ଟା, ଶିଳ୍ପୀ ଓ ଦେବଜ୍ଞ ଏମାନେ ଜଣେ ଜଣେ ସମାଜର ହିତକାରୀ ପ୍ରଚଣ୍ଡ ଦିବ୍ୟ ମହର୍ଷି ଅଟନ୍ତି । ଏହି ପଞ୍ଚମୁଖର ନାମକରଣ ଅନୁସାରେ ଭଗବାନ ବିଶ୍ୱକର୍ମାଙ୍କର ପଞ୍ଚ ପୁତ୍ର ସଂସାରର ହିତ ପାଇଁ ତଥା ଯାନ୍ତ୍ରିକ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ତିଆରି କରିଥିଲେ । ବିଶ୍ୱକର୍ମାଙ୍କର କନ୍ୟା ସଂଜ୍ଞା ଓ ପୁତ୍ର ନଳ ନାମକ ବାନର। ସଂଜ୍ଞା ବିଶ୍ୱକର୍ମାଙ୍କ କନ୍ୟା । ସୂର୍ଯ୍ୟଦେବ ଏହାଙ୍କ ପାଣି ଗ୍ରହଣ କରିଥିଲେ । ସଂଜ୍ଞାଙ୍କ ଗର୍ଭରେ ସୂର୍ଯ୍ୟଙ୍କ ଔରସରେ ବୈବସ୍ୱତ ମନୁ, ଯମ, ଯମୁନା ଓ ଅଶ୍ୱିନୀ-କୁମାର ଦ୍ୱୟ ଜନ୍ମ ଗ୍ରହଣ କରିଥିଲେ । ବାନର ସେନାପତି ନଳ, ଘୃତାଚୀ ଅପ୍ସରୀର ଗର୍ଭରୁ ଜନ୍ମଗ୍ରହଣ କରିଥିଲେ । ଏ ଯେଉଁ ପଥର ଖଣ୍ଡକୁ ସ୍ପର୍ଶ କରୁଥିଲେ, ତାହା ହାଲୁକା ହୋଇ ପାଣିରେ ଭାସୁଥିଲା । ଏ ପଥରମାନଙ୍କୁ ସ୍ପର୍ଶ କରିବାରୁ ସେହି ଭାସମାନ ପଥରଦ୍ୱାରା ରାମଚନ୍ଦ୍ର ସମୁଦ୍ରରେ ସେତୁବନ୍ଧ ବନ୍ଧାଇ ସମୁଦ୍ରକୁ ପାର ହୋଇ ଲଙ୍କା ଗଡ଼ରେ ପହଞ୍ଚିଥିଲେ । ସର୍ବମୋଟରେ କହିବାକୁ ଗଲେ ସୃଷ୍ଟିକୁ ସୁନ୍ଦର ଭାବରେ ତିଆରି କରିଥିବା ମୁଖ୍ୟ ପୁରୋଧା ହେଉଛନ୍ତି ବିଶ୍ୱକର୍ମା।

+ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

### କବିତା କୋଣାର୍କ



### ଏଇ ମୋର ନିବେଦନ

**ଶିବ ପ୍ରସାଦ ବାହିନୀପତି**

ଗାନ୍ଧୀ ତୁମେ ଥିଲ ଜାତିର ଜନକ
କୋଟି ଜନ ହୃଦ ଜିତା
ଗାନ୍ଧୀ ତୁମେ ଥିଲ ଏ ଦେଶ ମହାତ୍ମା
ଓଡ଼ିଶା ଜନଙ୍କ ପିତା ।।

ଇଂରେଜ ଶାସନ ଦୁର୍ବଳ କରିଲ
ନତ କଲ ତାଙ୍କ ମଥା
ତୁମେ ଦେଖିଥିଲ ସ୍ୱାଧୀନତା ସ୍ୱପ୍ନ
ସହି ସସ୍ର ସସ୍ର ବ୍ୟଥା ।।

ଶିକ୍ଷା ଦେଉଥିଲ ସାଜିବାକୁ ଫୁଲ
ଧର୍ମ ଅନୁସରି ତ୍ୱଳ
ତୁମେ ନାଶିଥିଲ ଜାତିପ୍ରଥା ବାଲ୍ୟ
ବିବାହର ହଳାହଳ ।।

ଲୁଣ ପାଇଁ ରଣ କରିଲେ ଆପଣ
ଥରିଲେ ବ୍ରିଟିଶି ନେତା
ନିଶା ନିବାରଣ ଥିଲା ତୁମ ସ୍ୱପ୍ନ
ଭଣିଲେ ସରେନି ଗାଥା ।।

କଳା-ଗୋରା ଭେଦ କରି ଦୂରୀଭୂତ
ସମାନତା ପ୍ରଦାନିଲ
ଧନି ଦରିଦ୍ରର ପ୍ରଭେଦକୁ ଭାଙ୍ଗି
ଜନ ମନ କିଣି ନେଲ ।।

ତୁମ ଦିବ୍ୟ ବାଣୀ ଭୁଲି କେ' ପାରିନି
'କୁଟି ଖାଅ କାଟି ପିନ୍ଧ'
ସ୍ୱାଧୀନ ଭାରତ ଦେଖିବା ଆଗରୁ
ହୋଇଲ ଚିରନିଦ୍ରିତ ।।

ଆଲୋକ ହଟିଲା ଅନ୍ଧାର ଆସିଲା
ନାଥୁରାମ ଗୁଳିଚୋଟେ
ହେ ରାମ୍ ! ଉଚ୍ଚାରି ଧରଣୀ ଧରିଲ
ଜୀବ ଗଲା ଆନ ଘଟେ ।।

ଏବେ ବି ଝୁରୁଛି ପ୍ରତି ଅନ୍ତରାତ୍ମା
ଜାତିର ଜନକ ପାଇଁ
ହେ ମହାମାନବ ।

+ ଭାଟପଡ଼ା , ନିରାକାରପୁର ,
କଣାସ, ପୁରୀ (ମୋ)
୮୯୧୭୪୮୦୫୩୬

### ଏକ ଶରତ ସନ୍ଧ୍ୟା

**ବୀରକିଶୋର ନାୟକ**

ଗୋଧୂଳି ଲଗନ ଗଡିଗଡି ଯାଏ
ଗିରିଚୂଳେ ସୂର୍ଯ୍ୟ ହସେ,
ବିଦାୟ ବେଳାର ଅନ୍ତିମ ଚାହାଁଣି
ଲୋହିତ ଆଭାରେ ଭାସେ ।

କିରଣେ ତାହାର ପ୍ରୀତିଭରା ମଧୁ
ସତେ କି ଆସଇ ଝରି,
ଭିଜାଇ ଦେଉଛି ତନୁମନ ମୋର
ପ୍ରୀତିର କାମନା ଭରି ।

ଆସ ପ୍ରିୟତମା ହେଉ ମଧୁସନ୍ଧ୍ୟା
ତୁମରି ପରଶ ପାଇ,
ବିରହୀ ହୃଦୟ ପୂର୍ଣ୍ଣ କର ଗୋ
ଆଶ୍ଳେଷେ ଧରା ଦେଇ ।

ନଈ ପଠାପରେ କାଶତଣ୍ଡୀ ଝୁଲେ
ଶରତର ସମୀରଣେ.
ସତେକି ଝୁମୁଚି ଆମକୁ ଦେଖି ସେ
ଝୀନ ଲଜ୍ଜା ଆବରଣେ ।

ନଦୀର ଧାରଟା ବହିତ ଚାଲିଛି
ସନ୍ଧ୍ୟା ଆସିଲାଣି ନଇଁ,
ବୁଲୁଥିଲେ ଆମେ ବୁଲୁଥିବା ପରା
ଜହ୍ନ ଆସିଲାଣି ଉଇଁ ।
ଗାଇଯିବା ଆମେ ମିଳନ ଗୀତିକା
ମଧୁଭରା ସାତସୁରେ
ତୁମେ ନୁହଁ କଇଁ ମୁଁ ନୁହେଁ ବି ଜହ୍ନ
ନୁହେଁ ଆମେ ଦୂରେ ଦୂରେ ।

ତୁମେ ଗାଉଥିବ ମୁଁ ଯେ ଶୁଣୁଥିବି
ଆଖିପତା ଯିବ ନଇଁ,
ମୁଁ ଯେବେ ଗାଇବି ତୁମେ ନାଚୁଥିବ
ସ୍ୱପ୍ନଭରା ଆଖିନେଇ ।

ଧୀର ପବନରେ ଧିରେ ଉଡ଼ିଯାଏ
କୁନ୍ତଳ ଯେ ଆନମନା,
ଯେତେ ସଜାଡ଼ିଲେ ସଜାଡି ହୁଏନା
ତୁମ ଶୋଭା ପ୍ରୀତି ପୂର୍ଣ୍ଣା ।

ଆଜିର ଏ ସନ୍ଧ୍ୟା ହେବ ଅପାଶୋରା
ସ୍ମୃତି ଏକ ଜୀବନର
ନଇଁ ପଡିବାନି କେବେବି ଜୀବନେ
ଏଇ ଆଶା ମନେ ଭର ।

+ ଖଣ୍ଡବନ୍ଧ, ଢେଙ୍କାନାଳ ।
(ମୋ)୮୮୪୭୮୪୨୨୯୭





### ବାବା ବିଶ୍ୱକର୍ମା

**ରାମ ଚନ୍ଦ୍ର ପ୍ରଧାନ**

ସୃଷ୍ଟି ରଚୟିତା ଯୋଗସିଦ୍ଧା ସୁତ
ଦେବଶିଳ୍ପୀ ବିଶ୍ୱକର୍ମା
ତୁମେ ଅଦ୍ୱିତୀୟ ହେ ବିଶ୍ୱ ବିଧାଣି
ଜାତିସ୍ମର ଯୋଗଜନ୍ମା ।

ଭାଦ୍ରବ ମାସର କନ୍ୟା ସଂକ୍ରାନ୍ତିରେ
ହୁଅଇ ତୁମରି ପୂଜା
କଳ କାରଖାନା ଶିଳ୍ପ ଅନୁଷ୍ଠାନେ
ଉଡ଼େ କାରିଗରୀ ଧ୍ୱଜା ।

ବ୍ରହ୍ମାଙ୍କ ନିର୍ଦ୍ଦେଶେ ନିର୍ମାଣ କରିଲ
ସ୍ୱର୍ଗର ଅମରାବତୀ
ଦ୍ୱାରିକା ନଗରୀ ଅବା ସ୍ୱର୍ଣ୍ଣଲଙ୍କା
ସବୁଥିରେ ତୁମ ଖ୍ୟାତି ।

ଶସ୍ତ୍ର ବିମାନରେ ଇନ୍ଦ୍ରଙ୍କ ବଜ୍ରରେ
ତୁମରି ନିର୍ମାଣ ଶ୍ରେଷ୍ଠ
ହସ୍ତିନା ପୁର କି' ପ୍ରଭାବତୀ ପୁରୀ
ହେଉ ଅବା ଇନ୍ଦ୍ରପ୍ରସ୍ଥ ।

ବ୍ରାହ୍ମଣ କୁଳରେ ଜନମିଲ ତୁମେ
ଘୃତାଚୀଙ୍କ ଶାପ ବଳେ
ତୁମେ ଦୈବ ସ୍ୱର୍ଗେ ଏ ଧାରାଧାମରେ
ନିର୍ମାଣର ଦୀପ ଜଳେ ।

ଧନ୍ୟ ଧନ୍ୟ ପ୍ରଭୁ ବାବା ବିଶ୍ୱକର୍ମା
ମହିମା ତୁମ ଅପାର
ହେ ଗଜ ବାହାନ ବିଦ୍ୟା ଅଧିପତି
ଦେବଶିଳ୍ପୀ କାରିଗର ।
କଳାରେ କୁଶଳୀ ଶ୍ରେଷ୍ଠ କାରିଗର
ଘେନ ମୋ ଭକ୍ତି ପ୍ରଣାମ
ଶିଳ୍ପ ଜଗତରେ ଶୁଭାଶିଷ ଢାଳି
ରଖ ଶିଳ୍ପୀକୁଳ ନାମ ।

+ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
(ମୋ)୯୮୬୧୬୩୮୭୩୬

### ବିଶ୍ୱକର୍ମା ପୂଜା

**ସୁଧାକର ରାଉତ**

ଶରତ ଆଣିଛି ହରଷେ ତା ସଙ୍ଗେ
ନାନା ଜାତିର ପରବ
ତାକୁ ପାଳି ଲୋକେ ଭକ୍ତି ରସେ ବୁଡି
ଲଭନ୍ତି ଖୁସି ଅପୂର୍ବ ।
ଭାଦ୍ରବ ମାସ ଶୁକ୍ଳ ଏକାଦଶୀରେ
ହୁଏ ବିଶ୍ୱକର୍ମା ପୂଜା
କାରଖାନା, ବୈଷୟିକ ଅନୁଷ୍ଠାନ
ହୋଇଥାଏ କେତେ ସଜା ।
ଶିଳ୍ପୀକୂଳ, କାରୀଗର ଆଦି ଯେତେ
ଭକ୍ତି ଭାବ ମନେ ଭରି
ଶ୍ରୀ ସ୍ୱୟମ୍ଭୁ ପାଶେ କରିଥାନ୍ତି ଅଳି
ଢାଳିବାକୁ କୃପା ବାରି ।
ଏ ସାରା ବିଶ୍ୱର ସୃଷ୍ଟି କର୍ତ୍ତା ସିଏ
ତାଙ୍କ ସାମାନ୍ୟ କରୁଣା
ନିଜ ନିଜ ବୃତ୍ତିର ଶୀର୍ଷେ ପହଞ୍ଚି
ହୁଅନ୍ତି ଜଗତ ଜଣା ।
ଦ୍ୱାରକା ପୁରୀ ଓ ଇନ୍ଦ୍ର ପ୍ରସ୍ଥ ଆଦି
କରିଥିଲେ ସେ ନିର୍ମାଣ
ତାଙ୍କ ହସ୍ତର ସେ ଯାଦୁକାରୀ ଶକ୍ତି
ବଖାଣେ ପରା ପୁରାଣ ।
ମୃଣମୟ ମୂର୍ତ୍ତି ସମ୍ମୁଖରେ
ହୁଏ ପୂଜା ବିଧି ମତେ
ଶଙ୍ଖ, ଘଣ୍ଟଘଣ୍ଟା, କାହାଳୀ ଶବ୍ଦରେ
କମ୍ପେ ଚଉଦିଗ ସତେ ।
ଭାରତର ସଂସ୍କୃତି ଓ ପରମ୍ପରା
ଅଟଇ କେତେ ମହାନ
ସବୁ ଦେବାଦେବୀ ପୂଜା କରି ଆମେ
ମଣୁଥାଉ ଭାଗ୍ୟବାନ ।

+ ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨



# ଖଳନାୟିକା ଭୂମିକାରେ ଅବତୀର୍ଣ୍ଣ ହେବେ ରବିନା

ବଲିଉଡ୍‌ରେ ଥ୍ରିଲର୍ ମାଷ୍ଟର କୁହାଯାଉଥିବା ନିର୍ଦ୍ଦେଶକ ମନୀଷ ଗୁପ୍ତା ଏବେ ଅଭିନେତ୍ରୀ ରବୀନା ଟଣ୍ଡନଙ୍କୁ ନେଇ ଏକ ଥ୍ରିଲର୍ ମୁଭି ନିର୍ମାଣ କରିବାକୁ ଯାଉଛନ୍ତି। ଏଥିରେ ରବିନା ଆଉ ନାୟିକା ନୁହେଁ, ଖଳନାୟିକା ଭୂମିକାରେ ଅବତୀର୍ଣ୍ଣ ହେବେ। ପୂର୍ବରୁ ମନୀଷ ଷ୍ଟୋନ୍‌ମ୍ୟାନ୍ ମର୍ଡର୍ସ, ହଷ୍ଟେଲ୍ ଓ ରହସ୍ୟ ଭଳି ଥ୍ରିଲର୍ ମୁଭି ଦର୍ଶକଙ୍କୁ ଭେଟି ଦେଇଛନ୍ତି।

ବଲିଉଡ୍ ମୁଭି 'ପଥର କେ ଫୁଲ' ଜରିଆରେ ରବିନା ବଡ଼ ପରଦାରେ ପ୍ରବେଶ କରିଥିଲେ। ପ୍ରଥମ ସିନେମାରୁ ସେ ଫିଲ୍ମ ଫେୟାର୍ ପୁରସ୍କାର ହାତେଇ ନେଇଥିଲେ। ପରେ 'ଲାଡଲା' ଓ 'ମେ ଖିଲାଡି ତୁ ଅନାଡି' ଫିଲ୍ମ ପାଇଁ ଦୁଇଥର ଫିଲ୍ମ ଫେୟାର୍ ଓ 'ଦାମନ' ଚଳଚ୍ଚିତ୍ର ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଅକ୍ତିଆର କରିଥିଲେ। ପରେ ଜମାନେ ସେ କ୍ୟା ଡରନା, ଇନ୍ ?ସାନିୟତ୍, ଇମ୍‌ତିହାନ, ଅନ୍ଦାଜ ଅପନା ଅପନା, ମୋହରା, ଖିଲାଡିଓଁ କା ଖିଲାଡି, ରକ୍ଷକ, ଗୁଲାମ-ଏ-ମୁସ୍ତାଫା, ଘରୱାଲି ବାହାରୱାଲି, ବଡେ ମିଆଁ ଛୋଟେ ମିଆଁ, ଜଙ୍ଗ୍, ବୁଲନ୍ଦୀ, ସତ୍ତା, ଏଲ୍ ?ଓସି କାରଗିଲ୍, ପେହଚାନ, ସ୍ୟାଣ୍ଡୱିଚ୍ ଆଦି ରବିନା ଅଭିନୀତ ଚଳଚ୍ଚିତ୍ର ଦର୍ଶକଙ୍କୁ ଭରପୂର ମନୋରଂଜନ ଦେଇଛି। ରବିନାଙ୍କ ଅଭିନୀତ 'କେ.ଜି.ଏଫ୍. ଚାପ୍ଟର-୨' ଖୁବ୍‌ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି। ରବିନାଙ୍କ ପାଇଁ ଖଳନାୟିକା ସାଜିବା କିଛି ବିଚିତ୍ର କଥା ହେବ ନାହିଁ। ବରଂ ଖଳନାୟିକା ଭୂମିକାରେ ସେ କ'ଣ କରିଦେଖାଉଛନ୍ତି, ତାହା ଦର୍ଶକଙ୍କ ପାଇଁ ଉତ୍କଣ୍ଠା ସୃଷ୍ଟି କରିବ।



# ବିଗ୍ ବି' କେମିତି ହେଲେ 'ବଚ୍ଚନ'

ବଲିଉଡର ମହାନାୟକ ଅମିତାଭ ବଚ୍ଚନ। ବଲିଉଡରରେ ରହିଛି ବିଗ୍ ବି' ବେଶ୍ ଦବ୍‌ଦବା। ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିର ସବୁଠାରୁ ପ୍ରତିଷ୍ଠିତ ନାଁ ମଧ୍ୟରୁ ଗୋଟିଏ ହେଉଛି ଅମିତାଭ ବଚ୍ଚନ। ତାଙ୍କର କୋଟି କୋଟି ଫ୍ୟାନ୍ସ। ନିଜ ଅଭିନୟ ବଳରେ ସେ ହଜାର ହଜାର ଦର୍ଶକଙ୍କ ହୃଦୟରେ କରନ୍ତି ରାଜ। ସେ ଜଣେ ସଫଳ ଅଭିନେତା ହେବା ସହ ଜଣେ ଭଲ ହୋଷ୍ଟ ମଧ୍ୟ। ତେବେ ଏହି ମହାନାୟକଙ୍କ ନାଁ ଅମିତାଭ ବୋଲି କିଏ ରଖିଥିଲା ? ତାଙ୍କ ଟଇଟଲ ବା ଉପ-ନାମ ବଚ୍ଚନ କେମିତି ହେଲା ? ଏହି ପ୍ରଶ୍ନର ଉତ୍ତରରେ ଆପଣ ନିଶ୍ଚିତ ଭାବରେ ଭାବୁଥିବେ ଯେ ତାଙ୍କର ପିତାମାତା ନିଶ୍ଚୟ ଏହି ନାମ ରଖିଥିବେ କିନ୍ତୁ ଏହା ସତ ନୁହେଁ। ତାଙ୍କ ନାଁ କିଭଳି ହେଲା ଅମିତାଭ ଏବଂ କିଏ ଦେଲା ତାଙ୍କୁ ବଚ୍ଚନ ଟାଇଟଲ ଏନେଇ ନିକଟରେ କୌନ ବନେଗା କରୋଡପତିର ସେଟ୍‌ରେ ନିଜେ ବିଗ୍ ବି' ଖୁଲାସା କରିଛନ୍ତି। ପ୍ରସିଦ୍ଧ କବି ସୁମିତ୍ରା ନନ୍ଦନ ପନ୍ଥ, ହରିବଂଶ ରାୟ ବଚ୍ଚନ ଏବଂ ମା' ତେଜି ବଚ୍ଚନଙ୍କୁ ତାଙ୍କ ନାଁ ଅମିତାଭ ରଖିବା ପାଇଁ ପ୍ରସ୍ତାବ ଦେଇଥିଲେ। ସେତେବେଳେ ଉଭୟଙ୍କୁ ଏହି ନାଁ ବେଶ୍ ପସନ୍ଦ ଆସିଥିଲା। ଏହାପରେ ଯେତେବେଳେ ସେ ଜନ୍ମ ହୋଇଥିଲେ ତାଙ୍କ ନାଁ ଅମିତାଭ ରଖାଯାଇଥିଲା ବୋଲି ବିଗ୍ ବି' କହିଛନ୍ତି। ସେହିପରି ପୂର୍ବରୁ ଅମିତାଭ ବଚ୍ଚନଙ୍କ ଟାଇଟଲ ବଚ୍ଚନ ନଥିଲା। ସେ ଥିଲେ ଶ୍ରୀବାସ୍ତବ। ହରିବଂଶ ରାୟ ଥିଲେ ଜଣେ ପ୍ରସିଦ୍ଧ କବି। ସେ ତାଙ୍କର 'ପେନ୍ ନେମ୍' ବଚ୍ଚନ ରଖିଥିଲେ। ଯେତେବେଳେ ଅମିତାଭ ବଚ୍ଚନଙ୍କୁ ସ୍କୁଲରେ ଆଡମିସନ କରିବା ପାଇଁ ନିଆଯାଇଥିଲା ସେତେବେଳେ ସ୍କୁଲ ଶିକ୍ଷକ ଅଡମିସନ ଫର୍ମରେ ତାଙ୍କ ଉପ ନାମ କ'ଣ ରଖିବି ବୋଲି ପଚାରିଥିଲେ। ଏହାର ଉତ୍ତରରେ ବାପା ହରିବଂଶ ଏବଂ ମା' ତେଜି 'ବଚ୍ଚନ' ରଖିବା ପାଇଁ କହିଥିଲେ। ସେହିଦିନ ଠାରୁ ତାଙ୍କ ନାଁ ଅମିତାଭ ବଚ୍ଚନ ରଖାଯାଇଥିଲା ବୋଲି ବିଗ୍ ବି' କେବିସି ସେଟ୍‌ରେ ଖୁଲାସା କରିଛନ୍ତି। ଅମିତାଭ ବଚ୍ଚନ ଏବେ କେବିସି-୧୩ ହୋଷ୍ଟ କରୁଛନ୍ତି।



# କଙ୍ଗନା ନୁହେଁ ଐଶ୍ୱର୍ଯ୍ୟା ଥିଲେ ପ୍ରଥମ ପସନ୍ଦ

ବଲିଉଡର ପଙ୍ଗା କୁଇନ୍ କଙ୍ଗନା ରଣାଓ୍ୱତ। ନିକଟରେ ରିଲିଜ ହୋଇଛି ତାଙ୍କ ଫିଲ୍ମ 'ଥଲାଇଭି'। ତାଙ୍କୁ ଏଥିରେ ତାମିଲନାଡୁର ଦିବଙ୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ଜେ.ଜୟଲଳିତାଙ୍କ ଚରିତ୍ରରେ ଦେଖିବାକୁ ମିଳିଛି। ତେବେ ଏହି ଫିଲ୍ମ ପାଇଁ କଙ୍ଗନା ନୁହେଁ ବିଶ୍ୱ ସୁନ୍ଦରୀ ତଥା ବି-ଟାଉନର ନୀଳ ନୟନା ଐଶ୍ୱର୍ଯ୍ୟା ରାୟ ଥିଲେ ପ୍ରଥମ ପସନ୍ଦ। ଏକଥା ଆମେ କହୁନୁ, ନିକଟରେ ଏନେଇ ଖୁଲାସା କରିଛନ୍ତି ଅଭିନେତ୍ରୀ, ନିର୍ଦ୍ଦେଶିକା, ପ୍ରଡ୍ୟୁସର ତଥା ହୋଷ୍ଟ ସିମି ଗରେଓ୍ୱାଲ।

ନିକଟରେ ଫିଲ୍ମ 'ଥଲାଇଭି' ସ୍କ୍ରିନିଂ ହୋଇଥିଲା। ଏଥିରେ ଯୋଗ ଦେବା ପରେ ସିମି ଗରେଓ୍ୱାଲ କଙ୍ଗନାଙ୍କ ଅଭିନୟକୁ ନେଇ ଭୁରିଭୁରି ପ୍ରଶଂସା କରିଥିଲେ। ଏଥିସହ ସେ ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ଲେଖିଥିଲେ, 'ମୁଁ କଙ୍ଗନାଙ୍କ ଉଗ୍ର କମେଣ୍ଟକୁ ବିଲକୁଲ ସମର୍ଥନ କରୁନି, କିନ୍ତୁ ତାଙ୍କ ଆକ୍ଟିଂ ଟାଲେଣ୍ଟ ବେଶ୍ ଚମତ୍କାର। 'ଥଲାଇଭି'ରେ ସେ ନିଜର ମନ ଏବଂ ଆତ୍ମା ଦେଇଛନ୍ତି। ଐଶ୍ୱର୍ଯ୍ୟା ତାଙ୍କ ବାୟୋପିକ୍‌ରେ କାମ କରନ୍ତୁ ବୋଲି ଜୟଲଳିତା ଚାହୁଁଥିଲେ। କିନ୍ତୁ ଯେଉଁଭଳି କଙ୍ଗନା ଏହି ଫିଲ୍ମରେ କାମ କରିଛନ୍ତି, ତାକୁ ସେ ଦେଖିଥିଲେ ନିଶ୍ଚିତ ରୂପେ ପ୍ରଶଂସା ନକରି ରହିପାରିନଥା'ନ୍ତେ। ଆଉ ଅଭିନେତା ଅରବିନ୍ଦ ସ୍ୱାମୀଙ୍କ କଥା ଯଦି କହିବା ତେବେ ସେ ଏମ୍‌ଜିଆରଙ୍କ ପୂର୍ନଜନ୍ମ।'

ସୂଚନା ମୁତାବକ ଜୟଲଳିତା ସିମି ଗରେଓ୍ୱାଲଙ୍କ ଚାଟ୍ ଶୋ'ରେ ପୂର୍ବରୁ ଅତିଥି ରୂପେ ସାମିଲ ହୋଇଥିଲେ। ଏହି ସମୟରେ ଦିବଙ୍ଗତ ପୂର୍ବତନ ମୁଖ୍ୟମନ୍ତ୍ରୀ ନିଜ ପସନ୍ଦର ଗୀତ ଗାଇଥିଲେ। ଏଥିରେ ଐଶ୍ୱର୍ଯ୍ୟାଙ୍କ ବିଷୟରେ ମଧ୍ୟ କହିଥିଲେ। ଏଏଲ୍ ବିଜୟଙ୍କ ନିର୍ଦ୍ଦେଶନାରେ ତିଆରି ଫିଲ୍ମ 'ଥଲାଇଭି' ସେପ୍ଟେମ୍ବର ୧୦ ତାରିଖରେ ବଡ଼ ପରଦାରେ ରିଲିଜ ହୋଇଛି। ଏଥିରେ କଙ୍ଗନା ଲିଡ୍ ରୋଲରେ ଅଛନ୍ତି। ଏଥିରେ ପୂରାପୁରି ଅବିକଳ ଜୟଲଳିତାଙ୍କ ଭଳି ଦେଖାଯିବା ପାଇଁ କଙ୍ଗନା ପ୍ରୋସ୍ଥେଟିକ୍ ମେକ୍‌ଅପ୍‌ର ସାହାରା ନେଇଛନ୍ତି। ଏଥିସହ ସେ ନିଜ ଓଜନ ମଧ୍ୟ ବଢ଼ାଇଛନ୍ତି।

ଆଗକୁ କଙ୍ଗନାଙ୍କ 'ଧାକଡ' ଓ 'ତେଜସ' ଭଳି ଫିଲ୍ମ ଆସିବାର ଅଛି। ଫିଲ୍ମ 'ଧାକଡ'ରେ ତାଙ୍କ ଅପୋଜିଟ୍‌ରେ ଅର୍ଜୁନ ରାମପାଲ ଅଛନ୍ତି। ସେହିପରି 'ତେଜସ'ରେ ତାଙ୍କୁ ଜଣେ ପାଇଲଟ ଚରିତ୍ରରେ ଦେଖିବାକୁ ମିଳିବ।



# ପ୍ରେକ୍ଷାଳୟକୁ ଆସିବ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'

ଆଉ କିଛିଦିନ ଭିତରେ ପ୍ରେକ୍ଷାଳୟକୁ ଆସିବ ବହୁ ପ୍ରତୀକ୍ଷିତ ଓଡ଼ିଆ ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'। ନିକଟରେ ଏହାର ମ୍ୟୁଜିକ୍ ରିଲିଜ୍ ହେଇଯାଇଛି। ଅନନ୍ୟ ଏଣ୍ଟରଟେନ୍‌ମେଣ୍ଟ ନିବେଦିତ ଓ ପ୍ରଭାତୀ ଆଚାର୍ଯ୍ୟ ପ୍ରଯୋଜିତ ଏଇ ନୂଆ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି ଏନ୍. ପାଢ଼ୀ। ଏହାର କାହାଣୀ ପରିକଳ୍ପନା କରିଛନ୍ତି ଦୁର୍ଗା ଆଚାର୍ଯ୍ୟ ଏବଂ ଚିତ୍ରନାଟ୍ୟ ପ୍ରସ୍ତୁତି ସହ ସଂଳାପ ଲେଖିଛନ୍ତି ଦୀପକ ଜେନା। ସଙ୍ଗୀତ ସଜାଇଛନ୍ତି ଜି. ଅଶୋକ କୁମାର। ଶତ୍ରୁତା ଓ ପ୍ରେମ; ଏଇ ଦୁଇଟି ପୃଷ୍ଠଭୂମିରେ ଛିଡ଼ାହେଇଛି ଚଳଚ୍ଚିତ୍ର 'ମନେ ମନେ ମନ ଖୋଜୁଥିଲା'ର କାହାଣୀ। ମହାଭାରତ କାହାଣୀରେ ଅଭିମନ୍ୟୁ ଓ ଦୁର୍ଯ୍ୟୋଧନଙ୍କ ଭିତରେ ପ୍ରଚଣ୍ଡ ଶତ୍ରୁତା ଥିଲା। ସେମିତି କଳିଯୁଗର ଅଭିମନ୍ୟୁ ଓ ଦୁର୍ଯ୍ୟୋଧନଙ୍କ ମଧ୍ୟରେ ଅନୁରୂପ ଶତ୍ରୁତା ରହିଛି। ହେଲେ ଅଭିମନ୍ୟୁଙ୍କ ପୁଅ ଓମ୍ ଏବଂ ଦୁର୍ଯ୍ୟୋଧନଙ୍କ ଝିଅ ଗୌରୀ ଭିତରେ ଗଢ଼ିଉଠିଛି ନିବିଡ଼ ପ୍ରେମସମ୍ପର୍କ। ବାପାଙ୍କର ଶତ୍ରୁ ଘରେ ଯାଇ କେମିତି ଓମ୍ ଓ ଗୌରୀ ଘର ବସେଇବେ, ଆଉ ଏଥିପାଇଁ ସେମାନଙ୍କୁ କି କି ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ତାହା ଏଇ ଚଳଚ୍ଚିତ୍ରରେ ପ୍ରତିଫଳିତ ହେଇଛି। ଏଥିରେ ଓମ୍ ଭୂମିକାରେ ଓମକାର, ଗୌରୀ ଭୂମିକାରେ ନମ୍ରତା ସିଂହଦେଓ ଏବଂ ଅନ୍ୟ ଜଣେ ନାୟିକା ଭୂମିକାରେ ପ୍ରିୟଙ୍କା ଅଛନ୍ତି। ଏମାନଙ୍କ ବ୍ୟତୀତ ମିହିର ଦାସ, ଅଶ୍ରୁମୋଚନ, ପ୍ରତିଭା ପଣ୍ଡା, ଅଞ୍ଜନା ଦାସ, ଶୁଭମ୍ ଓ ଆପ୍ପାରାଓଙ୍କୁ ଦେଖିବାକୁ ମିଳିବ।



# ରୋହିତଙ୍କ ସର୍କସରେ ମୀନ୍ନା ମା'

ୱିଲିଅମ୍ ସେକ୍ସପିଅରଙ୍କ ନାଟକ ଆଧାରରେ ନିର୍ମାଣ ହେଉଛି ହିନ୍ଦୀ ଚଳଚ୍ଚିତ୍ର 'ସର୍କସ୍'। ଏଥିରେ ପ୍ରମୁଖ ଭୂମିକାରେ ଅଛନ୍ତି ରଣବୀର ସିଂହ, ଜ୍ୟାକଲିନ୍ ଫର୍ଣ୍ଣାଣ୍ଡିଜ୍ ଓ ପୂଜା ହେଗ୍‌ଡେ। ଚଳଚ୍ଚିତ୍ରରେ ଥିବା ଏକ ଗୀତଦୃଶ୍ୟରେ ଜଣେ ଅତିଥି କଳକାର ଭାବେ 'ଚେନ୍ନାଇ ଏକ୍ସପ୍ରେସ୍'ର ପରିଚିତ କୌତୁକିଆ ଚରିତ୍ର ମୀନ୍ନା ମା' ଭୂମିକାରେ ନଜରକୁ ଆସିବେ ଦୀପିକା ପାଦୁକୋନ୍। ଏହା ଶୁଣିବା ପରେ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଚାଲିଛି ଯେ ୨୦୧୩ରେ ଶାହାରୁଖ୍‌ଙ୍କ ସହ ମୀନ୍ନା ମା' ଭୂମିକାରେ ନଜରକୁ ଆସିଥିବା ଦୀପିକା ଯଦି ସ୍ୱାମୀ ରଣବୀରଙ୍କ ସହ ଏଇ ଚରିତ୍ରରେ ଅସନ୍ତି ତାହେଲେ ପରଦାରେ ବିଲକୁଲ ସୋନେ ପେ ସୁହାଗା ବୁଣିହେଇଯିବ।ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ, ଭୂଷଣ କୁମାର ଓ ରୋହିତ ସେଟ୍ଟୀଙ୍କ ମିଳିତ ପ୍ରଯୋଜନାରେ ନିର୍ମାଣାଧୀନ ଉକ୍ତ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବେ ରୋହିତ ସେଟ୍ଟୀ। ବ୍ଲକ୍‌ବ୍ଲଷ୍ଟର୍ ଡିରେକ୍ଟର ରୋହିତ ସେଟ୍ଟୀ ଟେଲିଭିଜନ୍ ?ରେ ପ୍ରସାରିତ ହେଉଥିବା 'ଖାତ୍ରୋଁ କେ ଖିଲାଡି' ସୋ'ର ଅନ୍ୟତମ ଆକର୍ଷଣ ପାଲଟିଛନ୍ତି। ହେଲେ ସିନେମା ଜଗତରେ ପାଖାପାଖି ଦୁଇବର୍ଷ ହେବ ତାଙ୍କର ଚିହ୍ନବର୍ଣ୍ଣ ନ ଥିଲା। ରୋହିତଙ୍କ ନିର୍ଦ୍ଦେଶିତ 'ସୂର୍ଯ୍ୟବଂଶୀ' ୨୦୨୦ ମାର୍ଚ୍ଚ ଶେଷ ସପ୍ତାହରେ ରିଲିଜ୍ କରିବାକୁ ତାରିଖ ନିର୍ଦ୍ଧାରିତ ହେଇଥିଲେ ମଧ୍ୟ କୋଭିଡ୍ ସଂକ୍ରମଣ ଯୋଗୁଁ ଅଟକି ରହିଲା। ଏଥିରେ ଅକ୍ଷୟ କୁମାର ଓ କ୍ୟାଟ୍ରିନା କେଫଙ୍କ ବ୍ୟତୀତ ଅଜୟ ଦେବଗନ, ରଣବୀର ସିଂହ, ଜାଭେଦ ଜାଫରୀ, ଜ୍ୟାକି ସ୍ରଫଙ୍କ ଭଳି ନାମୀଦାମୀ କଳାକାର ଅଛନ୍ତି। ଚଳଚ୍ଚିତ୍ର 'ସୂର୍ଯ୍ୟବଂଶୀ'ରେ ତ 'ସିଂଘମ୍' ଚରିତ୍ର ଅଜୟ ଦେବଗନ୍ ଏବଂ 'ସିମ୍ବା' ଚରିତ୍ର ରଣବୀର ସିଂହଙ୍କ ଏକାଠି ଦେଖିବାକୁ ମିଳିବ, ପୁଣି 'ସର୍କସ୍' ସିନେମାରେ ଯଦି ରଣବୀରଙ୍କ ସହ ଦୀପିକାଙ୍କୁ ମୀନ୍ନା ମା' ଭୂମିକାରେ ଦେଖିବାକୁ ମିଳିବ, ତେବେ ରୋହିତ ବସି ରହିଥିବା ଦର୍ଶକଙ୍କୁ ନିଶ୍ଚିତ ଭାବେ ପ୍ରେକ୍ଷାଳୟକୁ ଟାଣିଆଣିବେ।

# ନର୍ଗିସ୍‌ଙ୍କ ଖୁଲାସାଃ ୫ ବର୍ଷ ଧରି ଉଦୟଙ୍କୁ ଡେଟ୍ କରିଥିଲେ



ରକ୍‌ଷ୍ଟାର ଅଭିନେତ୍ରୀ ନର୍ଗିସ ଫକ୍‌ରୀ। ସେ ଦୀର୍ଘ ଦିନ ହେବ ବଡ଼ ପରଦାଠାରୁ ଦୂରେଇ ରହିଛନ୍ତି। ମହାମାରୀ କରୋନା ପରଠାରୁ ସେ ମୁମ୍ବାଇ ଛାଡି ୟୁଏସ୍ ଚାଲିଯାଇଛନ୍ତି। ସେ ସୋଶାଲ ମିଡିଆ ମାଧ୍ୟମରେ ନିଜ ପ୍ରଶଂସକଙ୍କ ସହ କିନ୍ତୁ ଟଚ୍‌ରେ ରହୁଛନ୍ତି। ସେ ନିକଟରେ ନିଜ ଲଭ୍ ଲାଇଫ୍‌କୁ ନେଇ କରିଛନ୍ତି ବଡ଼ ଖୁଲାସ। ଏହାକୁ ନେଇ ପୁଣି ଥରେ ଆରମ୍ଭ ହୋଇଛି ଚର୍ଚ୍ଚା। ବିଗତ ଦିନରେ ଅଭିନେତା ଉଦୟ ଚୋପ୍ରା ଏବଂ ନର୍ଗିସ ପରସ୍ପରକୁ ଡେଟ୍ କରୁଥିଲେ। ତାଙ୍କ ଲଭ୍‌ଷ୍ଟୋରୀକୁ ନେଇ ଚର୍ଚ୍ଚା ହେଉଥିଲା। ଏପରିକି ଦୁହେଁ ଲିଭ୍-ଇନ୍‌ରେ ରହୁଥିବା ନେଇ ମଧ୍ୟ ଖବର ଆସିଥିଲା। କିନ୍ତୁ ଉଭୟ ଏହାକୁ ନେଇ କେବେ ଖୋଲାଖୋଲି ଭାବେ ସର୍ବ ସମ୍ମୁଖରେ କହିନଥିଲେ। ଏବେ କିନ୍ତୁ ନର୍ଗିସ ନିଜ ରିଲେସନ୍‌ସିପ୍‌କୁ ନେଇ ଖୁଲାସା କରିଛନ୍ତି। ସେ ଉଦୟଙ୍କୁ ଡେଟ୍ କରିଥିବା ନେଇ ସ୍ୱୀକାର କରିଛନ୍ତି। ଏକ ସାକ୍ଷାତକାରରେ ନର୍ଗିସ ୫ ବର୍ଷ ଧରି ଉଦୟଙ୍କ ସହ ରିଲେସନ୍‌ରେ ଥିବା ଏବଂ ତାଙ୍କୁ ଡେଟ୍ କରିଥିବା ନେଇ କହିଛନ୍ତି। 'ଉଦୟ ମୋ ଜୀବନର ଜଣେ ଭଲ ମଣିଷ। ସେ ମୋ ପାଇଁ ବେଶ୍ ଭଲ ଥିଲେ। ଆମେ ଦୁହେଁ ପରସ୍ପରକୁ ଡେଟ୍ କରୁଥିଲୁ। କିନ୍ତୁ ମୁଁ ଏହାକୁ କେବେବି ସର୍ବସମ୍ମୁଖକୁ ଆଣିନଥିଲି। କାରଣ ମୋତେ ଏଭଳି କରିବା ପାଇଁ କିଛି ଲୋକ ମନା କରିଥିଲେ। ହେଲେ ଏଭଳି କରିବା ବୋଧେ ଠିକ୍ ନଥିଲା ବୋଲି ନର୍ଗିସ କହିଛନ୍ତି।' ନର୍ଗିସ ନିଜ ସମ୍ପର୍କକୁ ନେଇ ଆହୁରି କହିଛନ୍ତି, 'ଉଦୟ ଏବଂ ମୋ ସମ୍ପର୍କ ବିଷୟରେ ଚିତ୍କାର କରି କହିବାର ଥିଲା। ମୁଁ ଜଣେ ସବୁଠାରୁ ଭଲ ମଣିଷ ସହ ରିଲେସନ୍‌ସିପ୍‌ରେ ଥିଲି। ଇଣ୍ଟରନେଟ୍ ଏବଂ ସୋଶାଲ ମିଡିଆ ଅନେକ ଭୁଲ୍ ତଥ୍ୟ ଦେଉଛି। ଫଳରେ ବାହାରେ ଥିବା ଲୋକ ସତ କ'ଣ ଜାଣିପାରୁ ନାହାନ୍ତି।' ସୂଚନା ମୁତାବକ, ନର୍ଗିସ ଏବଂ ଉଦୟ ଚୋପ୍ରାଙ୍କ ଡେଟିଂ ଖବର ୨୦୧୪ରେ ସାମ୍ନାକୁ ଆସିଥିଲା। କିନ୍ତୁ ସେତେବେଳେ ଉଭୟ ଏହି ଖବରକୁ ଖଣ୍ଡନ କରିଥିଲେ। ବ୍ରେକ୍‌ଅପ୍ ପରେ ନର୍ଗିସ ମୁମ୍ବାଇ ଛାଡି ନ୍ୟୁୟର୍କ ପଳାଇଥିଲେ। ବ୍ରେକଅପ୍ ଯୋଗୁଁ ସେ ମୁମ୍ବାଇ ଛାଡି ଦେଇଥିବା ନେଇ ଚର୍ଚ୍ଚା ମଧ୍ୟ ହେଉଥିଲା।

# କୁନି ଝିଅ ଉପରେ ଆଧାରିତ କ୍ଷୁଦ୍ର ଚଳଚ୍ଚିତ୍ରକୁ ମିଳିଲା ୪ ଅନ୍ତର୍ଜାତୀୟ ପୁରସ୍କାର




ବିଲୁପ୍ତ ହୋଇଯାଉଥିବା ଗାଁର ପ୍ରାଚୀନ କଳା ସଂସ୍କୃତିକୁ ଉଜ୍ଜୀବିତ କରିବାରେ ଚେଷ୍ଟା କରିଛନ୍ତି ଜଣେ ଅଷ୍ଟମ ଶ୍ରେଣୀର ଝିଅ। କରୋନା ସମୟରେ ଅନଲାଇନ କ୍ଲାସ ପାଇଁ ପାଖରେ ମୋବାଇଲ ନଥିବାରୁ ଭାଙ୍ଗି ନପଡ଼ି ସେ ଭଙ୍ଗା ମାଟିହାଣ୍ଡିର ଖପରାକୁ ଯୋଡି ଆଙ୍କିଛନ୍ତି ସୁନ୍ଦର ଛବି। ଆଉ ତାଙ୍କର ଏହି ସତ୍ୟ କାହାଣୀ ଉପରେ ନିର୍ମାଣ ହେଲା ଏକ କ୍ଷୁଦ୍ର ଚଳଚ୍ଚିତ୍ର, ଯାହାକୁ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲରେ ମିଳିଛି ୪ଟି ପୁରସ୍କାର। ସେହି ଝିଅ ହେଉଛନ୍ତି ସସ୍ମିତା ବେହେରା। ନୀଳଗିରି ବ୍ଲକର ଆଦିବାସୀ ବହୁଳ ଅଞ୍ଚଳ ବାବନ୍ଧ ଗ୍ରାମ। ଏଠାକାର ଲୋକେ ମଦିଆ କୁମ୍ଭାର ସମ୍ପ୍ରଦାୟର। ମାଟିହାଣ୍ଡି ଗଢ଼ି ଜୀବନ ଜୀବିକା ନିର୍ବାହ କରନ୍ତି। ଏହି ମାଟିହାଣ୍ଡି ଗଢିଲା ବେଳେ ଭାଙ୍ଗିଯାଉଥିବା ହାଣ୍ଡିକୁ ଖପରା କରି ପୂର୍ବରୁ ଗାଁର ମହିଳା ମାନେ କାନ୍ଥରେ କାଦୁଅ ଲେପି ଅନେକ ସୁନ୍ଦର ଚିତ୍ର କରୁଥିଲେ। ହେଲେ ସମୟ କ୍ରମେ ଏହା ବିଲୁପ୍ତ ହୋଇଯାଇଥିଲା। କିନ୍ତୁ ଏହାକୁ ପୁଣିଥରେ ଜୀବନ୍ତ କରିଛନ୍ତି ଅଷ୍ଟମ ଶ୍ରେଣୀରେ ପାଠପଢୁଥିବା ସସ୍ମିତା ବେହେରା। ନିଜ ଜେଜେମା ପାଖରୁ ଏ ପୁରୁଣା ବିଲୁପ୍ତ କାହାଣୀ ଶୁଣି ମନରେ ଆଙ୍କିବାକୁ ଆଶା ଜନ୍ମିଥିଲେ ସସ୍ମିତା। ଏହି ଇଚ୍ଛାକୁ ଅଧିକ ଦ୍ୱିଗୁଣିତ କରିଦେଇଥିଲା କୋଭିଡ୍ ମହାମାରୀ। କରୋନା ସମୟରେ ପିଲାମାନେ ମୋବାଇଲରେ ଅନଲାଇନ୍ କ୍ଲାସ କରୁଥିଲେ। କିନ୍ତୁ ସସ୍ମିତାଙ୍କ ଗରିବ ଥିବାରୁ ନିଜ ଝିଅ ପାଇଁ ମୋବାଇଲ୍ କିଣିପାରିନଥିଲେ। କିନ୍ତୁ ସସ୍ମିତା ମନ ଉଣା ନକରି ଖାଲି ସମୟକୁ ବିଲୁପ୍ତ ପ୍ରାଚୀନ କଳା ସଂସ୍କୃତି ଆଙ୍କିବାରେ ଲଗାଉଥିଲେ। ସସ୍ମିତାର ଏହି କାମ ଶିଳ୍ପୀ କେଶୁ ଦାସଙ୍କୁ ଆକୃଷ୍ଟ କରିଥିଲା। ଏହାପରେ କେଶୁ ଦାସ ସସ୍ମିତାର ଏ କାହାଣୀ ଓ କଳା ସମ୍ପର୍କରେ ୧୦ ମିନିଟର ଏକ କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣରେ ଲାଗିପଡିଲେ। ଏହି କ୍ଷୁଦ୍ର ଚଳଚ୍ଚିତ୍ରକୁ ଏବେ ସାରା ବିଶ୍ୱ ଦେଖିଛି। ଆଉ ଫିଲ୍ମକୁ ଦେଇଛି ଅପୂର୍ବ ସଫଳତା। ୧୦ ମିନିଟର ଏହି କ୍ଷୁଦ୍ର ଚଳଚ୍ଚିତ୍ର ଚାରୋଟି ପୁରସ୍କାର ଜିତିଛି। ଜେବିଏସ୍ ଓ ଓରିଫାର୍ମିଙ୍ଗ, ଭୁବନେଶ୍ୱର ଦ୍ୱାରା ଆୟୋଜିତ ଦ୍ୱିତୀୟ କୋଭିଡ୍ ଅନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ-୨୦୨୧ ରେ ବାଲେଶ୍ୱରର ଶିଳ୍ପୀ କେଶୁଦାସ ନିର୍ଦ୍ଦେଶିତ 'ଏ ଲିଟିଲ ପଟସେର୍ଡ ଆର୍ଟିଷ୍ଟ ଇନ୍ କୋଭିଡ୍-୧୯' (କରୋନା କାଳରେ ଜଣେ କୁନି ଖପରା ଶିଳ୍ପୀ) ନାମକ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଅଂଶଗ୍ରହଣ ପାଇଁ ମନୋନୀତ ହୋଇ ୪ଟି ପୁରସ୍କାର ଜିତିଛି। ନୀଳଗିରି ବ୍ଲକର ଶିଆଡିମାଳ ପଞ୍ଚାୟତର ବାବନ୍ଧ ଗାଁରେ ବସବାସ କରୁଥିବା ସୁରେନ୍ଦ୍ର ବେହେରାଙ୍କ ଝିଅ ସିଲି କରୋନା ସମୟରେ ସେ ତା'ର ପାଠପଢ଼ା ସହ ବାପା-ମା'ଙ୍କୁ ଘର କାମରେ ସାହାଯ୍ୟ କରେ। ପୁଣି ସେ ତା ଗାଁ ଲୋକମାନଙ୍କୁ କରୋନା ସଚେତନତା କରିବା ସହ ଗାଁରେ ପଡିଥିବା ଭଙ୍ଗା ହାଣ୍ଡି ଖପରା କାତିକୁ ନେଇ ସୁନ୍ଦର ସୁନ୍ଦର ଚିତ୍ର ସବୁ କାନ୍ଥରେ ଆଙ୍କୁଥିବାର ଦୃଶ୍ୟକୁ ସୁନ୍ଦର ଭାବରେ ପ୍ରଦର୍ଶିତ ହୋଇଛି ୧୦ ମିନିଟ କ୍ଷୁଦ୍ର ଚଳଚ୍ଚିତ୍ରରେ। ଭାରତ ସହ ବ୍ରାଜିଲ, ଫ୍ରାନ୍ସ, ଆଫଗାନିସ୍ଥାନ, ଆଫ୍ରିକା, ମରକକ୍କୋ, ଇସ୍ରାଏଲ, ଇରାକ, ଇରାନ, ପର୍ତ୍ତୁଗାଲ, ବାଂଲାଦେଶ, ଉଜବେକିସ୍ତାନ, ଆଲଜେରିଆ ଭଳି ଦେଶରୁ ୨୭୫ଟି ଚଳଚିତ୍ର ଆସିଥିବା ବେଳେ ନୀଳଗିରିରୁ ପ୍ରସ୍ତୁତ ଏହି କ୍ଷୁଦ୍ର ଚଳଚ୍ଚିତ୍ର ସ୍ଥାନିତ ହୋଇ ପାଇଛି ଅପୂର୍ବ ସଫଳତା। ଏହି ଫିଲ୍ମଟି ବେଷ୍ଟ ଫିଲ୍ମ, ଡାଇରେକ୍ଟରର, ଆକ୍ଟର ଓ କ୍ରିଟିସିଜମ ଭଳି ଚାରୋଟି ଆୱାର୍ଡ ଜିତିଛି। ଏହି ଖବର ପ୍ରଚାରିତ ହେବା ପରେ ନୀଳଗିରି ତଥା ବାଲେଶ୍ୱରର କଳା ସଂସ୍କୃତି ଓ ବୁଦ୍ଧିଜୀବୀ ମହଲରେ ଖୁସି ଦେଖାଯାଇଛି।

# ପକ୍କାଘର ଆବଂଟନରେ ମଧ୍ୟପ୍ରଦେଶ ଭଳି କାର୍ଯ୍ୟ କରି ଦେଖାନ୍ତୁ ନବୀନ

ଭୁବନେଶ୍ୱର,୧୬/୯ (ନି.ପ୍ର): ମଧ୍ୟପ୍ରଦେଶର ଯଶସ୍ୱୀ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନ୍ ତାଙ୍କ ରାଜ୍ୟ ମଧ୍ୟପ୍ରଦେଶରେ କଚ୍ଚା ଘରେ ବସବାସ କରୁଥିବା ସମସ୍ତ ଗରିବ ପରିବାରଙ୍କ ତାଲିକା ପ୍ରସ୍ତୁତ କରି ସେମାନଙ୍କୁ ପକ୍କାଘର ଉପଲବ୍ଧ କରିବା ପାଇଁ ବଡ ଘୋଷଣା କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ବଂଟନ ଦୁର୍ନିତୀରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଓ ଜେଲ୍ ପଠାଇବାର ନିର୍ଦ୍ଦେଶ ଦେବା ସହ ଆଜି ଦୁର୍ନିତୀରେ ସମ୍ପୃକ୍ତ କିଛି ଅଧିକାରୀଙ୍କୁ ଚାକିରୀରୁ ସସ୍‌ପେଣ୍ଡ୍ କରିଛନ୍ତି ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ। ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ଓଡିଶାରେ କଚ୍ଚା ଘରେ ବସବାସ କରୁଥିବା ସମସ୍ତ ଗରିବ ପରିବାରଙ୍କ ତାଲିକା ପ୍ରସ୍ତୁତ କରିବା ସହ ସେମାନଙ୍କୁ ପକ୍କା ଘର ଉପଲବ୍ଧ ନିଶ୍ଚୟ କରନ୍ତୁ। ସେହିପରି ଆବାସ ଦୁର୍ନିତୀରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଓ ଜେଲ୍ ପଠାଇବା ଭଳି ଦଣ୍ଡ ବିଧାନ କରିବା ପାଇଁ ବିଜେପି ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ନିବେଦନ କରିଛନ୍ତି। ପ୍ରକାଶ ଥାଉ କି କିଛି ମାସ ତଳେ ପ୍ରଧାନମନ୍ତ୍ରୀ ଆବାସ ଦୁର୍ନିତୀ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ତଦନ୍ତକାରୀ ଟିମ୍ ଓଡିଶା ଆସି ହିତାଧିକାରୀଙ୍କୁ ଭେଟି ଅନୁଧ୍ୟାନ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ବଂଟନରେ ୧୦୦୦କୋଟି ଟଙ୍କାର ଦୁର୍ନିତୀ ହୋଇଥିବାର ପ୍ରକାଶ ମଧ କରିଥିଲେ। ଦୁର୍ନିତୀରେ ସମ୍ପୃକ୍ତ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। କାର୍ଯ୍ୟାନୁଷ୍ଠାନ ନେବା ଦୂରେ ଥାଉ କେନ୍ଦ୍ର ସରକାରଙ୍କର ଏହି ନିର୍ଦ୍ଦେଶକୁ ଚପାଇ ଦେବା ସହ ରାଜ୍ୟ ସରକାର ଚୁପ୍ ହୋଇବସିଛନ୍ତି। ସରକାର ନିଜେ ଦୁର୍ନିତୀରେ ସମ୍ପୃକ୍ତ ଥିବା କାରଣରୁ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ନେବାକୁ ଡରୁଛନ୍ତି ବୋଲି ଶ୍ରୀ ମଲ୍ଲିକ ଅଭିଯୋଗ ଆଣିଛନ୍ତି।

# ବିଶ୍ୱ ସମ୍ବିଧାନ ଦିବସ ଅବସରେ ଆନ୍ତର୍ଜାତିକ ସମ୍ମିଳନୀ

ଭୁବନେଶ୍ୱର,୧୬/୯ (ନି.ପ୍ର): ବିଶ୍ୱ ସମ୍ବିଧାନ ଦିବସ ଅବସରେ ଆଜି ଲୋକସଭା ପାର୍ଲ୍ୟାମେଂଟ, ନୂଆ ଦିଲ୍ଲୀ ତରଫରୁ ଏକ ଆନ୍ତର୍ଜାତିୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଆନ୍ତର୍ଜାତିକ ସମ୍ମିଳନୀକୁ ଓଡ଼ିଶା ବିଧାନସଭା ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ସମ୍ବୋଧିତ କରି ଭାରତୀୟ ସମ୍ବିଧାନ ଓ ଗଣତନ୍ତ୍ରର ଗରିମାମୟ ପରମ୍ପରା ଉପରେ ଆଲୋକପାତ କରିଥିଲେ। ଭାରତୀୟ ସମ୍ବିଧାନର ପିତା ଡ଼ଃ ବି. ଆର୍ ଆମ୍ବେଦକରଙ୍କ ମହାନ ସମ୍ବିଧାନ ପରିକଳ୍ପନା ଓ ସୁଦୃଢ ଗଣତନ୍ତ୍ର ଉପରେ ଗୁରୁତ୍ୱାରୋପ ଆମ ରାଷ୍ଟ୍ର ଭାରତ ପ୍ରତି ବିଶ୍ୱର ସମସ୍ତ ରାଷ୍ଟ୍ରର ଯଥେଷ୍ଟ ଶ୍ରଦ୍ଧା ଓ ସମ୍ମାନ ବଢାଇଛି। ସେହି ମହାନ ଗଣତାନ୍ତ୍ରିକ ପରମ୍ପରାର ଯଥେଷ୍ଟ ସୁଦୃଢିକରଣ କରିବା ଆବଶ୍ୟକ ବୋଲି ଡ଼ଃ ପାତ୍ର ମତ ଦେବା ସହ ବିଧାୟକ ଓ ସାଂସଦମାନେ ଜନସାଧାରଣଙ୍କର ମୌଳିକ ସମସ୍ୟା ପ୍ରତି ସର୍ବଦା ସମ୍ବେଦନଶୀଳ ରହିବାକୁ ପରମର୍ଶ ଦେଇଥିଲେ । ଗଣତନ୍ତ୍ରର ସଫଳ ପ୍ରବର୍ତନ ପାଇଁ ସଂସଦ ଏବଂ ବିଧାନସଭା ଗୁଡିକର ଗୁରୁତ୍ୱପୂର୍ଣ୍ଣ ଏବଂ ଫଳପ୍ରଦ ଭୂମିକା ଥିବା ମଧ ଡ଼ଃ ପାତ୍ର ପ୍ରକାଶ କରିଥିଲେ। ଏହି ଆନ୍ତର୍ଜାତିକ ସମ୍ମିଳନୀକୁ ଓଡ଼ିଶା ବିଧାନସଭା ବାଚସ୍ପତିଙ୍କ ସମେତ ହିମାଚଳ ପ୍ରଦେଶ, ବିହାର ଏବଂ ଉତରାଖଣ୍ଡ ବାଚସ୍ପତି ମଧ ସମ୍ବୋଧିତ କରିଥିଲେ। ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଚେକୋ ସ୍ଲୋଭାକିଆର ବାଚସ୍ପତି ସୋନୋକ୍ତା, ଗୁଆନା ବାଚସ୍ପତି ମନଜୁର ନାଦିର, ମାଳଦ୍ୱୀପ ବାଚସ୍ପତି ମହମ୍ମଦ ନାସିଦ, ମଙ୍ଗୋଲିଆ ବାଚସ୍ପତି ଗୋମୋବୋଜାର୍ମିଜ୍ ଆଣ୍ଡନସାଟାର, ନାମ୍ବିଆ ବାଚସ୍ପତି ପ୍ରଫେସର ପିଟର ଏଚ୍. କାଡଜାଭିଭି, ଶ୍ରୀଲଙ୍କା ବାଚସ୍ପତି ମହିନ୍ଦା ଯାପା ଆବେୟବର୍ଦ୍ଧନେ, ଜିମ୍ବାୱେ ବାଚସ୍ପତି ଜାକୋଫ୍ରାସିସ୍ ମୁଡେଣ୍ଡା, ମରିସସ ଉପବାଚସ୍ପତି ମାଜୁରାଲି, ଭୁଟାନ ଉପବାଚସ୍ପତି ୱାଙ୍ଗଡି, କେନିଆ ବାଚସ୍ପତି କେନେଥ ଲୁସାକା ଯୋଗ ଦେଇ ଆନ୍ତର୍ଜାତିକ ସମ୍ବିଧାନ ଦିବସ ଅବସରରେ ନିଜ ନିଜର ମତ ରଖିଥିଲେ । ଏହି ସମ୍ମିଳନୀରେ ବିଧାନସଭା ସଚିବ ଦାଶରଥୀ ଶତପଥୀଙ୍କ ସମେତ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ ।

# ଡ୍ରେନେଜ୍ ପାଇଁ ଏକ କମ୍ପ୍ରେହେନ୍‌ସିଭ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରାଯାଉ : ବିଜେପି

ଭୁବନେଶ୍ୱର,୧୬/୯ (ନି.ପ୍ର): ପାଂଚ ପାଳିର ଶାସନରେ ଥିବା ରାଜନେତା ଓ ପ୍ରଶାସନରେ ଥିବା ମୁଷ୍ଟିମେୟ ଅଫିସରମାନେ ରାଜଧାନୀ ସହରକୁ ବନ୍ୟା ଅଂଚଳ କରିଦେଲେ। ବିଭିନ୍ନ ଆବାସିକ ସଂଘ, ସାମାଜିକ ସଂଗଠନ ଏଠିକାର ବାସିନ୍ଦା ମାନେ ବିଶେଷ କରି ବିଜେପି ସବୁ ସମୟରେ ଅଭିଯୋଗ ଏବଂ ଆନ୍ଦୋଳନ କରିଆସୁଛି। କିନ୍ତୁ ବିଏମ୍‌ସି ଓ ସରକାର ଉଭୟଙ୍କର ଆନ୍ତରିକତା ନଥିବାରୁ ଆଜି ଏଠି ଲୋକେ ହନ୍ତସନ୍ତ ହେଉଛନ୍ତି ବୋଲି ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ସଭାପତି ବାବୁ ସିଂ ଅଭିଯୋଗ ଆଣିଛନ୍ତି।

ଭବନେଶ୍ୱର ସହର ଗୋଟିଏ ନାଚୁରାଲ ଭ୍ୟାଲି ଉପରେ ଥିବାରୁ ଏଠି ଜଳ ନିଷ୍କାସନ ପାଇଁ କୌଣସି ରକେଟ୍ ସାଇନ୍ସର ଆବଶ୍ୟକତା ନାହିଁ। ଭାରତ ସରକାରଙ୍କର ୱାର୍ପକୋର୍ସ ଭଳି ପିଏସି ଦ୍ୱାରା ସର୍ଭେ କରାଯିବା ପରେ, ଏଠାରେ ଥିବା ଦଶଟି ମୁଖ୍ୟ ଡ୍ରେନ୍ ଓ ତିନୋଟି ସବ୍ ଡ୍ରେନ୍ ଚିହ୍ନଟ ହୋଇସାରିଛି। କିନ୍ତୁ ଦୁର୍ଭାଗ୍ୟର କଥା ସରକାର ପ୍ରଥମେ ଏହାକୁ ଡ୍ୟାମ୍‌ସେଫ୍ଟିକୁ ଓ ପରେ ଡ୍ରେନେଜ୍ ଡିଭିଜନ୍‌କୁ ଦାୟିତ୍ୱ ଦେଲେ। କିନ୍ତୁ ଫଳ ହେଲା ଶୂନ କାରଣ ଡ୍ରେନ୍ ପାଇଁ କୌଣସି କମ୍ପ୍ରେହେନ୍‌ସିଭ୍ ମାଷ୍ଟର ପ୍ଲାନ ନାହିଁ। ଗତବର୍ଷ ବନ୍ୟାରେ ଭୁବନେଶ୍ୱର ଲୋକ ମୃତ୍ୟୁବରଣ କରିବା, ଘର ଭୁଷୁଡିବା ଭଳି ଦୁର୍ଘଟଣା ହେବା ପରେ ମଧ ରାଜ୍ୟ ସରକାରଙ୍କ ଚେତା ନଫେରିବା ଦୁର୍ଭାଗ୍ୟଜନକ ଅଟେ।

ସରକାରଙ୍କର ଯଦି ଇଚ୍ଛା ଶକ୍ତି ଥାଆନ୍ତା ତାହାଲେ ଭୁବନେଶ୍ୱର ଡ୍ରେନେଜ୍ ପାଇଁ ଏକ କମ୍ପ୍ରେହେନ୍‌ସିଭ୍ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରି ଏଥିପାଇଁ ଅର୍ଥ ବରାଦ କରାଯାଇ ଏହି ସମସ୍ୟାର ସ୍ଥାୟୀ ସମାଧାନ କରାଯାଇପାରିଥାନ୍ତା ବୋଲି ରାଜ୍ୟ ମୁଖପାତ୍ର ଦିଲ୍ଲୀପ୍ ମହାନ୍ତି କହିଛନ୍ତି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରକୁ ଅଣଦେଖା କରିଛନ୍ତି ଓ ଏଠିକାର ବାସିନ୍ଦା ମାନଙ୍କୁ ନିରାଶ କରିଛନ୍ତି। ଏଣୁ ସରକାର ଏ ସମ୍ପର୍କରେ ଶ୍ୱେତପତ୍ର ଜାରି କରନ୍ତୁ ନହେଲେ ବିଜେପି ଭୁବନେଶ୍ୱର ବାସୀଙ୍କ ଏ ସମସ୍ୟା ପାଇଁ ଜନ ଆନ୍ଦୋଳନ କରିବ ଯାହା ପାଇଁ ସରକାର ଦାୟୀ ରହିବେ ବୋଲି ଶ୍ରୀ ମହାନ୍ତି କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା ସଭାପତି ତଥା କାର୍ଯ୍ୟକାରିଣୀ ସଦସ୍ୟ ହରେକୃଷ୍ଣ ଖୁଂଟିଆ, ରାଜ୍ୟ ମୁଖପାତ୍ର ରାଜେନ୍ଦ୍ର ପଣ୍ଡା, ଜିଲ୍ଲା ସାଧାରଣ ସମ୍ପାଦକ ଅଭିଷେକ୍ ଆଚାର୍ଯ୍ୟ ଓ ହିଂମାଶୁ ଛୋଟରାୟ ଉପସ୍ଥିତ ଥିଲେ।

# କଟକ ଆୟକର ଭବନରେ ହିନ୍ଦୀ ଦିବସ ପାଳିତ

ଭୁବନେଶ୍ୱର,୧୬/୯ (ନି.ପ୍ର): ସେପ୍ଟେମ୍ବର ୧୪ ତାରିଖରେ ହିନ୍ଦୀ ଦିବସ ଉପଲକ୍ଷେ କଟକସ୍ଥିତ ଆୟକର ଭବନରେ ଏକ ସଭାର ଆୟୋଜନ କରାଯାଇଥିଲା। ଚଳିତ ମାସରେ ଆରମ୍ଭ ହୋଇଥିବା ହିନ୍ଦୀ ପକ୍ଷ ପାଳନର ଅଂଶସ୍ୱରୂପ ହିନ୍ଦୀ ଭାଷାରେ ପ୍ରବନ୍ଧ ଲିଖନ, ଶୁଦ୍ଧ ହିନ୍ଦୀ ଲିଖନ ଇତ୍ୟାଦି ବିଷୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୪ ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଏବଂ ମାନପତ୍ର ବଂଟନ କରାଯାଇଥିଲା । ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଆୟକର କମିଶନର ମନୋରଞ୍ଜନ ପାଣିଗ୍ରାହୀ ସଭାପତିତ୍ୱ କରି ହିନ୍ଦୀ ଦିବସର ତାତ୍ପର୍ଯ୍ୟ ଓ ମହନୀୟତା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ଅଧ୍ୟାପିକା ଡ. ଅଞ୍ଜୁମନ୍ ଆରା ଯୋଗଦେଇ ହିନ୍ଦୀ ଭାଷା ବ୍ୟବହାରର ଗୁରୁତ୍ୱ ଓ ମହତ୍ୱ ଉପରେ ଆଲୋକପାତ କରିଥିଲେ । ହିନ୍ଦୀ ଭାଷାର ବହୁଳ ପ୍ରଚାର ଓ ପ୍ରସାର ଉପରେ ସେ ଗୁରୁତ୍ୱ ଦେଇଥିଲେ । ବିଭାଗୀୟ ହିନ୍ଦୀ ଅଧିକାରୀ ଶ୍ରୀମତୀ ପ୍ରତିମଞ୍ଜରୀ ମହାନ୍ତି ସଭା କାର୍ଯ୍ୟ ପରିଚାଳନା କରିଥିଲେ । ଶିବପ୍ରସାଦ ରଥ, ଆୟକର ଇନିସ୍‌ପେକ୍ଟର ହିନ୍ଦୀ ଦିବସର ଉଦ୍ଦେଶ୍ୟ ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଶେଷରେ ଆୟକର ନିରୀକ୍ଷକ ଶ୍ରୀମତୀ ରେଖା କୁମାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ୫୮୦ ନୂଆ କରୋନା ଆକ୍ରାନ୍ତଙ୍କ ମଧ୍ୟରେ ୭୭ ଜଣ ଛୁଆ

ଭୁବନେଶ୍ୱର,୧୬/୯ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟାରେ ୫୮୦ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୭୭ ଜଣ ୧୮ ବର୍ଷରୁ କମ୍ ବର୍ଗର। ୫୮୦ ଆକ୍ରାନ୍ତଙ୍କ ମଧ୍ୟରୁ ୩୩୬ ଜଣ କ୍ୱାରେଣ୍ଟାଇନ୍ ?ରେ ଥିଲେ। ବାକି ୨୪୪ଟି ହେଉଛି ଲୋକାଲ୍ କେସ୍। ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୬୧ ଜଣ ଚିହ୍ନଟ ହୋଇଥିବା ବେଳେ କଟକରୁ ୮୭ ଜଣ ଅଛନ୍ତି। ଅନୁଗୋଳ ଜିଲ୍ଲାରୁ ୬ ଜଣ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୭, ବରଗଡ଼ରୁ ୮, ଭଦ୍ରକରୁ ୭, ଦେବଗଡ଼ରୁ ୨, ଢେଙ୍କାନାଳରୁ ୯, ଜଗତସିଂହପୁରରୁ ୧୩, ଯାଜପୁରରୁ ୨୯, ଝାରସୁଗୁଡ଼ାରୁ ୧୧, କେନ୍ଦ୍ରାପଡ଼ାରୁ୧୦, କେନ୍ଦୁଝରରୁ ଜଣେ, କୋରାପୁଟରୁ ୪, ମାଲକାନଗିରିରୁ ଜଣେ, ମୟୂରଭଞ୍ଜରୁ ୭, ନୟାଗଡ଼ରୁ ୭,ରାୟଗଡ଼ା ୬, ସମ୍ବଲପୁରରୁ ୬, ସୋନପୁରରୁ ଜଣେ ଓ ସୁନ୍ଦରଗଡ଼ରୁ ୧୦ ଜଣ ଅଛନ୍ତି।

# ରାଜ୍ୟ ପଛୁଆବର୍ଗ କମିଶନ ଅଧକ୍ଷଙ୍କୁ ସ୍ମାରକପତ୍ର ଓ ପଛୁଆ ବର୍ଗ ସମସ୍ୟା ଉପରେ ଆଲୋଚନା : ସମାଜବାଦୀ ପାର୍ଟି

ଭୁବନେଶ୍ୱର,୧୬/୯ (ନି.ପ୍ର): ରାଜ୍ୟରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ପଛୁଆବର୍ଗ ଛାତ୍ରଛାତ୍ରୀମାନଙ୍କୁ ୨୭ପ୍ରତିଶତ ସଂରକ୍ଷଣ ନିମି ଆଇନ୍‌ଗତ ପ୍ରତିବନ୍ଧକକୁ ଏଡାଇବା ପାଇଁ ୧୧.୨୫% ସଂରକ୍ଷଣ ଦେବା, ମେଡିକାଲ୍, ଇଂଜିନିୟରିଂ ନାମଲେଖାରେ ମଧ ସଂରକ୍ଷଣ ପ୍ରଦାନ କରିବା, ଜାତିଗତ ଜନଗଣନା କାର୍ଯ୍ୟକ୍ରମ ତୁରନ୍ତ ଆରମ୍ଭ କରିବା, ପଛୁଆବର୍ଗ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତି ବ୍ଲକରେ ସ୍ମାର୍ଟ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ, ରାଜ୍ୟ ପଛୁଆବର୍ଗ ଅର୍ଥ ନିଗମକୁ ସକ୍ରିୟ କରି ଆତ୍ମନିଯୁକ୍ତି ପାଇଁ ଋଣ ନେବାକୁ ଚାହୁଁଥିବା ପଛୁଆବର୍ଗର ଇଚ୍ଛୁକ ଯୁବକ ଯୁବତୀମାନଙ୍କୁ ସ୍ୱଳ୍ପ ସୁଧରେ ଆତ୍ମନିଯୁକ୍ତି ଋଣ ଯୋଗାଇ ଦେବା, ଓଡ଼ିଶା ବିଧାନସଭା ଦ୍ୱାରା ବିଜେଡି, ବିଜେପି, କଂଗ୍ରେସ ଓ କମ୍ୟୁନିଷ୍ଟ ଦଳର ବିଧାୟକମାନଙ୍କ ସର୍ବସମ୍ମତିକ୍ରମେ ବିଗତ ୧୩ ବର୍ଷ ତଳେ ଅନୁମୋଦିତ ହୋଇ କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ମନ୍ତ୍ରଣାଳୟର ଶୀତଳ ଭଣ୍ଡାରରେ ପଡ଼ିରହିଥିବା ଓଡ଼ିଶା ପଛୁଆବର୍ଗ ସଂରକ୍ଷଣ ଆଇନ୍-୨୦୦୮କୁ ସମ୍ବିଧାନର ୯ମ ଅନୁଚ୍ଛେଦ ଅନ୍ତର୍ଭୁକ୍ତ କରି ପଛୁଆବର୍ଗ ସଂରକ୍ଷଣକୁ ୫୦ ପ୍ରତିଶତରୁ ଅଧିକ କରିବା, ରାଜ୍ୟ ସରକାରଙ୍କ ନିଯୁକ୍ତିରେ ଓ ଆଉଟ୍‌ସୋର୍ସିଂ ଓ କନସ୍‌ଲଟାନ୍ସି କ୍ଷେତ୍ରରେ ପଛୁଆବର୍ଗଙ୍କୁ ସଂରକ୍ଷଣ ପ୍ରଦାନ କରିବା, ଓ.ପି.ଏସ୍.ସି. ଦ୍ୱାରା ନିଯୁକ୍ତ ହେବାକୁ ଯାଉଥିବା ପ୍ରଫେସର ଓ ଆସୋସିଏଟ୍ ପ୍ରଫେସରମାନଙ୍କ ପାଇଁ ଶିକ୍ଷାଗତ ଯୋଗ୍ୟତା କୋହଳ କରିବା, ବିଡିଏ, ହାଉସିଂବୋର୍ଡ ଦ୍ୱାରା ଭୁବନେଶ୍ୱର ସମେତ ବିଭିନ୍ନ ସହରରେ ଗଢ଼ି ଉଠୁଥିବା ଦୋକାନ ଘର ଓ ଗୃହ ନିର୍ମାଣ କ୍ଷେତ୍ରରେ ପଛୁଆବର୍ଗଙ୍କୁ ସଂରକ୍ଷଣ ଦାବିକରି ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏକ ଦୁଇଜଣିଆ ପ୍ରତିନିଧି ଦଳ ରାଜ୍ୟ ପଛୁଆବର୍ଗ କମିଶନର ଅଧକ୍ଷ ମାନ୍ୟବର ବିଚାରପତି ରଘୁନାଥ ବିଶ୍ୱାଳଙ୍କ ସହିତ ଦୀର୍ଘ ଅଧଘଂଟା ଧରି ଆଲୋଚନା କରିବା ସହିତ କମିଶନଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ।

# ଓଡ଼ିଶା ସାହିତ୍ୟ ଏକାଡେମୀର ରାଜ୍ୟବ୍ୟାପୀ ଆଜାଦୀ କା ଅମୃତ ମହୋତ୍ସବ ପାଳନ

ଭୁବନେଶ୍ୱର,୧୬/୯ (ନି.ପ୍ର): ସ୍ୱାଧୀନତାର ୭୫ତମ ଜୟନ୍ତୀ ଅବକାଶରେ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ 'ଓଡ଼ିଶା ସାହିତ୍ୟ ଏକାଡେମୀ' ଆନୁକୂଲ୍ୟରେ ଆଜି ରାଜ୍ୟର ପାଂଚଟି ଜିଲ୍ଲା ବାଲେଶ୍ୱର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ଼ ଓ କୋରାପୁଟର ୨୫ଟି ପୃଥକ୍ ସ୍ଥାନରେ ଏକ ସମୟରେ ସମାରୋହରେ ପାଳିତ ହୋଇଛି 'ଆଜାଦୀ କା ଅମୃତ ମହୋତ୍ସବ' । ପ୍ରତ୍ୟେକ ସ୍ଥାନରେ କୋଡ଼ିଏ ଜଣ ଲେଖାଏଁ କବି ଯୋଗଦେଇ ମୋଟ ଏକ ହଜାର କବି ପାଠ କରିଛନ୍ତି ଦେଶାତ୍ମବୋଧକ କବିତା। ୨୫ ଜଣ ଆୟୋଜକ ଓ ୨୫ ଜଣ ସଂଯୋଜକ ଏହି କାର୍ଯ୍ୟକ୍ରମର ଆୟୋଜନରେ ସହାୟତା କରିଛନ୍ତି । ଏହି ରାଜ୍ୟବ୍ୟାପୀ କାର୍ଯ୍ୟକ୍ରମର ଅଂଶସ୍ୱରୂପ ଭୁବନେଶ୍ୱରର ତିନୋଟି ଅଂଚଳ ସମେତ ଜଟଣୀ ଓ ବାଣପୁରରେ ଆୟୋଜିତ କବିତା ପାଠୋତ୍ସବରେ ପୌରୋହିତ୍ୟ କରିଥିଲେ ଏକାଡେମୀର ସଭାପତି ଡକ୍ଟର ହୃଷୀକେଶ ମଲ୍ଲିକ ଓ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ ଏକାଡେମୀ କାର୍ଯ୍ୟକାରୀ ପରିଷଦର ସଭ୍ୟ ଡକ୍ଟର ନୃସିଂହ ଚରଣ ଷଡଙ୍ଗୀ। ଏକାଡେମୀର ସଭ୍ୟ ଡକଫର ବିବେକାନନ୍ଦ ପାଣିଗ୍ରାହୀଙ୍କ ନେତୃତ୍ୱରେ ଆୟୋଜିତ ସମାରୋହରେ ସ୍ୱାଗତ ଭାଷଣ ଦେଇଥିଲେ ଏକାଡେମୀର ସହସଚିବ ପ୍ରଦୀପ କୁମାର ମିଶ୍ର । ସମାରୋହ ଅବକାଶରେ ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ପର୍ଶୁରାମ ଦ୍ୱିବେଦୀଙ୍କୁ ସଭାପତି ଡକଫର ମଲ୍ଲିକ ସମ୍ବର୍ଦ୍ଧିତ କରିଥିଲେ ଓ ତାଙ୍କ ସଭାପତି ଅଭିଭାଷଣରେ ଭାରତର ସ୍ୱାଧୀନତା ସଂଗ୍ରାମ ସ୍ମୃତି ସହ ସମକାଳର ଦେଶବାସୀଙ୍କୁ ଯୋଡ଼ିବାକୁ ଓ ଦେଶର ମହାନ୍ ସାହିତ୍ୟ ତଥା ସଂସ୍କୃତିର ସୁରକ୍ଷା ଦିଗରେ ସେମାନଙ୍କୁ ଉତ୍ସାହିତ କରିବା ଏହି ଉତ୍ସବର ଆଭିମୁଖ୍ୟ ବୋଲି ଉଲ୍ଲେଖ କରିଥିଲେ। ଡ. ଦେବଶିଷ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ କବି ସୂର୍ଯ୍ୟ ମିଶ୍ର, ଡ. ପ୍ରସନ୍ନ କୁମାର ମହାନ୍ତି, ରକ୍ଷକ ନାୟକ, ଡ. ନୃସିଂହ ଷଡଙ୍ଗୀ, ଦେବେନ୍ଦ୍ରନାଥ ଦାଶ, ଡ. ଶକୁନ୍ତଳା ବଳିୟାର ସିଂହ, ଡ. ମଙ୍ଗଳା ପ୍ରସାଦ ମହାନ୍ତି, ସୁଚେତା ରାଉତ, ଡ. ରମେଶ ପାଣି, ରାଜକିଶୋର ଦାଶ, ସଂଜୟ ମହାନ୍ତି, ଭିକାରୀ ଧଳ ଓ ବିପିନ ବିହାରୀ ମହାନ୍ତି ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ସଂଗୀତ ନାଟକ ଏକାଡେମୀର ଉପସଭାପତି ଶ୍ରୀ ମନ୍ମଥନାଥ ଶତପଥୀ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଜଗନ୍ନାଥ କୁଅଁର ପ୍ରାରମ୍ଭିକ ସଂଗୀତ ପରିବେଷଣ କରିଥିବାବେଳେ ଏକାଡେମୀର ଉପବିଭାଗ ଅଧିକାରୀ ସଂଜୟ କୁମାର ଛୁଆଳସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁଷ୍ମନ୍ତ ଦାସଙ୍କ ମୃତ୍ୟୁ ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ: ବିଜେପି

ଭୁବନେଶ୍ୱର,୧୬/୯ (ନି.ପ୍ର): ଗତ ୮ ତାରିଖ ଦିନ କୁଜଙ୍ଗ ଥାନା ଅନ୍ତର୍ଗତ ମନ୍ତ୍ରୀ ପାଟଣା ଗ୍ରାମର ଦୁଷ୍ମନ୍ତ ଦାସଙ୍କ ର ବିଧାନସଭା ସମ୍ମୁଖରେ ମୃତ୍ୟୁ ପାଇଁ ରାଜ୍ୟ ସରକାର ଦାୟୀ। ପୋଲିସ୍ ଦୁଷ୍ମନ୍ତଙ୍କୁ ଦିନ ୧୨.୩୦ରେ କ୍ୟାପିଟାଲ ହସ୍ପିଟାଲ୍‌ରେ ଭର୍ତି କରିଥିଲା। ସେଠାରେ ତାଙ୍କୁ ୧.୩୦ ପର୍ଯ୍ୟନ୍ତ ରଖାଯାଇଥିଲା ତା ପରେ ଦୁଷ୍ମନ୍ତଙ୍କୁ କଟକ ଏସ୍‌ସିବି ମେଡିକାଲରେ ୪.୦୦ ରେ ଚିକିତ୍ସା ପାଇଁ ଭର୍ତି କରାଯାଇଥିଲା। ଏହି ମୃତ୍ୟୁ କେବଳ ଆତ୍ମହତ୍ୟା ଜନିତ ମୃତ୍ୟୁ ନୁହେଁ ବରଂ ଉଦ୍ଦେଶ୍ୟମୂଳକ ଅବହେଳା ଜନିତ ମୃତ୍ୟୁ ଅଟେ ବୋଲି ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ବିଭୂ ପ୍ରସାଦ ତରାଇ କହିଛନ୍ତି। ଜଣେ ବିଷ ଖାଇବା ରୋଗୀକୁ ଉତମ ଚିକିତ୍ସା ଯୋଗାଇବା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଯଦି ସୁବିଧା ନଥିଲା, ତେବେ ଭୁବନେଶ୍ୱରର ଅନ୍ୟ କୌଣସି ବେସରକାରୀ ଡାକ୍ତରଖାନାକୁ ନିଆଯାଇ ଚିକିତ୍ସାର ବନ୍ଦୋବସ୍ତ କରାଗଲା ନାହିଁ କାହିଁକି? କଟକରେ ପହଂଚିବା ପାଇଁ ୨ ଘଂଟା ୩୦ ମିନିଟ୍ ସମୟ କାହିଁକି ଲାଗିଲା? ଯଦି ଏସ୍‌ସିବିକୁ ସ୍ଥାନାନ୍ତର କରାଗଲା, ତେବେ ଆଇସିୟୁରେ ଭର୍ତି ନକରାଯାଇ ସାଧାରଣ ବିଭାଗରେ ରଖାଯିବାର କାରଣ କଣ? ଆତ୍ମହତ୍ୟା କାରଣରୁ ଦୁଷ୍ମନ୍ତ ଦାସର ମୃତ୍ୟୁ ହେଲା ବୋଲି କହୁଥିବା ରାଜ୍ୟ ସରକାର, ତାଙ୍କର ମୃତ୍ୟୁ ପରେ ତ୍ୱରିତ ଗତିରେ କୁଜଙ୍ଗର ବିଡିଓ, ଏସ୍‌ଡିପିଓ ଓ ଆଇଆଇସି ମାନଙ୍କୁ ଦୁଷ୍ମନ୍ତ ଦାସଙ୍କ ସ୍ତ୍ରୀ ଓ ମାକୁ ତରବରିଆ ଭାବରେ କଟକ ଆଣି, ରାତି ୨ଟା ବେଳେ ଶବ ବ୍ୟବଚ୍ଛେଦ କରି ଭୋର୍ ସକାଳ ୪.୩୦ରେ ପୁରୀର ସ୍ୱର୍ଗ ଦ୍ୱାରରେ ଶବ ସତ୍‌କାର କରିବାର କାରଣ କଣ ବୋଲି ଶ୍ରୀ ତରାଇ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ଦୁଷ୍ମନ୍ତ ଦାସ ବାରମ୍ବାର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଏବଂ ଚିକିତ୍ସା ଅବହେଳାର ଅଭିଯୋଗ କରିବା ସହିତ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର କାର୍ଡ ମାଧ୍ୟମରେ ଡାକ୍ତରଖାନାରେ ଆର୍ଥିକ ସହାୟତା ନପାଇବାରୁ ଆତ୍ମବିଶ୍ୱାସ ହରାଇ "ମୋତେ ଚିକିତ୍ସା ଦିଅ, ନହେଲେ ମୋତେ ମୃତ୍ୟୁ ଦିଅ" ବୋଲି ସରକାରଙ୍କୁ ନିବେଦନ କରିବା ବିଷୟରେ ଗଣମାଧ୍ୟମ ଜରିଆରେ ଓଡିଶାବାସୀ ଜାଣିଛନ୍ତି। ଦୁଷ୍ମନ୍ତ ଦାସଙ୍କ ମୃତ୍ୟୁ, ସଂପୃକ୍ତ ପୋଲିସ୍ ଓ ପ୍ରଶାସନିକ ଅଧିକାରୀମାନଙ୍କ ଦ୍ୱାରା ଏକ ସୁପରିକଳ୍ପିତ ପ୍ରାୟୋଜିତ ହତ୍ୟାକାଣ୍ଡ। ୩ଘଂଟା ୩୦ ମିନିଟ୍ ମଧ୍ୟରେ ଦୁଷ୍ମନ୍ତଙ୍କୁ ଠିକଣା ଚିକିତ୍ସା ଯୋଗାଇବାରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରାଇ ଯେଉଁ ପୋଲିସ ଓ ପ୍ରଶାସନିକ ଅଧିକାରୀ ମାନେ ତାଙ୍କ ମୃତ୍ୟୁର କାରଣ ହୋଇଛନ୍ତି, ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ ବୋଲି ଶ୍ରୀ ତରାଇ ଦାବୀ କରିଛନ୍ତି। ଏହି ସମ୍ବନ୍ଧରେ ବିଜେପିର ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜ୍ୟ ମାନବାଧିକାରୀ ଆୟୋଗଙ୍କୁ ଭେଟି ଦୁଷ୍ମନ୍ତ ଦାସଙ୍କ ମୃତ୍ୟୁ ଏହା ସୁପରିକଳ୍ପିତ ହତ୍ୟାକାଣ୍ଡର ତଦନ୍ତ ଏବଂ ତାଙ୍କ ସହ ଜଡିତ ଥିବା ସରକାରୀ ଅଧିକାରୀ ମାନଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ମାନବାଧିକାରୀ ଆୟୋଗଙ୍କୁ ଭେଟି ଶ୍ରୀ ତରାଇ ଦାବି କରିଛନ୍ତି।

# ଶ୍ରୀଲିଙ୍ଗରାଜଙ୍କ ସମ୍ପତ୍ତି ହଡ଼ପ ବିରୋଧରେ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ

ଭୁବନେଶ୍ୱର,୧୬/୯ (ନି.ପ୍ର): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ଜମି ହଡ଼ପ ସହ ୪୦କୋଟି ଟଙ୍କା ହଡ଼ପ ଯୋଜନା ବିରୁଦ୍ଧରେ ସ୍ୱର ଉତଳନ କରିଛନ୍ତି ସ୍ଥାନୀୟ ଲୋକ ଓ ସେବାୟତ। ଏନେଇ ସେମାନେ ଆଜି ବିଏମ୍‌ସି କାର୍ଯ୍ୟାଳୟ ଓ ବିଏମ୍‌ସି କମିସନରଙ୍କ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ପ୍ରକାଶ ଥାଉକି, ମନ୍ଦିର ଉତର ପାର୍ଶ୍ୱରେ ୧୦୦ମିଟର ଦୂରରେ ଥିବା ଯାତ୍ରୀ ନିବାସ(କୋରାପୁଟ୍ ଭବନ)। ଯାହାର ମୂଳ ମାଲିକ ଶ୍ରୀଲିଙ୍ଗରାଜ ମହାପ୍ରଭୁ, ମାର୍ଫତ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ। ସେଥିରେ ଅଂଚଳ ବଟୁ, ପତ୍ନୀ ବବିତା ବଟୁ ଏହି ଭୂ-ସମ୍ପତିର ମୂଳ ରେକର୍ଡକୁ ଚତଂକତା ପୂର୍ବକ ପରିବର୍ତନ କରି ନିଜ ନାମରେ କରବା ସହ ଅଟ୍ଟାଳିକା ନିର୍ମାଣ କରି ଘରୋଇ ଯାତ୍ରୀ ନିବାସରେ ଭଡ଼ା ଲଗାଇ ଅର୍ଥ ଉପାର୍ଜନ କରିଛନ୍ତି। ଏବେ ଏକାମ୍ର ଯୋଜନାରେ ଏହି ଜମିରେ କ୍ଷତି ୪୦କୋଟ ଟଙ୍କାର କ୍ଷତି ପୁରଣ ପାଇଁ ମସୁଧା ଚାଲିଛି। ଏଥି ସହ ଜମି ବଦଳରେ ନୂଆ ପ୍ରସ୍ତାବିତ ବସ୍‌ଷ୍ଟାଣ୍ଡ୍ ନିକଟରେ ଜମି ଦେବାକୁ ବିଏମ୍‌ସ ପତ୍ରସଂଖ୍ୟା ୬୯୯୫୩ରେ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ଚିଠି କରାଯାଇଛି । କୁହାଯାଇଛି ଯେ, ଟ୍ରଷ୍ଟ ବୋର୍ଡରେ ଅନୁମୋଦନ କରି ଠାକୁରଙ୍କ ୪୬୨ଡିସିମିଲ ତାଙ୍କୁ ପ୍ରଦାନ ପାଇଁ ଚିଠି କରାଯାଇଛି। ଏହା ଦ୍ୱାରା ମହାପ୍ରଭୁଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେବାକୁ ଯାଉଛି। ଶ୍ରୀଲିଙ୍ଗରାଜଙ୍କ ଜମିରେ ଘରୋଇଙ୍କୁ ମିଥ୍ୟା ବିଲ୍ କରାଯାଇ ଶତକଡ଼ା ୯୫ଗୁଣା କ୍ଷତି ପୂରଣ ଦେବାକୁ ବିଏମ୍‌ସି ଯୋଜନା କରିଛି। ଏହାର ପ୍ରତିବାଦରେ ଏକାମ୍ର ଜନ ଜାଗରଣ ମଂଚ ପକ୍ଷରୁ ବିଏମ୍‌ସି କାର୍ଯ୍ୟାଳୟ ଘେରାଉ କରିଥିଲା। ମଂଚର ସଭାପତି ଭୀଷ୍ମ ନାରାୟଣ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସରୋଜ ମିଶ୍ର, ଗୋପିନାଥ ପ୍ରଧାନ, ମାନସ ପତି, ରାଜେଶ ମିଶ୍ର, ବିଜୟ ଭଟ୍ଟାଚାର୍ଯ୍ୟ, ରାକେଶ ନାୟକ, ରାଜେନ୍ଦ୍ର କୁମାର ନାଥ,ମଞ୍ଜୁଲତା ପଟ୍ଟନାୟକ, ବିନୋଦୀନୀ ସେନାପତି, ବିଷ୍ଣୁ ପ୍ରୀୟା ଜେନା, ମାନସୀ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

# ୨୨ ଯାଏଁ ୫ ଟ୍ରେନ୍ ବାତିଲ୍

ଭୁବନେଶ୍ୱର,୧୬/୯ (ନି.ପ୍ର): କୋଭିଡ୧୯ ମହାମାରୀ ସମୟରେ କେତେକ ଟ୍ରେନ ରେ ଖରାପ ପୃଷ୍ଠପୋଷକତାକୁ ଦୃଷ୍ଟିରେ ରଖି ଆସନ୍ତା ସେପ୍ଟେମ୍ବର ୧୬ରୁ ୨୨ ମଧ୍ୟରେ ୫ଟି ସ୍ୱତନ୍ତ୍ର ଟ୍ରେନ୍ ବାତିଲ୍ କରିବାକୁ ନିଷ୍ପତି ନିଆଯାଇଛି । ଏହି ଟ୍ରେନ୍ ଗୁଡିକ ହେଲା ୦୮୪୧୨/୦୮୪୧୧ ଭୁବନେଶ୍ୱର-ଭଦ୍ରକ-ଭୁବନେଶ୍ୱର ବିଶେଷ ଟ୍ରେନ , ୦୮୪୩୮/୦୮୪୩୭ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ . ୦୮୪୬୧/୦୮୪୬୨ କଟକ-ପାରାଦୀପ-କଟକ ବିଶେଷ ଟ୍ରେନ , ୦୮୪୫୪/୦୮୪୫୩ କଟକ-ଭଦ୍ରକ-କଟକ ବିଶେଷ ଟ୍ରେନ ଓ ୦୮୪୩୧/୦୮୪୩୨ ପୁରୀ-କଟକ-ପୁରୀ ବିଶେଷ ଟ୍ରେନ ।

# ବିଶ୍ୱ ଓଜୋନ୍ ଦିବସ : ବିଶ୍ୱକୁ ବିପଦ !

ଭୁବନେଶ୍ୱର,୧୬/୯ (ନି.ପ୍ର): ଆଜି ବିଶ୍ୱ ଓଜୋନ୍ ଦିବସ। ପ୍ରତିବର୍ଷ ସେପ୍ଟେମ୍ବର ୧୬ ତାରିଖଟିକୁ ସମଗ୍ର ବିଶ୍ୱ ଓଜୋନ୍ ଦିବସ ରୂପେ ପାଳନ କରିଥାଏ। ସମ୍ପ୍ରତି ପୃଥିବୀ ପୃଷ୍ଠରେ ବୃଦ୍ଧି ପାଉଥିବା ବିଷାକ୍ତ ଗ୍ୟାସ୍ ଯୋଗୁଁ ଧୀରେ ଧୀରେ ଓଜୋନ୍‌ସ୍ତର ପତଳା ହେବାରେ ଲାଗିଛି। ଯଦ୍ୱାରା ସୂର୍ଯ୍ୟଙ୍କ କିରଣରୁ ନିର୍ଗତ ହାନିକାରକ ଅତି ବାଇଗଣି ରଶ୍ମୀ ପୃଥିବୀ ପୃଷ୍ଠରେ ବସବାସ କରୁଥିବା ପ୍ରାଣୀ ଓ ଉଦ୍ଭିଦଙ୍କ ପ୍ରତି ବିପଦ ସୃଷ୍ଟି କରିଛି। ଏଣୁ ଓଜୋନ୍‌ସ୍ତରର ସୁରକ୍ଷା ପାଇଁ ପଦକ୍ଷେପ ଓ ଜନ ସଚେତନତା ନିତାନ୍ତ ଜରୁରୀ ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ଓଜୋନ୍‌ସ୍ତରର କ୍ଷୟ ରୋକିବା ନିମନ୍ତେ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଭୁବନେଶ୍ୱର ପୋଖରୀପୁଟ ଅଂଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ କୁମାର ସାହୁ ରଙ୍ଗ, ବେରଙ୍ଗ ମୁରୁଜରେ ତିଆରିଛନ୍ତି ଓଜୋନ୍ ଛତା। ଏଥିରେ ଇଂରାଜୀ ଭାଷାରେ ଏକ ମନଛୁଆଁ ସ୍ଲୋଗାନ୍ 'ସେଭ୍ ଓଜୋନ୍, ସେଭ ଆର୍ଥ' ଲେଖି ଏକ ବଳିଷ୍ଠ ବାର୍ତା ସମଗ୍ର ବିଶ୍ୱବାସୀଙ୍କୁ ଦେବା ପାଇଁ ସେ ପ୍ରୟାସ କରିଛନ୍ତି।

# ଜରୁରୀକାଳିନ ନମ୍ବର ୧୧୨ରେ ତତକ୍ଷଣାତ୍ ସେବା ଯୋଗାଣ ପାଇଁ ମୁଖ୍ୟ ଶାସନ ସଚିବଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୬/୯ (ନି.ପ୍ର): ଏକକ ଜରୁରୀକାଳିନ ଫୋନ୍ ନମ୍ବର ୧୧୨ କୁ ନେଇ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଏକ ଉଚ୍ଚ ସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଲୋକସେବା ଭବନରୁ ଡିଜିଟାଲ୍ ମୋଡ୍ ରେ ଅନୁଷ୍ଠିତ ଏହି ବୈଠକରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା ଜଣାଇଥିଲେ ଯେ ଇତି ମଧ୍ୟରେ ୧୧୨ ଫୋନ୍ ନମ୍ବରକୁ କାର୍ଯ୍ୟକାରୀ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ଜରୁରୀକାଳିନ ପୋଲିସ ଏବଂ ଅଗ୍ନିଶମ ସେବାକୁ ଏହା ସହ ସମନ୍ୱିତ କରାଯାଇଛି। ଏହି ନୂଆ ନମ୍ବର ବିଷୟରେ ଲଗାତାର ଭାବେ ଜନସଚେତନତା ଜାରି ରଖିବାକୁ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ଗୃହ ବିଭାଗଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପର୍ଯ୍ୟାୟକ୍ରମେ ଅନ୍ୟାନ୍ୟ ଜରୁରୀକାଳିନ ସେବାକୁ ୧୧୨ ନମ୍ବର ସହ ସମନ୍ୱିତ କରିବା ପାଇଁ ବୈଠକରେ ସ୍ଥିର ହୋଇଥିଲା । ଫୋନ୍ ମିଳିବା ସଙ୍ଗେ ସଙ୍ଗେ ତତକ୍ଷଣାତ୍ ସେବା ଯୋଗାଣପାଇଁ ଏହି ନୂଆ ବ୍ୟବସ୍ଥାକୁ ପୂର୍ଣ୍ଣ ରୂପେ ପ୍ରସ୍ତୁତ କରିବା ପାଇଁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ଆବଶ୍ୟକୀୟ ମାନବ ସମ୍ବଳ, ଗାଡ଼ି, ଆମ୍ବୁଲାନ୍ସ ଯାତାୟତ ସମ୍ବନ୍ଧିତ ସର୍ବଶେଷ ସ୍ଥିତି ସମ୍ବନ୍ଧିତ ସୂଚନା ଆଦି ବ୍ୟବସ୍ଥିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସ୍ୱାସ୍ଥ୍ୟ ସେବାପରି ଗୁରୁତ୍ୱପୂର୍ଣ୍ଣ ଜରୁରୀ ଫୋନ୍ କଲ୍ ଗୁଡ଼ିକ ଉପରେ ତତକ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ନିମନ୍ତେ କଲ୍ ସେଂଟରର କର୍ମଚାରୀ ମାନଙ୍କୁ ସଠିକ ଭାବେ ତାଲିମ୍ ଦେବା; ଏବଂ, କଲ୍ ସେଂଟର ସହ ବିଭିନ୍ନ ବିଭାଗର ସେବା ଯୋଗାଣ ବ୍ୟବସ୍ଥାକୁ ପୂର୍ଣ୍ଣ ମାତ୍ରାରେ ସମନ୍ୱିତ କରିବା ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱାରୋପ କରିଥିଲେ । ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି, ବର୍ତମାନ ରାଜ୍ୟ ଜରୁରୀକାଳିନ ଜବାବ କେନ୍ଦ୍ର ୧୧୨ କୁ ୨୪ ଘଂଟିଆ ଭିତିରେ କାର୍ଯ୍ୟକାରୀ କରାଯାଇଛି । କେନ୍ଦ୍ରରେ ଫୋନ କଲ୍ ଧରିବା ଏବଂ ସେବା ପାଇଁ ଜବାବ୍ ଦେବା ନିମନ୍ତେ ୧୨୪ ଜଣ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଅଗଷ୍ଟ ମାସରେ ଏହି କେନ୍ଦ୍ରରେ ୮୭୦୮ ଟି କଲ୍ ପଞ୍ଜୀକୃତ ହୋଇଥିଲା। ସେଥିରୁ ୭୯୫୭ ଜଣଙ୍କୁ ଆବଶ୍ୟକୀୟ ପୋଲିସ୍ ସେବା ଏବଂ ୫୮୫ ଜଣଙ୍କୁ ଅଗ୍ନିଶ୍ରମ ସେବା ଯୋଗାଇ ଦିଆଯାଇଥିଲା । ୧୬୬ ଟି ଫୋନ କଲ୍ ରେ ଅନୁରୋଧ କରାଯାଇଥିବା ସେବା ଜବାବ କେନ୍ଦ୍ର ମାଧ୍ୟମରେ ଯୋଗାଇ ଦିଆଯାଇଥିଲା। ଏହାଛଡ଼ା ୧୯୧୫ ଟି ଫୋନ୍ କଲ୍ କୁ ଆମ୍ବୁଲାନ୍ସ ସେବା ସହ ସଂଯୋଜିତ କରାଯାଇଥିଲା । ବର୍ତମାନ ୧୦୮ ଫୋନ୍ ନମ୍ବରକୁ ଦୈନିକ ହାରାହାରି ୩୦ ହଜାର କଲ୍ ଆସୁଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶିକ ଶ୍ରୀମତୀ ଶାଳିନୀ ପଣ୍ଡିତ୍ ଜଣାଇଥିଲେ । ୧୦୮ ଆମ୍ବୁଲାନ୍ସ ସେବା ୧୧୨ ସହ ସଂଯୋଜିତ ହେବା ପୂର୍ବରୁ ଅଧିକ ଗାଡି, ମାନବ ଓ ସମ୍ବଳ ତାଲିମ୍ ଆଦି ପୂର୍ଣ୍ଣାଙ୍ଗ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ। ପୋଲିସ୍ ମହା ନିର୍ଦ୍ଦେଶକ ଶ୍ରୀ ଅଭୟ, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସଂଜୀବ ଚୋପ୍ରା, ଜାତୀୟ ସ୍ୱାସ୍ଥ୍ୟ ମିଶନ୍ ନିର୍ଦ୍ଦେଶକ ଶ୍ରୀମତୀ ଶାଳିନୀ ପଣ୍ଡିତ୍, ଅଗ୍ନିଶମ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀମତୀ ସନ୍ତୋଷ ବାଳାଙ୍କ ସମେତ ବିଭିନ୍ନ ପ୍ରକାର ଜରୁରୀକାଳିନ ସେବା ଯୋଗାଣ ସହ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନେ ବୈଠକର ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ସିପିଆଇ.(ଏମ)ର ଉପଜିଲ୍ଲାପାଳଙ୍କୁ ଦାବି ପତ୍ର

ନୀଳଗିରି,୧୬/୦୯ (ନି.ପ୍ର): ନୀଳଗିରି ସି.ପି.ଆଇ.(ଏମ) ଆଞ୍ଚଳିକ କମିଟି ତରଫରୁ ୬ଦଫା ଦାବୀ ସମ୍ବଳିତ ଦାବୀପତ୍ର ଉପଜିଲ୍ଲାପାଳଙ୍କୁ ଦେଇଛନ୍ତି । ସୂଚନା ଅନୁଯାୟୀ ଆଜି ପୂର୍ବାହ୍ନ ୧୧ଟା ସମୟରେ ସି.ପି.ଆଇ.(ଏମ) ର ବିଜୟ କୁମାର ପାତ୍ର, ଜ୍ୟୋର୍ତିମୟ ରାଉତ, ଉଗ୍ରେସନ ଦାସ ପ୍ରମୁଖ ନୀଳଗିରି ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବୀ ପତ୍ର ପ୍ରଦାନ କରିଥିଲେ । ଦାବୀଗୁଡ଼ିକ ମଧ୍ୟରେ ଜଙ୍ଗଲ ଜମିରେ ବସବାସ କରୁଥିବା ଅଧିବାସୀମାନଙ୍କୁ ଜମି ପଟ୍ଟା ପ୍ରଦାନ, ସମସ୍ତ ଭୂମିହୀନ ପରିବାରକୁ ଘରଡିହ ପଟ୍ଟା ପ୍ରଦାନ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ କରିବା, ଜଳବନ୍ଦୀରେ ଥିବା ଲୋକମାନଙ୍କୁ ୭ଦିନର ରନ୍ଧା ଖାଦ୍ୟ ଦିଆଯିବା ସହ ୧୫ଦିନର ରେସନ ପ୍ରଦାନ କରିବା, ସାର ର ଅଭାବୀ ବିକ୍ରି ବନ୍ଦ କରାଯାଉ, ବାଦ ପଡ଼ିଥିବା ଗରିବ ଲୋକଙ୍କୁ ଯଥାଶୀଘ୍ର ରେସନ କାର୍ଡ ଯୋଗାଇ ଦେବା ଆଦି ଦାବୀ ଉପସ୍ଥାପନ କରିଥିଲେ ।

## ରଘୁନାଥ ସେଠୀଙ୍କ ସ୍ମୃତି ସଭା

ନୀଳଗିରି,୧୬/୦୯ (ନି.ପ୍ର): ବଣସୀମା ଅଞ୍ଚଳର ସମାଜସେବୀ ତଥା ଗୋହିରା କାଳୀପୂଜା କମିଟିର ଅନ୍ୟତମ ଉଦ୍ୟୋକ୍ତା ରଘୁନାଥ ସେଠୀଙ୍କ ର ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭାରେ ସମାଜସେବୀ ହରିନାରାୟଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଅନ୍ୟତମ ବକ୍ତାଭାବେ ଅମରେନ୍ଦ୍ର ନାୟକ, ରବୀନ୍ଦ୍ର ଚଣ୍ଡ, ଗୋପାଳକୃଷ୍ଣ ନାୟକ, ସୁକାନ୍ତ ମିଶ୍ର, ମାନବେନ୍ଦ୍ର ନାୟକ, ଅବିନାଶ ସେଠୀ , ବୁଧିରାମ ଦାସ, ସୁଶାନ୍ତ ସେଠୀ, ଧ୍ରୁବଚରଣ ସେଠୀ, ପ୍ରମୁଖ ଉପସ୍ଥିତ ରହି ରଘୁନାଥ ସେଠୀଙ୍କର ସ୍ମୃତିଚାରଣ କରିଥିଲେ ।

# ସୁବର୍ଣ୍ଣରେଖାର ଗାଲୁଡି ଓ କୋରକାଇ ଉପତ୍ୟକାରେ ବନ୍ୟା : ରାଜଘାଟରେ ବିପଦ ସଂକେତ ନିକଟତର



ଜଳେଶ୍ୱର,୧୬/୦୯ (ନି.ପ୍ର): ଲଘୁଚାପଜନୀତ ବର୍ଷାଯୋଗୁଁ ସୁବର୍ଣ୍ଣରେଖା ନଦୀରର ଉପରମୁଣ୍ଡରେ ଅଦ୍ୟାବଧି ବର୍ଷା ଲାଗି ରହିଛି । ବର୍ଷାଯୋଗୁଁ ନଦୀରର ଉପରମୁଣ୍ଡ ଗୁଲୁଡି ଓ କରକାଇ ମାଳ ଅଂଚଳରେ ପ୍ରବଳ ବନ୍ୟା ଦେଖାଦେଇଥିବା ବେଳେ ଆଜି ଗୁରୁବାର ବାଲେଶ୍ୱର ଜିଲାର ରାଜଘାଟଠାରେ ବିପଦ ସଂକେତ ନିକଟତର ହୋଇଛି । ଏହି ଜଳସ୍ତର ବିପଦ ସଂକେତ ୧୦.୩୬ ମିଟର ଅତିକ୍ରମ କରିବା ସହିତ ଜଳେଶ୍ୱର, ଭୋଗରାଇର ବିସ୍ତିର୍ଣ୍ଣ ଅଂଚଳ ମାଡି ଯିବାର ସମ୍ଭାବନା ଦେଖା ଦେଇଛି । ପ୍ରାପ୍ତ ଖବରରୁ ପ୍ରକାଶ ଅଦ୍ୟାବଧି ସୁବର୍ଣ୍ଣରେଖା ଉପରମୁଣ୍ଡରେ ମୋଟ ୧୨୫୦ ମିମି ବର୍ଷା ହୋଇଥିବା ବେଳେ ଉପରମୁଣ୍ଡ କରକାଇ ଓ ଗାଲୁଡି ଠାରେ ଜଳପଉନ ବିପଦ ସଂକେତ ବହୁ ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି । ନଦୀର ଆଦିତ୍ୟପୁରରେ ମଧ୍ୟ ବନ୍ୟାପାଣି ବିପଦ ସଂକେତ ଡେଇଁଥିବା ଜଣାଯାଇଛି । ଆଜି ମଧ୍ୟରାତ୍ରରେ ରାଜଘାଟଠାରେ ୧୦.୩୬ ଅତିକ୍ରମ କରିବାକୁ ଥିବା ଜଳ ସେଚନ ବିଭାଗ ପକ୍ଷରୁ କୁହାଯାଉଥିବା ବେଳେ ଏହା ଆହୁରି ବଢିବ ବୋଲି ସୂଚନା ଦିଆଯାଇଛି । ଉପର ମୁଣ୍ଡରେ ପ୍ରାୟ ୧୫ଟି ଫାଟକ ଖୋଲା ଥିବାରୁ ପ୍ରତି ସେକେଣ୍ଡରେ ୨ଲକ୍ଷ ଘଟଫୁଟ ପାଣି ପ୍ରବାହିତ ହେଉଥିବାର କୁହାଯାଇଛି । ସୁବର୍ଣ୍ଣରେଖା ନଦୀର ଜଳଳପଉନ ବୃଦ୍ଧିପାଇଥିବାରୁ ବର୍ଷାଜଳ ସମତଳ ଅଂଚଳରୁ ନିଷ୍କାସନ ହୋଇନପାରି ବୃଦ୍ଧିପାଇବାରେ ଲାଗିଛି । ପୁଣି ସମୁଦ୍ର ଜୁଆରିଆ ଥିବାରୁ ବନ୍ୟାପାଣି ନିଷ୍କାସନରେ ବାଧା ସୃଷ୍ଟି ହୋଇଛି । ପ୍ରତି ଗାଁରେ ଲୋକଙ୍କ ଘରେ ବର୍ଷାପାଣି ପଶିବା ଏପରିକି ଚୁଲି ଭିତରେ ପାଣି ଥିବାରୁ ରନ୍ଧାବଢା ହୋଇପାରୁନଥିବାରୁ ପଲିଥିନ ଓ ସୁଖିଲା ଖାଦ୍ୟ ଲାଗି ବିଭିନ୍ନ ସ୍ଥାନରୁ ଦାବି ହେଉଛି । ଦୁର୍ଗତଙ୍କୁ ପଲିଥିନ ଅବିଳମ୍ବେ ନ ଯୋଗାଇଲେ ବର୍ଷାଯୋଗୁଁ ଅଧିକ ଘର ଭାଂଗିବା ସଂପର୍କରେ ବହୁ ବ୍ୟକ୍ତି ପ୍ରଶାସନ ନିକଟରେ ଦାବି ଜଣାଇଛନ୍ତି । ଏକ ବଡ ବନ୍ୟା ଆସୁଥିବାର ଖବର ପାଇ ଜଳସଂପଦ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବାଲିବସ୍ତା ରଖି କର୍ମଚାରୀମାନେ ଜଗି ରହିଛନ୍ତି । ନଦୀର କେତେକ ସ୍ଥାନରେ ପାଣି ଘୋଳିଆ ପଡୁଥିବାର ଲୋକେ କହିଛନ୍ତି । ପ୍ରତିକୂଳ ପାଗ ଯୋଗୁଁ ଚଳିତବର୍ଷ ବନ୍ୟାରେ ଅଧିକ କ୍ଷତି ଘଟିବ ବୋଲି ସୂଚନା ମିଳୁଛି ।

## ନୀଳଗିରି ମହିଳା ଡିଗ୍ରୀ ବିଦ୍ୟାଳୟରେ ବାର୍ଷିକ ଆଲୋଚନା ଚକ୍ର

ନୀଳଗିରି,୧୬/୦୯ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ସାମ୍ପ୍ରତିକ ସାମ୍ବାଦିକତାରେ ମଞ୍ଜି ତଥ୍ୟ ଅଛିକି ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ମଞ୍ଜୁଶ୍ରୀ ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ଶିବାନୀ ଡଗର ପୌରହିତ୍ୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ଓଡ଼ିଶା ଭାଷା ବିକାଶ ଆନ୍ଦୋଳନର ପ୍ରମୁଖ ତଥା ସ୍ତମ୍ଭାକାର ବିରଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ପ୍ରଦ୍ୟୁମ୍ନ ଶତପଥି ଯୋଗଦେଇ କହିଲେ ପରିବର୍ତ୍ତନଶୀଳ ଦୁନିଆରେ ପରିବର୍ତ୍ତନ ହିଁ ଅପରିବର୍ତ୍ତନୀୟ ନିୟମ । ସାମ୍ବାଦିକତା ଧନ୍ଦା ନୁହେଁ ଧର୍ମ, ବୃତ୍ତି ନୁହେଁ ବ୍ରତ, ବିଜ୍ଞାପନ ସଂଗ୍ରହ ନୁହେଁ ଏକ ବିଚାରଧାରା । ଯାହା ଟିପି ଦିଆଯାଏ କାଟି ଦିଆଯାଏ ତାହା ଖବର ପଦବାଚ୍ୟ । ଯାହା ପ୍ରକାଶ ପାଏ ତାହା ବିଜ୍ଞାପନ । ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଗଣତନ୍ତ୍ରର ଗୁରୁତ୍ୱପୂର୍ଣ୍ଣ କଥା ଉପସ୍ଥାପନା କରିବା ହିଁ ସାମ୍ବାଦିକତା । ଏହିପିରି ସୁଚିନ୍ତିତ ମତାମତ ଦ୍ୱାରା ଛାତ୍ରୀମାନେ କୃତାର୍ଥ ହୋଇଥିଲେ । ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର କାର୍ଯ୍ୟକ୍ରମକୁ ସଂଚାଳନ କରିଥିବା ବେଳେ ମହାବିଦ୍ୟାଳୟର ଶତପ୍ରତିଶତ ଛାତ୍ରୀ ଓ ଅଧ୍ୟାପକ ଅଧ୍ୟାପିକା ଯୋଗଦେଇଥିଲେ । ଶେଷରେ ଅଧ୍ୟାପକ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ବାରିପଦା 'ରୟାଲ୍ ମ୍ୟୁଜିକ'ର ନିଜସ୍ୱ ୟୁଟ୍ୟୁବ ଚ୍ୟାନେଲର ଶୁଭାରମ୍ଭ

ବାରିପଦା,୧୬/୦୯ (ନି.ପ୍ର): ବାରିପଦାର ୨୩ ବର୍ଷର ପୁରାତନ ସଂଗୀତ ପ୍ରତିଷ୍ଠାନ ' ରୟାଲ୍ ମ୍ୟୁଜିକ' ତରଫରୁ ଏହାର ନିଜସ୍ୱ ୟୁଟ୍ୟୁବ ଚ୍ୟାନେଲର ଶୁଭାରମ୍ଭ ହୋଇଯାଇଛି । ଆଜି ପୂର୍ବାହ୍ନରେ ଏହାର ପ୍ରଥମ ଝୁମର ଗୀତ ''ଭାଦର ଏକାଦଶୀ ରାଇତେ ' ୟୁଟ୍ୟୁବରେ ଅପ୍‌ଲୋଡ କରାଯାଇଛି । କୁଡୁମୀ ସଂପ୍ରଦାୟର ପାରମ୍ପରିକ କରମ୍ ପୂଜା ଉପରେ ଆଧାରିତ ଏହି ଝୁମର ଗୀତକୁ ଗାଇଛନ୍ତି ଯୁବ କଣ୍ଠଶିଳ୍ପୀ ଗୌତମ ମହାନ୍ତ ଓ ମମତା । କରମ ପୂଜା ଅବସରରେ ମୁକ୍ତିଲାଭ କରିଥିବା ଏହି ଗୀତକୁ ଲେଖିଛନ୍ତି ଓ ସ୍ୱରରେ ସଜେଇଛନ୍ତି ସତ୍ୟସୁନ୍ଦର ଓ ସଂଗୀତ ପରିଚାଳନା କରିଛନ୍ତି ସୁନୀଲ ଜେନା । ବିଗତ ୨୩ ବର୍ଷ ଧରି ଝୁମରର ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମରତ ରୟାଲ ମ୍ୟୁଜିକ ପୂର୍ବରୁ '' ପିତ୍ତଳ ସିଟି '' (୧୯୯୯), '' କାଂଚାମରିଚ ପାକାବିଲାତି'' (୨୦୦୨), '' ରଙ୍ଗଲାବାବୁ'' (୨୦୦୪), '' ସାଇଶ୍ରଦ୍ଧା '' (୨୦୦୫), '' ଟୁସୁ ଦୁଲାଲୀ'' (୨୦୦୫) ଓ '' ଭାସାଁ ବାଦଲ'' (୨୦୦୭) ପ୍ରଯୋଜନା କରି ଖୁବ୍ ଲୋକପ୍ରିୟତା ଅର୍ଜନ କରିଥିଲା । କିଛି ଦିନର ବିରତି ପରେ ପୁନର୍ବାର ସକ୍ରିୟ ହୋଇଥିବା ରୟାଲ ମ୍ୟୁଜିକ ତାର ପୂର୍ବ ଉଦ୍ୟମ ଅବ୍ୟାହତ ରଖିବ ବୋଲି ଏହାର ଉପଦେଷ୍ଟା ପ୍ରାଧ୍ୟାପକ ସୁନୀଲ ଜେନା ଜଣାଇଛନ୍ତି । କୁଡୁମୀ ସଂସ୍କୃତି ଉପରେ ଆଧାରିତ ଏହି ଗୀତର ଦର୍ଶକ ସଂଖ୍ୟା ବେଶ୍ ବୃଦ୍ଧି ପାଇବ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## ବିଜେପିର ପ୍ରେସ୍‌ମିଟ୍ : ଯୋଗ୍ୟ କାର୍ଡଧାରିଙ୍କୁ ମିଳୁ ରେସନ୍ ସାମଗ୍ରୀ

ଜଳେଶ୍ୱର,୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ନଛିମପୁର ପଂଚାୟତର କିଛି ରେସନ୍‌କାର୍ଡଧାରୀ କେତେକ ତ୍ରୁଟି ସଂପର୍କରେ ଯୋଗାଣ ନିରିକ୍ଷାକଙ୍କୁ ସାକ୍ଷାତ ଲାଗି ବ୍ଲକକୁ ଯାଇଥିଲେ । କିନ୍ତୁ ଯୋଗାଣ ନିରିକ୍ଷିକା ସେମାନଙ୍କୁ ଅସମ୍ମାନଜନକ ମନ୍ତବ୍ୟ ଦେଇଥିବାର ଅଭିଯୋଗ ହୋଇଛି । ଅନ୍ୟପକ୍ଷରେ ହୀତାଧିକାରୀମାନେ ରେସନକାର୍ଡ ଗୁଡିକର ତ୍ରୁଟି ସୁଧାରିବାକୁ ସରକାରୀ ନିୟମ ଅନୁଯାୟୀ ପ୍ରତିଦିନ ବ୍ଲକକୁ ଆସୁଛନ୍ତି । କିନ୍ତୁ ସେମାନେ ଅବହେଳାର ଶୀକାର ହେଉଥିବାର ଆଜି ସମ୍ବାଦଦାତା ସମ୍ମିଳନୀରେ କହିଛନ୍ତି । କୋଭିଡ୍ ସମୟରେ କେନ୍ଦ୍ର ସରକାର ଯୋଗାଉଥିବା ରେସନ୍ ସାମଗ୍ରୀରେ କମ୍ ହେଉଥିବା ଅଭିଯୋଗ ହୋଇଛି । ଏଥିନେଇ ଉପସ୍ଥିତ ଲୋକେ ୧୩ତାରିଖରେ ନିରିକ୍ଷାକଙ୍କ ସହ ଯୁକ୍ତିତର୍କ ହୋଇଥିବା ବେଳେ ବ୍ଲକର ଉପାଧ୍ୟକ୍ଷ ଏଥିନେଇ ଅଭିଯୋଗକାରୀଙ୍କୁ ଫୋନ୍‌ରେ କେତେକ ଅଶାଳୀନ ମନ୍ତବ୍ୟ ଦେଇଥିବା ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି । ଏସବୁ ଘଟଣାର ତଦନ୍ତ, କାର୍ଯ୍ୟାନୁଷ୍ଠାନ ୧୫ ଦିନ ମଧ୍ୟରେ ନ ହେଲେ ବ୍ଲକ ଘେରାଓ ହେବ ବୋଲି ୯ ନଂ ମଣ୍ଡଳ ସଭାପତି ତପନ ବିଶ୍ୱାଳ, ୮ନଂ ମଣ୍ଡଳ ସଭାପତି ପ୍ରଣବ ପଣ୍ଡା, ୭ନଂ ମଣ୍ଡଳ ସଭାପତି ମନୋଜ ସାସମଲ. ଯୁବ ସଭାପତି ଦେବକୁମାର ଦତ୍ତ, ବିଜୟ କୁମାର ଜେନା , ପ୍ରବୀର ଦାସ, ଅରୁଣ ଜେନା , ଅଚ୍ୟୁତ ମହାନ୍ତି , ରିଙ୍କୁ ପାତ୍ର , ସୁମିତ୍ରା ଦତ୍ତ ପ୍ରମୁଖ ସମ୍ବାଦଦାତା ସମ୍ମିଳନୀରେ କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ନିଖୋଜ ଓ ମୃତ୍ୟୁ ଖବର....

ଇଣ୍ଟରଭ୍ୟୁ ଦେଇ ମୁଲ୍ଲା ବରାଦର କହିଛନ୍ତି, ସେ ଏବେ ବି ଜୀବିତ ଅଛନ୍ତି । ଖାଲି ସେତିକି ନୁହେଁ, ହକ୍କାନୀ ଗ୍ରୁପ ଓ ମୁଲ୍ଲା ବରାଦରଙ୍କ ଭିତରେ କ୍ଷମତାକୁ ନେଇ ଯେଉଁ ସଂଘର୍ଷ ଚାଲିଛି ବୋଲି ଖବର ଆସୁଥିଲା, ତାକୁ ମଧ ସେ ଖଣ୍ଡନ କରିଛନ୍ତି । ସେ କହିଛନ୍ତି, ହକ୍କାନୀ ଗ୍ରୁପ୍ ଓ ତାଙ୍କ ଭିତରେ କୌଣସି ସଂଘର୍ଷ ଚାଲିନି । ଏ ସମସ୍ତ ଖବରର କୌଣସି ଆଧାର ନାହିଁ । ଅନ୍ୟପଟେ ସେମାନେ ସମସ୍ତେ ଗୋଟିଏ ପରିବାର ଭଳି । ସମସ୍ତେ ସାଙ୍ଗ ହୋଇ କାମ କରୁଛନ୍ତି ଏବଂ ସେ ଗୋଟିଏ କାମରେ ବାହାରକୁ ଯାଇଥିଲେ , ଯେଉଁ କାରଣରୁ ସେ ଦୀର୍ଘ ଦିନ ଧରି ସାମ୍ନାକୁ ଆସିନଥିଲେ । ହେଲେ ତାଙ୍କୁ ନେଇ ଯେଉଁ ନିଖୋଜ ଓ ମୃତ୍ୟୁ ଖବର ଖେଳାଯାଉଛି, ତାହା ଭୁଲ ବୋଲି ସେ କହିଛନ୍ତି । ସୂଚନାଯୋଗ୍ୟ ଯେ, ଆଫଗାନିସ୍ତାନର ଶାସନ କରୁଥିବା ତାଲିବାନୀ ସରକାରରେ ଏବେ ଉପ-ପ୍ରଧାନମନ୍ତ୍ରୀ ଅଛନ୍ତି ମୁଲ୍ଲା ବରାଦର । ହେଲେ ସରକାର ଗଠନ ହେବା ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉ ଆସୁଥିଲା । ହେଲେ ଶେଷରେ ତାଙ୍କୁ ଉପ-ପ୍ରଧାନମନ୍ତ୍ରୀ ପଦ ମିଳିଛି । ଯାହାକୁ ନେଇ ସେ ଅସନ୍ତୋଷ ଥିବା ଜଣାପଡିଥିଲା ।

### ଡିଆରଡିଓରୁ ତଥ୍ୟ ଲିକ୍ ....

ପାକ ମହିଳାଙ୍କ ସହ ବସନ୍ତ ବେହେରାର ଅଧିକ ସମ୍ପର୍କ ଥିଲା । ମହିଳାଙ୍କ ସହ ହ୍ୱାଟ୍ସଅପ ଭିଡିଓରେ ଭିଡିଓ କଲିଂ ଓ ଚାଟ କରୁଥିଲା ବସନ୍ତ । ଏପିରିକି ଅଶ୍ଳୀଳ ଭିଡିଓ ଚାଟ ବି ହୋଇଥିବା ସାଂଘାତିକ ସତ ସାମ୍ନାକୁ ଆସୁଛି । ବସନ୍ତ ମାଧ୍ୟମରେ ଅନ୍ୟ ଅଭିଯୁକ୍ତଙ୍କ ସହ ମହିଳାଙ୍କ ସମ୍ପର୍କ ଯୋଡି ହୋଇଥିଲା । ଏପରିକି ମହିଳା ଜଣକ ଚାନ୍ଦିପୁର ଆସିବାକୁ ଚାହୁଁଥିବା ବି ଜଣାଯାଇଛି ।ତେବେ ବ୍ୟାଙ୍କ ଆକାଉଣ୍ଟ ନମ୍ବରର ତଥ୍ୟ ଆଣି ତଦନ୍ତକୁ ଆଗକୁ ବଢାଯାଉଛି । ତେବେ ଡ୍ରାଇଭର ସଚିନଙ୍କ ସମେତ ଆଉ ୪ ଜଣ ଠିକା କର୍ମଚାରୀ ଗିରଫ ହେବା ପରେ ଆଉ କିଏ ଏଥିରେ ସଂପୃକ୍ତ ଅଛନ୍ତି ତାହାର ଖୋଳତାଡ ଚାଲିଛି । ସବୁଠୁ ବଡ କଥା ହେଲା, ଏହି ଦେଶଦ୍ରୋହୀଙ୍କ ପୂରା ଚେନ୍ କେଉଁ ଆଡକୁ ବ୍ୟାପିଛି ଏହାର ତଦନ୍ତ କରିବ କ୍ରାଇମବ୍ରାଂଚ । ପୂର୍ବରୁ ଇଶ୍ୱର ବେହେରା ମାମଲାରେ ମଧ ତଦନ୍ତ ସମାନ ଦିଗରେ ଆଗେଇ ଥିଲା । ଏପରକି ଏନଆଇଏ ମଧ ଷଡଯନ୍ତ୍ର ଉପରୁ ପରଦା ହଟାଇଥିଲା । ଦେଶର ପ୍ରତିରକ୍ଷା କ୍ଷେତ୍ରରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିରେ ବର୍ଷ ବର୍ଷ ଧରି ଠିକା କର୍ମଚାରୀ ଭାବେ କାମ କରୁଥିଲେ ଅଭିଯୁକ୍ତ । ଯେହେତୁ ଦୁଇ ଦଶନ୍ଧୀରୁ ଅଧିକ ସମୟ ଧରି ଏହି ଅନୁଷ୍ଠାନରେ କାମ କରୁଥିଲେ ତେଣୁ ଅନେକ ଗୋପନୀୟ ତଥ୍ୟ ଓ ସୂଚନା, ଏମାନେ ପାଉଥିବାର ଅନୁମାନ କରାଯାଉଛି । ସେହି ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଶତ୍ରୁ ରାଷ୍ଟ୍ର ହାତକୁ ବିକ୍ରି କରି ଦେଉଥିଲେ । ଏବେ ପ୍ରଶ୍ନ ଉଠୁଛି, ଦେଶର ପ୍ରତିରକ୍ଷା ପ୍ରତିଷ୍ଠାନରେ କାହିଁକି ଠିକା ନିଯୁକ୍ତି ହେଉଛି ? ଏମାନଙ୍କ ଉପରେ କିଏ ନଜର ରଖୁଛି ? ଠିକା କର୍ମଚାରୀ ହୋଇଥିବାରୁ ଏମାନଙ୍କ ଆନୁଗତ୍ୟ ରହୁନାହିଁ କି ?

### ବିରାଟ୍ କୋହଲିଙ୍କ....

ଟି-୨୦ ବିଶ୍ୱକପ ଖେଳାଯିବ । ଆଉ ଏହାପରେ ଟି-୨୦ ଫର୍ମାଟର ଅଧିନାୟକ ପଦ ଛାଡିବେ ବିରାଟ । କେବଳ ଟି-୨୦ ଟିମରେ ବ୍ୟାଟସମ୍ୟାନ ଭାବେ ଖେଳିବେ ବିରାଟ । ଏହାସହ ଅଧିନାୟକ ଭାବେ ତାଙ୍କୁ ସମର୍ଥନ କରିଥିବାରୀ ସମସ୍ତଙ୍କୁ ଧନ୍ୟବାଦ ଦେଇଛନ୍ତି ବିରାଟ । ଆଗକୁ ମଧ ଟିମ୍ ଇଣ୍ଡିଆ ଓ ଭାରତ ପାଇଁ ଭଲ ପ୍ରଦର୍ଶନ କରିବି ବୋଲି କହିଛନ୍ତି ବିରାଟ । କୋହଲି ୨୦୧୭ରେ ଟି-୨୦ ଅଧିନାୟକ ଭାବେ ଦାୟିତ୍ୱ ନେଇଥିଲେ । ମହେନ୍ଦ୍ର ସିଂହ ଧୋନୀଙ୍କ ପରେ ଟିମ୍ ଇଣ୍ଡିଆର ଅଧିନାୟକ ଭାର କୋହଲିଙ୍କ ଉପରକୁ ଆସିଥିଲା । ଏହା ପରଠାରୁ କୋହଲି ମୋଟ ୪୫ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚରେ ଭାରତୀୟ ଦଳର ଅଧିନାୟକ ରହିଥିଲେ । ସେ ଭିତରୁ ସେ ୨୫ଟି ମ୍ୟାଚରେ ବିଜୟୀ ହାସଲ କରିଥିବାବେଳେ ୧୪ଟିରେ ପରାଜିତ ହୋଇଛନ୍ତି । ତା ଭିତରୁ ଦୁଇଟି ମୁକାବିଲା ଡ୍ର ହୋଇଥିବାବେଳେ ଗୋଟିଏ ବାତିଲ ହୋଇଥିଲା । ଅଧିନାୟକ ଭାବେ କୋହଲିଙ୍କ ବିଜୟ ପ୍ରତିଶତ ୬୫.୧୧ ପ୍ରତିଶତ ରହିଥିଲା । ଟି-୨୦ ଦଳର ଅଧିନାୟକ ଭାବେ କୋହଲି ପ୍ରଥମ ଥର ପାଇଁ ଆଇସିସି ବିଶ୍ୱକପ୍ ଖେଳିବେ ।

### ବାଲେଶ୍ୱରରେ ପହଞ୍ଚିଲା....

ତେବେ ଏହି ମାମଲାରେ ଆଉ କେଉଁମାନଙ୍କର ହାତ ରହିଛି, କ୍ରାଇମବ୍ରାଞ୍ଚ ତାହା ଉପରେ ତଦନ୍ତ କରୁଛି । ପୂର୍ବରୁ ଝାମ୍ପରାହାଟ ଗାଁର ବସନ୍ତ ବେହେରା, ଶ୍ରୀକୋଣା ଗ୍ରାମର ଶେଖ୍ ମୁଶାଫିର, ପାଳଶିଆର ତାପସ ରଞ୍ଜନ ନାୟକ, ବୁଆଁଳ ଗାଁର ହେମନ୍ତ କୁମାର ମିସ୍ତ୍ରୀ ଗିରଫ ହୋଇଛନ୍ତି । ଏମାନେ ଦୀର୍ଘ ବର୍ଷ ଧରି ଆଇଟିଆର୍‌ରେ ଠିକା କର୍ମଚାରୀ ଭାବେ କାମ କରୁଥିଲେ । କିଏ ୧୦ ବର୍ଷ ଧରି କାମ କରୁଥିଲା, ତ ଆଉ କିଏ ୨୦ ବର୍ଷ ଧରି ଚାକିରି କରୁଥିଲା । ଏହା ସତ୍ତ୍ୱେ ଏମାନେ କେମିତି ଦେଶଦ୍ରୋହ ଭଳି ସଂଗୀନ ଅପରାଧ କରୁଥିଲେ ? କେଉଁ ଲାଳସା ଏମାନେ ଶତ୍ରୁ ରାଷ୍ଟ୍ରକୁ ଦେଶର ଗୁପ୍ତ ତଥ୍ୟ ଦେଉଥିଲେ ?

### ମହାନଦୀରେ ଆସିପାରେ ମଧ୍ୟମ....

ହେବା ସହ ୧୯, ୨୦ ବେଳକୁ ଉପକୂଳ, ଆଭ୍ୟନ୍ତରୀଣ ଓ ପଶ୍ଚିମ ଓଡିଶାରେ ବର୍ଷା କରାଇବାର ସମ୍ଭାବନା ରହିଛି । ସେହିପରି ଛତିଶଗଡରେ ମଧ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଯାହାକି ବନ୍ୟା ଆଶଙ୍କାକୁ ଆହୁରି ବଢ଼ାଇ ଦେଇଛି । ସେହିପରି ଆସନ୍ତା ୨୦ରେ ପୂର୍ଣ୍ଣିମା ଥିବାରୁ ସମୁଦ୍ର ଜୁଆରିଆ ରହିବ । ନଦୀରୁ ଜଳ ନିଷ୍କାସନ ହେବାରେ ଅସୁବିଧା ରହିବ । ଯାହାଫଳରେ ନଦୀର ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ରହିଛି ।

### ଗିରଫ ହେଲା....

ପତିତପାବନ ପୃଷ୍ଟି ପ୍ରେମ ପାଇଁ ନିଜେ ରଚିଥିଲା ଅପହରଣର ନାଟକ । କିଡନାପ୍ କରାଯାଇଥିବା ନେଇ ସେ ତାଙ୍କ ପତ୍ନୀଙ୍କୁ ଅଡିଓ ମେସେଜ୍ ପଠାଇଥିଲା । ଅଡିଓ ମେସେଜରୁ ତାଙ୍କୁ ଅପହରଣ କରାଯାଇନଥିବା ପୋଲିସ ସନ୍ଦେହ କରିଥିଲା । ସେ ମଧ୍ୟପ୍ରଦେଶ ପଳାଇଥିବା ସନ୍ଦେହ କରି ମଧ୍ୟପ୍ରଦେଶ ଆରପିଏଫ୍ ସହ ଯୋଗାଯୋଗ କରିଥିଲା । ମଧ୍ୟପ୍ରଦେଶ ଆରପିଏଫ୍ ସହାୟତାରେ ପତିତପାବନ ଓ ତାଙ୍କ ସହ ଥିବା ଯୁବତୀକୁ ଅଟକ ରଖାଯାଯାଇଥିଲା ।

# ବର୍ଷା ଓ ବନ୍ୟା ବିପତ୍ତିକୁ ନେଇ କଂଗ୍ରେସର ପ୍ରେସ୍‌ମିଟ୍

## ଦୁର୍ଗତ ଅଂଚଳରେ ପଲିଥିନ ଓ ଶୁଖିଲା ଖାଦ୍ୟ ପ୍ରଦାନକୁ ଗୁରୁତ୍ୱ



ଜଳେଶ୍ୱର,୧୬/୦୯ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ୪୫୦ ମିମିରୁ ଅଧିକ ବର୍ଷା ହୋଇଥିବା ବେଳେ ବିଭିନ୍ନ ତଳିଆ ପଂଚାୟତ ଗୁଡିକରେ ଲୋକଙ୍କ ଘରେ ବର୍ଷାପାଣି ପଶିଛି । ଗରିବଙ୍କ ଘରେ ପାଣି ପଡି ଚୁଲି ଜଳିପାରୁନାହିଁ । ଶହ ଶହ ଲୋକ ଏପରି ଦୁର୍ଗତ ଅବସ୍ଥାରେ ଥିବା ବେଳେ ପ୍ରଶାସନ ଲୋକଙ୍କଠାରେ ପହଞ୍ଚିପାରିନାହିଁ ବୋଲି କଂଗ୍ରେସସ ପକ୍ଷରୁ ଆହୁତ ପ୍ରେସ୍‌ମିଟ୍‌ରେର ଉଦ୍‌ବେଗ ପ୍ରକାଶ କରାଯାଇଛି । ସମ୍ପଡିଆ , ନହରା , ସୁଗୋ , ଖାଲିନା, ନାମ୍ପୋ, ବାଇଗଣ ବାଡିଆ, ଝାଡପିମ୍ପଳ, ପଶ୍ଚିମବାର୍ଡ, ଦେବକୁମାର, ଆରୁହା , ଗୋପିମୋହନପୁର , ରାୟାଁରାମଚନ୍ଦ୍ରପୁର, ପାଇକସିଦା ଇତ୍ୟାଦି ପଂଚାୟତର ଅବସ୍ଥା ଶୋଚନୀୟ ବୋଲି ଗତ ୨ ଦିନ ଧରି କଂଗ୍ରେସର ଏକ ଟିମ୍ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସଙ୍କ ନେତୃତ୍ୱରେ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଛପର ନଷ୍ଟ ହୋଇ ଘରେ ପାଣି ପଡୁଥିବାରୁ କେତେକ ପରିବାର ଅନ୍ୟ ଘରର ଓଳିରେ କିମ୍ବା ସ୍କୁଲ ଘରେ ମୁଣ୍ଡ ଗୁଞ୍ଜିଥିବା ବେଳେ ସେମାନଙ୍କପାଖରେ ଖାଦ୍ୟ ନଥିବାର ଶ୍ରୀ ଦାସ କହିଛନ୍ତି । ଅତିଶୀଘ୍ର ପଲିଥିନ ଯୋଗାଇବା ସହିତ ଜଳେଶ୍ୱର ବ୍ଲକ ଓ ପୌରପାଳିକାର ଜଳନିଷ୍କାସନ ଲାଗି ମାଷ୍ଟରପ୍ଲାନ ଲାଗି ଦାବି କରରିଛନ୍ତି । ସେହିପରି ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରି ନ କରି ରାଜ୍ୟ ଓ କେନ୍ଦ୍ର ସରକାର ଲୋକଙ୍କୁ ଭୁଆ ବନାଇ ଚାଲିଛନ୍ତି ବୋଲି ସେ ଅଭିଯୋଗ କରିବା ସହିତ ଆଗାମୀ ଦିନରେ ଜନଆନ୍ଦୋଳନ କରିବେ ବୋଲି କହିଛନ୍ତି । ଏହି ସମ୍ବାଦଦାତା ସମ୍ମିଳନୀରେ କଂଗ୍ରେସ ବ୍ଲକ ସଭାପତି ରାଜୀବ ପରିଡା, ପୌରପାଳିକା ସଭାପତି ଗିରିଜା ଶଂକର ଦାସ, କିଷାନ ସଭାପତି ସୁଦାମ ପାତ୍ର, ଜିଲା ସଂପାଦକ ହେମନ୍ତ ଗିରି, ଜଗଦୀଶ ନନ୍ଦି, ଗୋପାଳ କୃଷ୍ଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଉତ୍କଳ ଆଲୁମିନାର ସମ୍ପ୍ରସାରିତ ରିଫାଇନାରୀର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୬/୦୯(ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାୟଗଡାର କାଶୀପୁରସ୍ଥିତ ଉତ୍କଳ ଆଲୁମିନାର ସମ୍ପ୍ରସାରିତ ରିଫାଇନାରୀର ଉଦଘାଟନ କରିଛନ୍ତି । ଏଥିରେ ଆଦିତ୍ୟ ବିର୍ଲା ଗ୍ରୁପ୍ ୧୫୦୦ କୋଟି ଟଙ୍କା ନିବେଶ କରିଛି । ସମ୍ପ୍ରସାରଣ ପରେ ବାର୍ଷିକ ଆଲୁମିନା ଉତ୍ପାଦନ ୧.୫ ମିଲିଅନ୍ ଟନରୁ ୨ ମିଲିଅନ୍ ଟନକୁ ବୃଦ୍ଧି ପାଇଛି । ଏହି ନୂଆ ୟୁନିଟରେ ୫୦୦ରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ମହାମାରୀ ପ୍ରଭାବରୁ ଅର୍ଥନୀତି ମୁକ୍ତ ହୋଇ ଅଭିବୃଦ୍ଧି ଆଡ଼କୁ ବଢୁଥିବା । ରାଜ୍ୟରେ ମେଟାଲ୍, ମାଇନିଂ. ସିମେଂଟ, ଆର୍ଥିକ ସେବା, ଫାସନ ଓ ରିଟେଲ ଶିଳ୍ପ କ୍ଷେତ୍ରରେ ଆଦିତ୍ୟ ବିର୍ଲା ପ୍ରମୁଖ ଭୂମିକା ଗ୍ରହଣ କରିଛି । ଶିକ୍ଷା, ସ୍ୱାସ୍ଥ୍ୟ ଓ ଜୀବନଜୀବିକା କ୍ଷେତ୍ରରେ ମଧ ଆଦିତ୍ୟ ବିର୍ଲା ଗ୍ରୁପର ଅଂଶଗ୍ରହଣ ରହିଛି । ଏହି ଭର୍ଚୁଆଲ୍ କାର୍ଯ୍ୟକ୍ରମରେ ଶକ୍ତି ତଥା ଏମଏସଏମଇ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ ।

## ମାୟାଧର ପାଢ଼ୀଙ୍କ ଷଷ୍ଠ ବାର୍ଷିକ ଶ୍ରାଦ୍ଧ ଉତ୍ସବ ଓ ଭାଗବତ ପାଠ




ବାସୁଦେବପୁର,୧୬/୦୯ (ନି.ପ୍ର): ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲପୁର ସ୍ଥିତ ମାୟାଧର ଗଭାମଣି ଭବନ ପରିସରରେ ଅବସରପ୍ରାପ୍ତ ଯୋଗାଣ ବିଭାଗ ଅଧିକାରୀ ତଥା ସମାଜସେବୀ ସ୍ୱର୍ଗତ ମାୟାଧର ପାଢ଼ୀଙ୍କର ଷଷ୍ଠ ବାର୍ଷିକ ଶ୍ରାଦ୍ଧ ଉତ୍ସବ ପାଳିତ ହେବା ସହିତ ଭାଗବତ ପାଠ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପରିଡ଼ା ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଗୟାଧର ମହାପାତ୍ର, ମୁଖ୍ୟ ବକ୍ତାଭାବେ ଭଦ୍ରକ ଷ୍ଟେଟବ୍ୟାଙ୍କର ଅବସରପ୍ରାପ୍ତ ମୁଖ୍ୟ ପରିଚାଳକ ହରିହର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଭଗବାନ ଚନ୍ଦ୍ର ପାଢ଼ୀ, ଅଭିରାମ ପାଢ଼ୀ, କେଳୁଚରଣ ପାଢ଼ୀ ପ୍ରମୁଖ ଯୋଗଦେଇ ମାୟାଧର ପାଢ଼ୀଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ସ୍ମୃତିଚାରଣ ତଥା ପବିତ୍ର ପୁସ୍ତକ "ଭାଗବତର ପ୍ରଥମ ସ୍କନ୍ଦ' ପାଠ କରିଥିଲେ । ଜ୍ଞାନେନ୍ଦ୍ର ନାରାୟଣ ପାଢ଼ୀ ଶ୍ରାଦ୍ଧ ପିଣ୍ଡ ପ୍ରଦାନ କରିଥିଲା ବେଳେ ସ୍ୱର୍ଗତ ଆତ୍ମାର ସହଧର୍ମିଣୀ ଗଭାମଣି ପାଢ଼ୀ ସମସ୍ତ କାର୍ଯ୍ୟକୁ ପରିଚାଳନା କରିଥିଲେ । ଶିକ୍ଷାବିତ୍ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ଅତିଥି ପରିଚୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ଆଧାତ୍ମିକ ସଂଗୀତ ଗାନ କରଥିଲେ ସାଇବିସ୍ମୟ ପାଢ଼ୀ । ଏଥିରେ ବେଦପାଠ କରିଥିଲେ ତତ୍ତ୍ୱଦର୍ଶୀ, ସାଇବିସ୍ମୟ, ଗୁନୁ, କୌସ୍ତୁଭ, ସାନୁ, ଓମ୍ ଓ ଭୁବନେଶ୍ୱର । ଏହି ଉତ୍ସବରେ ପୁରୋହିତ ରାମଚନ୍ଦ୍ର ପଣ୍ଡା, ଦେବେନ୍ଦ୍ର ନାରାୟଣ ପାଢ଼ୀ, ଉପେନ୍ଦ୍ର ନାରାୟଣ ପାଢ଼ୀ, ଅମରେନ୍ଦ୍ର ପାଢ଼ୀ, ବିଶିଷ୍ଟ କବି ଡକ୍ଟର ପ୍ରଭାତ ନଳିନୀ ମହାପାତ୍ର, ସରୋଜିନୀ ମହାପାତ୍ର, ଜୁମରେନ୍ଦ୍ର ପାଢ଼ୀ, ଧନେଶ୍ୱର ମୁନି, ଡାକ୍ତର ଶିବପ୍ରସାଦ ପଣ୍ଡା ଶର୍ମା, ବୀରଭଦ୍ର ମହାପାତ୍ର, ଦାମୋଦର ପାଢ଼ୀ, ସଂଯୁକ୍ତା ପାଢ଼ୀ, ବୀଣାପାଣି ପାଢ଼ୀ, ତିଳୋତ୍ତମା ପାଢ଼ୀ, ସ୍ନେହଲତା ପାଢ଼ୀ, ଶୈଳବାଳା ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ । ଏହି ଉତ୍ସବରେ କବି, ଲେଖକ, ସାମ୍ବାଦିକ, କଳାକାର ଭାଗିରଥୀ ମହାନ୍ତି, ଶିକ୍ଷାବିତ୍, କଣ୍ଠଶିଳ୍ପୀ, ସ୍ୱର୍ଗତ ମାୟାଧର ପାଢ଼ୀଙ୍କ ଝିଅ ଜ୍ୱାଇ, ନାତିନାତୁଣୀ, ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ ଯୋଗ ଦେଇଥିଲେ । ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ

# ଦିବଂଗତ ଅଲେଖ ଦାସଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୬/୦୯ (ନି.ପ୍ର): ପୂର୍ବତନ ବ୍ୟାଙ୍କ କର୍ମଚାରୀ, ଶ୍ରମିକ ନେତା ତଥା ସମାଜସେବୀ ସ୍ୱର୍ଗତ ଅଲେଖ ପ୍ରସାଦ ଦାସଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଭେନ୍ୟା ପାରାଡାଇଜ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଲକ୍ଷ୍ମୀଧର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷ୍ଣୁପ୍ରସାଦ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ । ପୂର୍ବତନ ସାଂସଦ ତଥା ବିଜୁ ଜନତା ଦଳର ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ବ୍ରିଟ ଅଧ୍ୟକ୍ଷ ଗୌରୀକୁମାର ରାଉତ, ଆଇନଜୀବୀ ନିରଞ୍ଜନ ପରିଡ଼ା, ଭୂବନାନନ୍ଦ ଦାସ, ଓକିଲ ସଂଘର ସଭାପତି ମନୋଜ ନାୟକ, ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ, ଫକୀର ମୋହନ ସାହିତ୍ୟ ଏକାଡେମୀ ସଦସ୍ୟ ଡ. ଶିରୀଶ ଚନ୍ଦ୍ର ଜେନା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗିରୀଶ ଚନ୍ଦ୍ର ଦାଶ, ଡ. କ୍ଷିତୀଶ୍ୱର ଦାଶ, ନାରୀନେତ୍ରୀ ଶ୍ରଦ୍ଧାଞ୍ଜଳି ରାୟ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ବରଦା ପ୍ରସନ୍ନ ପଟ୍ଟନାୟକ, ଇଂ. ବନମାଳୀ ନାୟକ, ଦୀନବନ୍ଧୁ ଲେଙ୍କା, ଶୁଭଙ୍କର ମହାପାତ୍ର, ଅପର୍ଣ୍ଣା ମହାପାତ୍ର, ମମତା ମହାପାତ୍ର, କବି ବିମଳ ଜେନା, ନିର୍ମଳ ନାୟକ, ନିକୁଞ୍ଜ ବସନ୍ତ ରାୟ, ସ୍ୱର୍ଗତ ଦାସଙ୍କ ସହକର୍ମୀ ଗୋପାଳ ଚନ୍ଦ୍ର ଜେନା ଓ ଅନୀଲ ପଟ୍ଟନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସାମ୍ବାଦିକ ସତ୍ୟପ୍ରିୟ ମହାନ୍ତି, ଆଇନଜୀବୀ ଉତ୍ପଳ କୁମାର ମହାନ୍ତି ଓ ନଳିନୀକାନ୍ତ ପଣ୍ଡା, ଡ. ଅନୁପ କୁମାର ମହାନ୍ତି ଓ ବାସନ୍ତୀ ନାୟକ ପ୍ରମୁଖ ଏଥିରେ ଯୋଗଦେଇ ସ୍ୱର୍ଗତ ଦାସଙ୍କ ଜୀବନାଦର୍ଶ ଓ ସାଂଗଠନିକ କାର୍ଯ୍ୟଧାରା ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ଜଣେ ନୀତିବାନ ଓ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ତାଙ୍କର ଅବର୍ତ୍ତମାନ ବାଲେଶ୍ୱର ପାଇଁ ଅପୂରଣୀୟ କ୍ଷତି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଦାସଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଓ ନିରବ ପ୍ରାର୍ଥନା ସହ ଦିବଂଗତ ଆତ୍ମା ପ୍ରତି ସମସ୍ତେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ସ୍ୱର୍ଗତ ଦାସଙ୍କ କନିଷ୍ଠ ପୁତ୍ର ପ୍ରିୟବ୍ରତ ଦାସ ଶେଷରେ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱର୍ଗତ ଦାସଙ୍କ ପତ୍ନୀ ପୁଷ୍ପଲତା ମହାନ୍ତି, ୨ ପୁଅବୋହୂ ଓ ଜ୍ଞାତିକୁଟୁମ୍ବମାନେ ଉପସ୍ଥିତ ଥିଲେ ।

## ଧାମନଗର କଲେଜର ନୂଆ ଅଧକ୍ଷ ଭାବେ ପବିତ୍ର ପାଣିଗ୍ରାହୀଙ୍କ ଦାୟିତ୍ୱ ଗ୍ରହଣ

ଧାମନଗର,୧୬/୦୯ (ନି.ପ୍ର): ଧାମନଗର ମହାବିଦ୍ୟାଳୟର ବହୁଦୀନର କଳ୍ପନା ଜଳ୍ପନାର ଅନ୍ତଘଟିଛି । ଧାମନଗର ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ପବିତ୍ର ପାଣିଗ୍ରାହୀ ଯୋଗଦାନ କରି କାର୍ଯ୍ୟଭାର ଗ୍ରହଣ କରିଥିବା ଜଣାଯାଇଛି। ତାଙ୍କୁ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷଙ୍କ ସମେତ ଅଧାପକ ଓ ଅଧାପିକା ଓ କର୍ମଚାରୀ ମାନେ ନୂତନ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି । ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗ ନିର୍ଦ୍ଦେଶ କ୍ରମେ ପ୍ରାଧ୍ୟାପକ ପବିତ୍ର ପାଣିଗ୍ରାହୀ ଐତିହ ସମ୍ପର୍ଣ୍ଣ ଧାମନଗର ମହାବିଦ୍ୟାଳୟର ନୂତନ ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। କିଛିମାସ ପାଇଁ ବାଲିଖଣ୍ଡ ମହାବିଦ୍ୟାଳୟର ପ୍ରତିଷ୍ଠାତା, କାର୍ଯ୍ୟନିବ;ହୀ ଅଧକ୍ଷ ଓ ସାଢେ ୩୬ବର୍ଷ ବିଏନ୍ଏମ୍ଏ କଲେଜ ପାଳିବିନ୍ଧାର ଅଧାପକ ଓ ପ୍ରାଧ୍ୟପକ ଓ ବିଭାଗର ମୁଖ୍ୟ ଭାବେ କାର୍ଯ୍ୟ କଳାପରେ ଗତ ଜୁଲାଇ ୧ତାରିଖରେ ସେ ଏହି ମହାବିଦ୍ୟାଳୟରେ ବିଭାଗୀୟ ମୁଖ୍ୟଭାବେ ଯୋଗଦେଇଥିଲେ। ପ୍ରକାଶ ଥାଉକି ଗପର ମୁହଁ ଗଳ୍ପ ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ଶ୍ରୀ ପାଣିଗ୍ରାହୀ ଓଡ଼ିଶା ସାହିତ୍ୟ ଏକାଡ଼େମୀର ଭଦ୍ରକ ଜିଲ୍ଲା ସଦସ୍ୟ ଏବଂ ସାଳନ୍ଦି ବହିମେଳା ଓ ରାଜ୍ୟ ସ୍ତରୀୟ କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ସଭାପତି ଅଛନ୍ତି। ଜଣେ ସୁବକ୍ତା ଓ ବିଶିଷ୍ଟ କଥା ଶିଳ୍ପୀ ଭାବେ ପରିଚିତ ପବିତ୍ରଙ୍କର ତିନିଟି ଇତିହାସ ପୁସ୍ତକ ସମେତ ସାହିତ୍ୟର ବିଭିନ୍ନ ବିଭାଗରେ ୪୦ରୁ ଉର୍ଦ୍ଧ୍ୱ ପୁସ୍ତକ ଗୋଟିଏ ଇଂରାଜୀ ପୁସ୍ତକ ମଧ ପ୍ରକାଶିତ। ଅଧକ୍ଷଭାବେ ତାଙ୍କର ଯୋଗଦାନରେ ମହାବିଦ୍ୟାଳୟ ଅଧାପକ, ଅଧାପିକା, କର୍ମଚାରୀ, ଛାତ୍ର ଛାତ୍ରୀ, ଅବିଭାବକ ତଥା ସ୍ଥାନୀୟ ଜନସାଧାରଣ ମଧରେ ଆନନ୍ଦ ପ୍ରକାଶ ପାଇଛି। ଅଧକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ସେ କଲେଜର ପ୍ରାଣ ପ୍ରତିଷ୍ଠାତା ତଥା ବିଶିଷ୍ଟ ରାଜନୈତିଜ୍ଞ ସ୍ୱର୍ଗତ ହୃଦାନନ୍ଦ ମଲ୍ଲିକଙ୍କ ପ୍ରତ୍ମୁର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପୂର୍ବତନ ଅଧକ୍ଷ ଡ଼ଃ. ସମୀର କୁମାର ହୁଇ, ପ୍ରାଧ୍ୟାପକ ବନମାଳି ଦାସ, ଗୋପାଳଚନ୍ଦ୍ର ବେହେରା, ସୁରେନ୍ଦ୍ର କୁମାର ଜେନା ପ୍ରମୁଖ ଅଧିକାଂଶ କର୍ମଚାରୀ ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ପାରାଦୀପ ରେ କୋଇଲା ପୁନଃ ପରିବହନ ପାଇଁ ଜରୁରୀକାଳୀନ ବୈଠକ



ପାରାଦୀପ,୧୬/୦୯ (ନି.ପ୍ର): ପାରାଦୀପ ବନ୍ଦର ରେ ମୁଖ୍ୟ ପଣ୍ୟ କାରବା ମଧ ରେ ବିଭିନ୍ନ କିସମର କୋଇଲା ଅନ୍ୟତମ । ଓଡିଶାର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ ଓ ବ୍ୟବସାୟୀମାନେ ନିଜର ଚାହିଦା ଅନୁଯାୟୀ ପାରାଦୀପ ବନ୍ଦର ମାଧମ ରେ ଟ୍ରକ୍ ଦ୍ୱାରା କୋଇଲା ପରିବହନ କରାଇଥାନ୍ତି । କିନ୍ତୁ ପାରାଦୀପ ର ଟ୍ରକ୍ ମାଲିକ ସଂଘ ମାନଙ୍କ ର ନିର୍ଦ୍ଧାରିତ ଅତ୍ୟଧିକ ପରିବହନ ଭଡା ଯୋଗୁଁ ଏସବୁ ସଂସ୍ଥାମାନେ ଗୋପାଳପୁର, ଧାମରା ଓ ଅନ୍ୟାନ୍ୟ ବନ୍ଦର ମାଧମ ରେ କମ୍ ପରିବହନ ଖର୍ଚ୍ଚ ରେ ସେମାନଙ୍କ ପଣ୍ୟ କାରବାର କରୁଛନ୍ତି । ଯାହା ଫଳରେ ପାରାଦୀପ ରେ ଟ୍ରକ୍ ମାଧମ ରେ କୋଇଲ୍ ପରିବହନ ଠପ୍ ହୋଇ ଯାଇଛି । ଯାହାର ସିଧା ନକାରାତ୍ମକ ପ୍ରଭାବ ଗାଡି ମାଲିକ, ବିଭିନ୍ନ ଷ୍ଟିଭେଡୋର୍ସ କମ୍ପାନୀ ସମେତ ପାରାଦୀପ ବନ୍ଦର ଉପରେ ପଡିଛି । ଏତଦ୍ ବ୍ୟତିତ ସମ୍ପ୍ରତି ଆଇରନ୍ ରପ୍ତାନୀ ବନ୍ଦ ଥିବାରୁ ହଜାର ହଜାର ଟ୍ରକ୍, ମେସିନ୍ ଇତ୍ୟାଦି ବେକାର ହୋଇ ଛିଡା ହୋଇଥିବା ବେଳେ ପାରାଦୀପ ବନ୍ଦର ର ସର୍ବଦା ପଣ୍ୟ ରେ ପୂର୍ଣ୍ଣ ପ୍ଲଟ ଗୁଡିକ ଖାଲି ପଡିଥିବା ଦେଖିବାକୁ ମିଳୁଛି । ତେବେ ଏହି ସମସ୍ୟା ର ସମାଧାନ ପାଇଁ ଓଡିଶା ର ବିଭିନ୍ନ ପ୍ଲାଣ୍ଟ ର ଅଧିକାରୀ, ବ୍ୟବସାୟୀ, ଷ୍ଟିଭେଡୋର୍ସ, ଟ୍ରକ୍ ମାଲିକ ସଂଘ ର ମିଳିତ ସମନ୍ୱୟ କମିଟି ର ଏକ ଗୁରୁତ୍ୱ ପୂର୍ଣ୍ଣ ବୈଠକ ପାରାଦୀପ ଏକ ହୋଟେଲ୍ ପରିସର ରେ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକ ରେ କୋଇଲା ଆମଦାନୀକାରୀ ସଂସ୍ଥା ଅଗ୍ରୱାଲ୍ କୋଲ୍, ଭିସା, ରମେଟ ଗୋଦାବରୀ, ଆନନ୍ଦ କାର୍ଗୋ ଇତ୍ୟାଦି ଙ୍କ ସମେତ ଟ୍ରକ୍ ମାଲିକ ସଂଘ ର ମିଳିତ ସମନ୍ୱୟ କମିଟି ର ସୁମନ୍ତ ବିଶ୍ୱାଳ, ଆଲୋକ ପରିଡା,ଷ୍ଟିଭେଡୋର୍ସ ସଂସ୍ଥା ର ଅକ୍ଷୟ ଚନ୍ଦ୍ର ସୁତାର, ପ୍ରଦୀପ ବୋଷ, ପ୍ରବାତ ନନ୍ଦୀ, ସୁବାସ ଆଚାର୍ଯ୍ୟ ପ୍ରମୁଖ ଏହି ବୈଠକ ରେ ଉପସ୍ଥିତ ରହି କୋଇଲା ପରିବହନ ଭଡା ତୁଳନାତ୍ମକ ଭାବେ କମ୍ କରି ପୁର୍ନବାର ପାରାଦୀପ ରେ ପରିବହନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆଲୋଚନା କରିଥିଲେ । ତେବେ ଏ ସଂପର୍କ ରେ ସହମତି ପ୍ରକାଶ ପାଇ ତୁରନ୍ତ କୋଇଲା ପରିବହନ କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣା ପଡିଛି ।

## ବନ୍ୟାଜଳରେ ହଜାର ହଜାର ହେକ୍ଟର ଚାଷଜମି ନଷ୍ଟ ଆଶଙ୍କା



ବାଲେଶ୍ୱର,୧୬/୦୯ (ନି.ପ୍ର): ଗତ ଲଗାଣ ବର୍ଷା ଛାଡ଼ି ଯାଇଥିଲେ ମଧ୍ୟ ବାଲେଶ୍ୱର ଜିଲାର ୩ ନଦୀରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିରେ କ୍ରମଶଃ ଉତ୍କଟ ହେବାରେ ଲାଗିଛି । ଜଳକା, ବୁଢ଼ାବଳଙ୍ଗ ଓ ଦୁବର୍ଣ୍ଣରେଖା ନଦୀ ବନ୍ୟା ଯୋଗୁଁ ବସ୍ତା, ସଦର ଓ ରମୁଣା ସମେତ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ପ୍ରଭୃତି ବ୍ଲକର ବହୁ ତଳିଆ ଅଞ୍ଚଳ ପାଣିଘେରକୁ ଚାଲିଯାଇଥିବା ଲକ୍ଷ୍ୟ କରାଯାଇଛି । ହଜାର ହଜାର ହେକ୍ଟର ଚାଷ ଜମି ଏବେ ପାଣିରେ ବୁଡ଼ି ଯାଇଥିବା ବେଳେ ପ୍ରଶାସନ ପକ୍ଷରୁ ଉଦ୍ଧାର ଓ ରିଲିଫ କାର୍ଯ୍ୟ ଜାରି ରହିଥିବା ଜରୁରୀକାଳୀନ ବିଭାଗ ପକ୍ଷରୁ କୁହାଯାଇଛି । ତେବେ ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବିପଦ ସଙ୍କେତର ନିକଟତର ହୋଇଥିବା ବେଳେ ଏହାର ପ୍ରଭାବରେ ରେମୁଣା ଓ ସଦର ବ୍ଲକର ଏକାଧିକ ତଳିଆ ଗ୍ରାମକୁ ଯୋଗଯୋଗ ବିଚ୍ଛିନ୍ନ ହୋଇଯାଇଛି । ଅଗ୍ନିଶମ, ଓଡ୍ରାଫ ଓ ଏନଡିଆରଏଫ ଟିମ ଉଦ୍ଧାର ଏବଂ ରିଲିଫ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି । ସେହିଭଳି ବୁଢ଼ାବଳଙ୍ଗ ନଦୀ ବନ୍ୟାଜଳ ସହରର ତଳି ଅଞ୍ଚଳ ଲୋକେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି । ଉଦ୍ଧାର ଲୋକଙ୍କୁ ଉଚ୍ଚସ୍ଥାନରେ ରଖାଯାଇ ଉଭୟ ଶୁଖିଲା ଓ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି । ଦୁଇବ୍ଲକ ଓ ପୌରାଞ୍ଚଳର ତଳି ଅଞ୍ଚଳରୁ ଅଦ୍ୟାବଧି ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୨୭୦ କଚ୍ଚାଘର ନଷ୍ଟ ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ସଦର ବିଧାୟକ ସ୍ୱରୂପ ଦାସ ଓ ତାଙ୍କର ସହଯୋଗୀମାନେ ବନ୍ୟା ଦୁର୍ଗତ ବିଭିନ୍ନ ଅଞ୍ଚଳକୁ ଯାଇ ରିଲିଫ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି । ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲାରେ ରାଜ୍ୟ ସରକାର ସମଗ୍ର ବିଶ୍ୱ ପାଇଁ ରୋଲ ମଡେଲ ହୋଇଥିବା ବେଳେ ବନ୍ୟାରେ ପ୍ରଭାବିତ ଲୋକଙ୍କୁ ସାହାଯ୍ୟ ସହଯୋଗ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିବା ବିଧାୟକ ଶ୍ରୀ ଦାସ କହିଛନ୍ତି ।

## ପିପିଲି ଉପନିର୍ବାଚନ ପାଇଁ କଂଗ୍ରେସର ସମନ୍ୱୟ କମିଟି ଗଠିତ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ପିପିଲି ଉପନିର୍ବାଚନର ସୁପରିଚାଳନା ନିମନ୍ତେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ କଂଗ୍ରେସ ଦଳ ପକ୍ଷରୁ କେନ୍ଦ୍ରୀୟ ସମନ୍ୱୟ କମିଟି ଓ ବିଧାନ ସଭା ସମନ୍ୱୟ କମିଟି ଗଠନ କରିଛନ୍ତି। କେନ୍ଦ୍ରୀୟ ସମନ୍ୱୟ କମିଟିରେ ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜିବ ବିଶ୍ୱାଳ ଅଧ୍ୟକ୍ଷ ଭାବରେ ରହିଥିବା ବେଳେ ଅନ୍ୟତମ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀ ଉପାଧକ୍ଷ ଭାବରେ ରହିଛନ୍ତି। ଏହି କମିଟିରେ ବିପିନ ଦାଶ, ପଂଚାନନ କାନୁନଗୋ, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ଜାନକୀ ବଲ୍ଲଭ ପଟ୍ଟନାୟକ, ରଜତ ଚୌଧୁରୀ, ମନୋରଞ୍ଜନ ଦାଶ, ମାନସ ଚୌଧୁରୀ, ଦେଓ ପ୍ରସାଦ ସଦସ୍ୟ ଭାବରେ ରହିଛନ୍ତି ଓ ଶ୍ରୀ ଯଜ୍ଞେଶ୍ୱର ବାବୁ ସଂଯୋଜକ ଭାବରେ ରହିଛନ୍ତି। ସେହିପରି ବିଧାନସଭା ସମନ୍ୱୟ କମିଟିରେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ ଅଧକ୍ଷ ରହିଥିବାବେଳେ ପିପିଲି ବ୍ଲକ କଂଗ୍ରେସ ସଭାପତି ଜିତୁ ପ୍ରକାଶ ପରିଡ଼ା, ପିପିଲି ଏନଏସି କଂଗ୍ରେସ ସଭାପତି ଶେକ ମେହେବୁବ, ଡେଲାଙ୍ଗ ବ୍ଲକ କଂଗ୍ରେସ ସଭାପତି ରବିନ୍ଦ୍ର କୁମାର ଦାସ, ମାନସ ଆଚାର୍ଯ୍ୟ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଶ୍ରମତୀ ନିରୁପମା ପାତ୍ର ସଦସ୍ୟ ଭାବରେ ରହିଛନ୍ତି ଓ ନିଶିକାନ୍ତ ମିଶ୍ର ସଂଯୋଜକ ଭାବରେ ରହିଛନ୍ତି ବୋଲି ପିସିସି କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

## ଜେଇଇ ପରୀକ୍ଷାରେ ପାରାଦୀପର ଆକାଶଙ୍କ ସଫଳତା



ପାରାଦୀପ,୧୬/୦୯ (ନି.ପ୍ର): ସଂପ୍ରତି ଜେଇଇ ମେନ୍ ପରୀକ୍ଷା ର ଫଳାଫଳ ପ୍ରକାଶ ପାଇଛି। ପାରାଦୀପ ର ଆକାଶ କୁମାର ବିଶ୍ୱାଳ ୯୯.୮୨ ପ୍ରତିଶତ ମାର୍କ ରଖି ସଫଳତା ଅର୍ଜନ କରିଛନ୍ତି । ପାରାଦୀପ ମେରାଇନ୍ ବିଭାଗ ରେ ସର୍ଭେୟର ଭାବେ କାମ କରୁଥିବା ଗଗନ ବିହାରୀ ବିଶ୍ୱାଳ ଓ ମାଆ ଶିକ୍ଷୟତ୍ରୀ ସସ୍ମିତା ଦାସ ଙ୍କ ବଡପୁଅ ଆକାଶ ପାରାଦୀପ ବେଥାନୀ କନ୍‌ଭେଣ୍ଟ ସ୍କୁଲ ରୁ ମାଟ୍ରିକ୍ ପରୀକ୍ଷା ରେ ୭୪ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । +୨ ଶିକ୍ଷା ବିକାଶ କଲେଜ ରୁ ୮୭.୦୩ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ । ଏହା ପରେ ସେ ଜେଇଇ ପାଇଁ ପାଠପଢା ଜାରୀ ରଖିଥିଲେ । ପାରାଦୀପ ର ଏହି କୃତି ଛାତ୍ର ଚଳିତ ଜେଇଇ ମେନ୍ ପରୀକ୍ଷା ରେ କୃତିତ୍ୱ ର ସହ ସଫଳ ହୋଇଥିବା ବେଳେ ବିଭିନ୍ନ ମହଲ ରୁ ଶୁଭେଚ୍ଛା ଜଣେଇଛନ୍ତି । ବାପା ଗଗନ ବିହାରୀ ବିଶ୍ୱାଳ, ମାଆ ସସ୍ମିତା ଦାସ ଓ ସାନ ଭଉଣୀ ଶ୍ରୀୟାଲକ୍ଷ୍ମୀ ବିଶ୍ୱାଳ ଆକାଶ ଙ୍କ ଏହି ସଫଳତା ପରେ ବେଶ୍ ଖୁସି ଜାହିର କରିଛନ୍ତି । ପାରାଦୀପ ର ଅନ୍ୟ ପିଲାମାନେ ଆକାଶ ଙ୍କ ପରି ହେବା କୁ ସେ ନିବେଦନ କରିଛନ୍ତି । କଠୋର ପରିଶ୍ରମ କଲେ ସଫଳତା ନଷ୍ଟେ ମିଳିବ ବୋଲି ଆକାଶ କହିଛନ୍ତି ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ତେବେ ଏହି ମୃତ୍ୟୁ ସଂଖ୍ୟା ରିଏଲ ଟାଇମ ନୁହେଁ । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୧୧୮ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଜିଲ୍ଲାରୁ ୨ ଜଣ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଜଗତସିଂହପୁର ଓ ଯାଜପୁର ଜିଲ୍ଲାରୁ ଜଣେ - ଜଣେ କରୋନା ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ଯେ ପ୍ରତ୍ୟେକ ଦିନ ଆସୁଥିବା ମୃତ୍ୟୁ ସଂଖ୍ୟା ସେହି ନିର୍ଦ୍ଦିଷ୍ଟ ଦିନର ନୁହେଁ । ବିଭିନ୍ନ ସ୍ତରରେ ଅଡିଟ କରା ଯାଇ ମୃତ୍ୟୁ ସଂଖ୍ୟା ଘୋଷଣା କରା ଯାଉଥିବା ବିଭାଗ ପକ୍ଷରୁ ସ୍ପଷ୍ଟୀକରଣ ଦିଆ ଯାଇଛି ।

## ରେଳମନ୍ତ୍ରୀଙ୍କୁ ଭେଟିଲେ ପ୍ରତାପ ଷଡ଼ଙ୍ଗୀ

ନୀଳଗିରି,୧୬/୦୯ (ନି.ପ୍ର): ବୁଧବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ଭେଟିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ । ବାଲେଶ୍ୱର ରେଳ ଲାଇନର ଉଭୟ ପାର୍ଶ୍ୱର ରାସ୍ତାର ଉନ୍ନତି ଓ ରକ୍ଷଣା ବେକ୍ଷଣ ପାଇଁ ବ୍ୟବସ୍ଥା କରିବା ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ରେଳମନ୍ତ୍ରୀ ଙ୍କ ସହ ଆଲୋଚନା କରିଥିଲେ । ଏହି ଆଲୋଚନାରେ ମୁଖ୍ୟତଃ ୪ଟି ଦାବୀ ରଖିଥିଲେ ଶ୍ରୀଯୁକ୍ତ ଷଡ଼ଙ୍ଗୀ । ଦାବୀଗୁଡ଼ିକ ହେଲା ବାଲେଶ୍ୱର ଜଳେଶ୍ୱର ସମେତ ସମସ୍ତ ରେଳ ଷ୍ଟେସନର ଉନ୍ନତିବିଧାନ ଓ ନବୀକରଣ, ବାଲେଶ୍ୱରରୁ ନୀଳଗିରି (ଗୋପିନାଥପୁର) ପର୍ଯ୍ୟନ୍ତ ପାସେଞ୍ଜର ଟ୍ରେନ ଚଳାଇବାର ବ୍ୟବସ୍ଥା, ନୀଳଗିରିର ଦୀର୍ଘ ବର୍ଷ ଧରି ବନ୍ଦ ହୋଇ ପଡ଼ିରହିଥିବା ନୀଳଗିରି ସ୍ଲିପର କୁ ଚାଲୁ କରାଇବା ସହିତ ଚାକିରି ହରାଇଥିବା ସମସ୍ତ କର୍ମଚାରୀ ଓ ଶ୍ରମିକମାନଙ୍କୁ ପୁନ ନିଯୁକ୍ତି ଦେବା, ବାଲେଶ୍ୱର, ବେତନଟୀ ରୁ ସୋର ପର୍ଯ୍ୟନ୍ତ ରେଳ ଲାଇନ ଉଭୟ ପାର୍ଶ୍ୱରେ ଏକ ପାଇଲଟ ପ୍ରକଳ୍ପ ଭାବେ ବାମନ ପ୍ରଜାତିର ନଡ଼ିଆ ଚାରା ରୋପଣ କରି ରକ୍ଷଣବେକ୍ଷଣ ପାଇ ପଞ୍ଚାୟତକୁ ହସ୍ତାନ୍ତର କରିବା ବିଷୟରେ ଦାବୀ ପତ୍ର ପ୍ରଦାନ କରିଥିଲେ । ମାନ୍ୟବର ମନ୍ତ୍ରୀ ଏହାକୁ ଅନୁଧ୍ୟାନ କରିଥିଲେ ।

## କେନ୍ଦ୍ରୀୟ ଏନସିସି କମିଟିର ଅଧକ୍ଷ ହେଲେ ପୂର୍ବ ସାଂସଦ ବୈଜୟନ୍ତ

କେନ୍ଦ୍ରାପଡ଼ା,୧୬/୦୯ (ନି.ପ୍ର): କେନ୍ଦ୍ରାପଡାର ପୂର୍ବତନ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କୁ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । କେନ୍ଦ୍ରୀୟ ଏନସିସି କମିଟିର ଅଧକ୍ଷ ଭାବେ ବୈଜୟନ୍ତ ପଣ୍ଡାଙ୍କୁ ନିଯୁକ୍ତି ଦିଆଯାଇ ଥିବାବେଳେ ଏହି କମିଟିରେ କ୍ରିକେଟ୍ ଟିମ୍‌ର ପୂର୍ବତନ କ୍ୟାପଟେନ ମହେନ୍ଦ୍ର ସିଂହ ଧୋନୀ, ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ଓ ସାଂସଦ ବିନୟ ସହସ୍ର ବୁଦ୍ଧେ ପ୍ରମୁଖ ସଦସ୍ୟ ଅଟନ୍ତି । ଶ୍ରୀ ପଣ୍ଡାଙ୍କ ଏହି ନିଯୁକ୍ତିରେ କିଶୋର କୁମାର ପଣ୍ଡାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତା ଶୁଭେଚ୍ଛା କଣାଇଛନ୍ତି ।

## ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ପକ୍ଷର ଶୁଭାରମ୍ଭ



ପାରାଦୀପ,୧୬/୦୯ (ନି.ପ୍ର): ଆଜାଦି କି ଅମୃତ ମହୋତ୍ସବ ପାଳନ ଅବସର ରେ ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ପକ୍ଷ ର ଶୁଭାରମ୍ଭ ହୋଇଛି । ଏହି ଅବସର ରେ ଗୁରୁବାର ଦିନ ପାରାଦୀପ ବନ୍ଦର ପ୍ରଶାସନିକ ଭବନ ପରିସର ରେ ବନ୍ଦର ଉପାଧକ୍ଷ ଏ.କେ.ବୋଷ ଙ୍କ ପୌରହିତ୍ୟ ରେ ଏହି ସମାରୋହ ର ଉଦ୍‌ଘାଟିତ ହୋଇଥିଲା । ଆଦର୍ଶ କୋଭିଡ୍-୧୯ ଗାଇଡ୍ ଲାଇନ୍ ପାଳନ କରାଯାଇ ଏହି ସମାରୋହ ର ଆୟୋଜନ କରାଯାଇଥିଲା । ବନ୍ଦର ର ବିଭାଗୀୟ ମୁଖ୍ୟ ଓ ବିଭାଗୀୟ ଉପମୁଖ୍ୟ ମାନେ ସ୍ୱଚ୍ଛତା ର ଶପଥ ନେଇଥିଲେ । ଏହି ପକ୍ଷ ପାଳନ ର ଅବ୍ୟବାହିତ ପୂର୍ବ ରୁ ବନ୍ଦର ପ୍ରଶାସନ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇ ସାରିଛି । ବନ୍ଦର ର କର୍ମଚାରୀ, ବିଭିନ୍ନ ବିଭାଗ ର ଅଧିକାରୀ ଓ କର୍ମଚାରୀମାନଙ୍କୁ ସ୍ୱଚ୍ଛତା ସଂପର୍କ ରେ ସଚେତନତା କାର୍ଯ୍ୟ କରାଯାଉଛି । ଆଦର୍ଶ କୋଭିଡ୍-୧୯ ଗାଇଡ୍ ଲାଇନ୍ ଅନୁଯାୟୀ ଏହି ପକ୍ଷ ପାଳନ ସମୟ ରେ ସମସ୍ତ କାର୍ଯ୍ୟ କରାଯିବା କୁ ସ୍ଥିର କରାଯାଇଥିବା ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାର ରୁ ସୂଚନା ମିଳିଛି ।

## ରାଜ୍ୟ ସରକାର ମରୁଡି ପ୍ରସଙ୍ଗ ଭୁଲିଯିବା ଦୁର୍ଭାଗ୍ୟଜନକ : ବିଜେପି

ଭୁବନେଶ୍ୱର,୧୬/୦୯(ନି.ପ୍ର): ରାଜ୍ୟରେ ଚଳିତ ବର୍ଷ ଭୟାବହ ମରୁଡି ସଙ୍ଗେ ସଙ୍ଗେ ଦାନବରୂପୀ ବର୍ଷା ଓଡିଶା ଚାଷୀକୂଳକୁ ସର୍ବଶ୍ୱାନ୍ତ କରିଛି । ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୭ଟି ଜିଲ୍ଲାରେ ହୋଇଥିବା ମରୁଡିକୁ ଆଖିରେ ନଦେଖିଲେ ବିଶ୍ୱାସ କରିହେବନାହିଁ । ବିଜେପି ର ୪ଟି ଟିମ୍ ମରୁଡି ଅଂଚଳ ଗ୍ରସ୍ତ କରାଯିବା ସହିତ ଦଳ ତରଫରୁ କ୍ଷତିଗ୍ରସ୍ତ ଅଂଚଳକୁ ମରୁଡି ଅଂଚଳ ଘୋଷଣା କରିବା, ରିଲିଫକୋର୍ଡ ଅନୁଯାୟୀ ସହାୟତା ପ୍ରଦାନ କରିବା, ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦେବା, ଭବିଷ୍ୟତ ଫସଲ ପାଇଁ ନିର୍ଦ୍ଧିଷ୍ଟ ସମୟ ସୀମା ମଧ୍ୟରେ ଜଳସେଚନ ପ୍ରକଳ୍ପ ଗୁଡିକୁ ସମ୍ପୂର୍ଣ୍ଣ କରିବା ଆଦି ଦାବୀ କରିଛି । ଧାନ ଓ ଅନ୍ୟାନ୍ୟ ଫସଲ ପାଇଁ ଆବଶ୍ୟକୀୟ ବର୍ଷା ୬୦/୭୦ ଦିନ ଧରି ନହୋଇଥିବା କାରଣରୁ ଚଳିତ ମାତ୍ରାଧିକ ବର୍ଷା ମରୁଡି କ୍ଷତିଗ୍ରସ୍ତ ଚାଷୀଙ୍କର ଉପକାରରେ ଆସିବ ନାହିଁ କି ଫସଲ ଆଉ ହେବ ନାହିଁ । ରାଜ୍ୟ ସରକାର କାଳିଆ ଯୋଜନାରେ ମାତ୍ର ୨୦୦୦ ଦେବା ଧର୍ମକୁ ଆଖିଠାର । ମରୁଡି ସଂକ୍ରାନ୍ତରେ ବିଧାନସଭା ଗୃହ ବିବୃତିରେ କୌଣସି ଘୋଷଣା କିମ୍ୱା ଚାଷୀଙ୍କୁ ସାହାଯ୍ୟକାରୀ ବ୍ୟବସ୍ଥା ଘୋଷଣା ନହେବା ନିନ୍ଦନୀୟ । ଅତିବୃଷ୍ଟିଙ୍କୁ ସରକାର ରାଜ୍ୟ ବିପତି ଘୋଷଣା ବେଳେ ଅନାବୃଷ୍ଟିକୁ ସମ୍ପୂର୍ଣ୍ଣ ଭୁଲିଯାଉଛନ୍ତି । ସରକାର ତୁରନ୍ତ ଉଭୟ ଅନାବୃଷ୍ଟି ଓ ଅତିବୃଷ୍ଟିଙ୍କୁ ଗୁରୁତ୍ୱ ଦେଇ ଆବଶ୍ୟକୀୟ ଘୋଷଣାନାମା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବାକୁ କୃଷକମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଦାବୀ କରିଛନ୍ତି । କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା ମନ୍ତ୍ରାଳୟ ଦ୍ୱାରା ରାଜ୍ୟ ପ୍ରକାଶିତ ତଥ୍ୟ ଅନୁଯାୟୀ ଓଡିଶା ଚାଷୀଙ୍କ ମାସିକ ଆୟ ଭାରତବର୍ଷରେ ୨ୟ ସର୍ବନିମ୍ନ ୫୧୧୨ଟଙ୍କା ହୋଇଥିଲା ବେଳେ ପ୍ରାକୃତିକ ବିପର୍ଯ୍ୟୟରେ ରାଜ୍ୟସରକାର ଯଦି ସହାୟତା ନ କରନ୍ତି ତେବେ କରିବେ କେବେ ? ସରକାର ଘୋଷଣା ସର୍ବସ୍ୱ ନହୋଇ ବିପତି ସମୟରେ ଯୁଦ୍ଧକାଳୀନ ସହାୟତା ଚାଷୀ ପଖରେ ପହଁଚାନ୍ତୁ ବୋଲି ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂ କହିଛନ୍ତି ।

## ଶାଳବଣୀରେ ଆଦିବାସୀଙ୍କ ମୌସୁମୀ ଖାଦ୍ୟ ପ୍ରଦର୍ଶନୀ



ନୀଳଗିରି,୧୬/୦୯ (ନି.ପ୍ର): ଗତକାଲି ବଣ ଧୂଳିର ଫୁଲ ଓ ଗୁଞ୍ଜ୍ ସଂଗଠନର ମିଳିତ ଉଦ୍ୟମରେ ନୀଳଗିରିର ମହିଷାପଟା ଗ୍ରାମ ପଞ୍ଚାୟତ ଅଧିନ ଜନଜାତିର ଗାଁ ଶାଳବଣୀ ଠାରେ 'ଆଦିବାସୀଙ୍କ ମୌସୁମୀ ଖାଦ୍ୟ ପ୍ରଦର୍ଶନୀ' କୋଭିଡ କଟକଣାକୁ ମାନି ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଭୂମିଜ ଜନଜାତିର ଦିନକୁ ଦିନ ହଜି ଯାଉଥିବା ପ୍ରାୟ ସାଠିଏ ପ୍ରକାର ପାରମ୍ପାରିକ ଖାଦ୍ୟ ପ୍ରଦର୍ଶନ କରାଯାଇଛି । ଏହି ପ୍ରଦର୍ଶନୀରେ କୁକୁଡା ମାଂସ, ଚାଉଳ, ସ୍ୱଳ୍ପ ତେଲ ଓ ବଟା ମସଲା ଦିଆ ଲେଠେ, ଗେଣ୍ଡା ପିଠା, କାଇ ଚଟଣୀ, ହଳଦୀ ପତ୍ରରେ ପୋଡା କରାଣ୍ଡି ମାଛ, ବାଡି ବଗିଚା ଓ ଜଙ୍ଗଲରେ ମିଳୁଥିବା ବିଭିନ୍ନ ଶାଗ, ପତ୍ରର ବିଭିନ୍ନ ପ୍ରକାର ଆମିଷ ଓ ନିରାମିଷ ଚଟଣି ଏବଂ ତରକାରୀ ସମେତ ପିଠା ଆଳୁ ଶିଝା ଆଦି ପ୍ରାୟ ୨୫ ପ୍ରକାରରୁ ଉର୍ଦ୍ଧ୍ୱ ଖାଦ୍ୟ ପନ୍ଦର ଜଣ ଭୂମିଜ ଜନଜାତିର ମହିଳାଙ୍କ ଦ୍ୱାରା ପାରମ୍ପରିକ ବେଷ ପୋଷାକ ଓ ସାଜସଜ୍ଜା ବହୁତ ମନ ମୁଗ୍ଧକର ହୋଇଛି । ଏହି ପ୍ରଦର୍ଶନୀରେ ବିଶିଷ୍ଟ ସାମାଜିକ କର୍ମୀ ନିଳିମା ହେମ୍ବ୍ରମ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିବା ବେଳେ କଳା ଓ ସଂସ୍କୃତିର ଉଦ୍ଧାରକ ଶିଳ୍ପୀ କେଶୁ ଦାସ ବୈଷୟିକ ପରାମର୍ଶ ଦେଇଛନ୍ତି । ଏହି ପ୍ରଦର୍ଶନୀରେ ପ୍ରଥମ ପୁରସ୍କାର ଲଳିତା ସିଂଙ୍କୁ ଟ.୧୫୦୦/-, ଦ୍ୱିତୀୟ ପୁରସ୍କାର କବିତା ସିଂଙ୍କୁ ଟ.୧୦୦୦/-, ତୃତୀୟ ପୁରସ୍କାର ଶ୍ରୀମତୀ ସିଂଙ୍କୁ ଟ.୫୦୦/- ଓ ଶାନ୍ତ୍ୱନା ପୁରସ୍କାର ଝିଲିମଣି ସିଂଙ୍କୁ ଟ.୨୫୦/- ବଣ ଧୂଳିର ଫୁଲର ଅନ୍ୟତମ ପ୍ରତିଷ୍ଠାତ୍ରୀ ବାସନ୍ତୀ ମଣି ସିଂଙ୍କ ତରଫରୁ ପ୍ରଦାନ କରାଯାଇ ଅଂଶଗ୍ରହଣକାରୀ ମାନଙ୍କୁ ପ୍ରୋତ୍ସାହିତ କରାଇଛି । ଏହି କାର୍ଯ୍ୟକ୍ରମକୁ ବଣ ଧୂଳିର ଫୁଲର ଅଧକ୍ଷ ବିଜୟ କୁମାର ଆଚାର୍ଯ୍ୟ, ପ୍ରମୁଖ କାର୍ଯ୍ୟ ନିର୍ବାହୀ ବାଇଧର ସିଂ, ଟ୍ରେଜରର ପ୍ରଣବ କୁମାର ସିଂ, ସଦସ୍ୟ ବୃନ୍ଦ ଦୁଖା ସିଂ, ବାଙ୍ଗୁରୁ ସିଂ, ମହେଶ୍ୱର ସିଂ, ନୀରମଣୀ ସିଂ, ପରମେଶ୍ୱର ସିଂ ସମେତ ଶାଳବଣୀ ଇଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଧ୍ୟକ୍ଷା ଆରତୀ ସିଂ ପ୍ରଭୃତି ଆୟୋଜନ କରିଛନ୍ତି ।

## ନିକଟ ପୋଖରୀରେ ଭାସୁଛି ଅଜଣା ବ୍ୟକ୍ତିର ମୃତଦେହ

ଭଦ୍ରକ,୧୬/୦୯ (ନି.ପ୍ର): ଆଜି ଭଦ୍ରକ ସହରରେ ଦେଖିବାକୁ ମିଳିଛି ଏକ ଅଭାବନୀୟ ଘଟଣା । ବଙ୍କସାହି ନିକଟରେ ଥିବା ଏକ ପୋଖରୀରେ ଏକ ଅଜଣା ଶବ ଭାସୁଥିବାର ଆଜି ଦେଖିବାକୁ ମିଳିଛି । ଶବଟି ପରିତ୍ୟକ୍ତ ଅବସ୍ଥାରେ ଭାସୁଥିବାର ଦେଖି ଗ୍ରାମବାସୀମାନେ ଭୟଭୀତ ହୋଇ ପୁଲିସ୍‌କୁ ଖବର ଦେଇଥିଲେ । ତେବେ ସହରା ଳ ଥାନା ପୁଲିସ୍ ଘଟଣାସ୍ଥଳରେ ପହ ତଦନ୍ତ ଆରମ୍ଭ କରିଥିଲେ ମଧ ଏପର୍ଯ୍ୟନ୍ତ ଶବଟିର ଚିହ୍ନଟ କରାଯାଇପାରିନାହିଁ । ଏହି ଘଟଣାଟିକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଭୟର ବାତାବରଣ ଖେଳିଯାଇଛି ।

## ବନ୍ୟାପାଣିରେ ଭୁଷୁଡିଲା ୩ ବଖରା ଘର



ବସ୍ତା,୧୬/୦୯ (ନି.ପ୍ର): ଲଘୁଚାପ ଜନିତଲଗାଣ ବର୍ଷା ପୁଣି ଜଳକାନଦୀ ରେ ବନ୍ୟାପାଣି ପ୍ରବାହିତ ହେଉଥିବାବେଳେ ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର ଜୈନିକ ବ୍ୟକ୍ତି ର ୩ବଖରା ମାଟି କାନ୍ଥ ଭୂଷୁଡି ପଡିଥିବାବେଳେ ନଡା ଛାତ ଛପର ଉଡିଯାଇଛି । ସୂଚନାରୁ ଯଣାପଡିଛି କାର୍ତ୍ତିକଦାସ (୫୧)ସ୍ତ୍ରୀ ବାସନ୍ତୀ ଦାସ(୪୫) ଙ୍କର୩ପୁଅଓ ୨ଝିଅ ମୋଟ ୭ ପ୍ରାଣିକୁଟୁମ୍ବ ଅନାବାଦି ଯାଗାରେ ମାଟି କାନ୍ଥ ରେ ୩ ବଖରା ଘର ତିଆରି କରିଥିଲେ । ସ୍ୱାମୀ ସ୍ତ୍ରୀ ପ୍ରତିଦିନ ଦିନ ମଜୁରୀ ଖଟି ଯାହା ରୋଜଗାର କରନ୍ତି ସେଇଥିରେ ଦୁଃଖେସୁଖେ ପରିବାର ପ୍ରତିପୋଷଣ କରିଆସୁଥିଲେ । ହେଲେ କୋଭିଡ କଟକଣାରେ ଦୁଇବର୍ଷଧରି ଅଭାବ ଅନାଟନରେ ଓଳିଏଖାଇ ଓଳିଏ ଉପବାସରେ ଦିନ କାଟୁଥିବାବେଳେ ନିଜର ବାସଗୃହ ଭୂଷୁଡି ଯିବା ଫଳରେ ସେମାନେ ମ୍ରିୟମାଣ ହୋଇ ସରକାରୀ ସାହାଯ୍ୟକୁ ଅନେଇବସିଛନ୍ତି । ତେବେ ତହସିଲଦାର ଯଥାଶିଘ୍ରତଦନ୍ତ କରି ସେମାନଙ୍କ ପଲିଥିନ ଓ ଗୋଟିଏ ଆବାସଯୋଜନାରେ ପକ୍କାଗୃହ ଯୋଗାଇଦେବାକୁ ସର୍ବସାଧାରଣରେ ଦାବି ହୋଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo